# ସରଗି ଫୁଲ

୨୦୦୯



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଭୁବନେଶ୍ୱର

# ସର୍ଗିଫୁଲ

କୈଶୋର-ସୃଜନ ସଂଗ୍ରହ

(ବାର୍ଷିକ ସଂଖ୍ୟା -୨୦୦୯)


ମୁଖ୍ୟ ସଂପାଦକ

ପ୍ରଫେସର ଅଖିଳ ବିହାରୀ ଓଟା

କାର୍ଯ୍ୟକାରୀ ଯୁଗ୍ମ ସଂପାଦକ

ଡଃ. ପ୍ରମୋଦ କୁମାର ପରିଡ଼ା

ଡଃ. ପରମାନନ୍ଦ ପଟେଲ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଭୁବନେଶ୍ୱର

କୈଶୋର ସୃଜନ ସଂଗ୍ରହ

# ସଂଗିଫୁଲ

ଷଷ୍ଠ ବର୍ଷ


*ମୁଖ୍ୟ ସମ୍ପାଦକ :*
ପ୍ରଫେସର ଅଖିଳ ବିହାରୀ ଓଟା
ସଦସ୍ୟ, ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

*କାର୍ଯ୍ୟକାରୀ ଯୁଗ୍ମ ସମ୍ପାଦକ :*
ଡକ୍ଟର ପ୍ରମୋଦ କୁମାର ପରିଡା
ଡକ୍ଟର ପରମାନନ୍ଦ ପଟେଲ

*ପ୍ରକାଶକ :*
ସଦସ୍ୟ, ସଚିବ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧
ଭୁବନେଶ୍ୱର - ୭୫୧୦୦୯

*ମୁଦ୍ରଣ*

ଭୋଲାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ
ଭୁବନେଶ୍ୱର - ୭୫୧୦୧୦

# ସୂଚୀପତ୍ର

## କବିତା ବିଭାଗ


| କ୍ରନଂ. | ସୃଷ୍ଟି | ସ୍ରଷ୍ଟା | | ପୃଷ୍ଠା |
|---|---|---|---|---|
| ୧. | ପିଲାଟିଏ - ସପ୍ନଟିଏ | ଶ୍ରୀ ବେହେରା ଖୁଣ୍ଟିଆ | ପଣ୍ଡୁପାଣି ଉଚ୍ଚ ବିଦ୍ୟାଳୟ | ୧ |
| ୨. | ଟିକି ଭାରତ | ଶ୍ରୀ ଖେଲାରାମ ହେମ୍ବ୍ରମ | " | ୧ |
| ୩. | ଆମ ଆଇ ଘର | ଶ୍ରୀ ସାଉନା କିସ୍କୁ | " | ୨ |
| ୪. | ଏମିତି କାହିଁକି କରିବି ମୁହିଁ | ଶ୍ରୀ କାହ୍ନୁ ଟୁଡୁ | " | ୨ |
| ୫. | ଗୁରୁ ବନ୍ଦନା | କୁମାରୀ ଲକ୍ଷ୍ମୀ ହାଁସଦା | କୁଜିଡିହି ଉଚ୍ଚ ବାଳିକା ବିଦ୍ୟାଳୟ | ୨ |
| ୬. | ମହକି ଯାଉଛି ପିଲାଙ୍କ ମନ | କୁମାରୀ ସରସ୍ୱତୀ ହେମ୍ବ୍ରମ | " | ୩ |
| ୭. | ଉଡି ଯା ରେ ମୋ ଚଢେଇ | କୁମାରୀ ମାଣିକ ମାର୍ଣ୍ଡି | " | ୩ |
| ୮. | ଏଇ ମୋ ଗାଁ | କୁମାରୀ ରଶ୍ମିତା ଟୁଡୁ | " | ୩ |
| ୯. | ପାଠର ମହତ୍ୱ | କୁମାରୀ ସମ୍ବାରୀ ମାର୍ଣ୍ଡି | " | ୩ |
| ୧୦. | କନ୍ୟା | କୁ. ସୁନିଆ ହାଁସଦା | " | ୪ |
| ୧୧. | ଝିଅ ଜନମ | କୁ. ଦୁଲାରୀ ମୁର୍ମୁ | " | ୪ |
| ୧୨. | ମନ | କୁ. ବାଲେ ବେଶ୍ରା | ଅସନଯୋଡା ଉଚ୍ଚ ବାଳିକା ବିଦ୍ୟାଳୟ | ୪ |
| ୧୩. | ଧୀର ହୁଅ | ଶ୍ରୀ ତୁଷାର ଚନ୍ଦ୍ର ବେହେର୍ଦ୍ଦଲାଇ | ଛେଲାଗଡ ଉଚ୍ଚ ବିଦ୍ୟାଳୟ | ୫ |
| ୧୪. | ନାଆଁ ମୋର ଝରଣା | ଶ୍ରୀ ତୁଷାର ଚନ୍ଦ୍ର ବେହେର୍ଦ୍ଦଲାଇ | " | ୫ |
| ୧୫. | ବାଇ ଚଢେଇ | ଶ୍ରୀ ମନୋଜ କୁମାର ବେହେର୍ଦ୍ଦଲାଇ | " | ୫ |
| ୧୭. | ସତକର୍ମ | ଶ୍ରୀ ମାଧବ କୁମାର ନାୟକ | " | ୬ |
| ୧୮. | ବିଦାୟ କାଳିନ | କୁ. କୁନ୍ତଳା ଦେହୁରୀ | କାନ୍ତୋଲ ଉଚ୍ଚ ବିଦ୍ୟାଳୟ | ୬ |
| ୧୯. | ଫୁଲ ବଗିଚା | କୁ. ଅଞ୍ଜଳୀ ସିଂହ | " | ୬ |
| ୨୦. | କବିତା ବହି | କୁ. ପଦ୍ମିନୀ ସିଂହ | " | ୭ |
| ୨୧. | ଜଗନ୍ନାଥ ଭଜନ | ଶ୍ରୀ ରମେଶ ଚନ୍ଦ୍ର ପ୍ରଧାନ | " | ୭ |
| ୨୨. | ମୋର ଜୀବନ କଥା | କୁ. ମିନତୀ ମୁଣ୍ଡା | " | ୭ |
| ୨୩. | ଖରାପ କାମ କରିବି ନାହିଁ | ଶ୍ରୀ ମଙ୍ଗଲ ଚରଣ ସିଂହ | ଶରତ ଉଚ୍ଚ ବିଦ୍ୟାଳୟ | ୮ |
| ୨୪. | ଭିନ୍ନ ଭିନ୍ନ ଯୁଗରେ ଭିନ୍ନ ଭିନ୍ନ ଅବତାର | ଶ୍ରୀ ସିଦିଓ ସିଂ | " | ୮ |
| ୨୫. | ଅସମ୍ଭବ | କୁ. ପଦ୍ମାବତୀ ନାୟକ | " | ୮ |
| ୨୬. | ଆଦିବାସୀ ଛାତ୍ରଙ୍କର ଛାତ୍ର ଜୀବନ | କୁ. ସାକାରୀ ସିଂ | " | ୯ |
| ୨୭. | ରେଲଗାଡି | ଶ୍ରୀ ଦାମୀଆ ସିଂ ଖୁଣ୍ଟିଆ | " | ୯ |
| ୨୮. | ଧନ୍ୟ ଭାରତ | କୁ. ସସ୍ମିତା ବେହେରା | ଶରତ ଉଚ୍ଚ ବିଦ୍ୟାଳୟ | ୯ |
| ୨୯. | ଗୋପବନ୍ଧୁ | ଶ୍ରୀ ଦୁଲୁମୁ ସିଂ | ଶରତ ଉଚ୍ଚ ବିଦ୍ୟାଳୟ | ୧୦ |
| ୩୦. | ପାଞ୍ଚ ଆଙ୍ଗୁଳି | କୁ. ରମ୍ୟା ନାଏକ | କାଦକଲା ଉଚ୍ଚ ବିଦ୍ୟାଳୟ | ୧୦ |
| ୩୧. | ଛୋଟ ପିଲାଟିଏ ଧର୍ମପଦ | ଶ୍ରୀ ନନ୍ଦ ଦେହୁରୀ | " | ୧୦ |
| ୩୨. | ଆମ ଖଣ୍ଡାଧାର | ଶ୍ରୀ ସଂଜ୍ଞୟ କୁ ଦଣ୍ଡଆସୀ | " | ୧୧ |
| ୩୩. | ଭଞ୍ଜଭୂମି କେନ୍ଦୁଝର | ଶ୍ରୀ ସୁଶାନ୍ତ କୁମାର ବେହେରା | " | ୧୧ |

| | | | | |
|---|---|---|---|---|
| ୩୪. | ଆସିଛି ମୁଁ ଶୀତ | ଶ୍ରୀ ପ୍ରଦୀପ କୁମାର ନାୟକ | କାଦକଲା ଉଚ୍ଚ ବିଦ୍ୟାଳୟ | ୧୨ |
| ୩୫. | ମାଣବସା ଗୁରୁବାର | ଶ୍ରୀ ଭାସ୍କର ପ୍ରଧାନ | " | ୧୨ |
| ୩୬. | ଆମରି ଗାଁ | କୁ. ଗିରିଜା ନନ୍ଦିନୀ ବାଘ | ଦେଓ କରଣପୁର ଉଚ୍ଚ ବିଦ୍ୟାଳୟ | ୧୨ |
| ୩୭. | ଯୁଗଳ ଦେବତା | ଶ୍ରୀ ଧନୁର୍ଦ୍ଧର ପ୍ରଧାନ | କାଦକଲା ଉଚ୍ଚ ବିଦ୍ୟାଳୟ | ୧୩ |
| ୩୮. | କୋଣାର୍କ ମନ୍ଦିର | ଶ୍ରୀ ନନ୍ଦ ଦେହୁରୀ | " | ୧୩ |
| ୩୯. | ଦୃଢ଼ ପ୍ରତିଜ୍ଞା ମୋର | ଶ୍ରୀ ସୁଶାନ୍ତ ବେହେରା | " | ୧୪ |
| ୪୦. | ରଖିବା ସଦା ଲୟ | ଶ୍ରୀ ସରୋଜ କୁମାର ନାୟକ | " | ୧୪ |
| ୪୧. | ଗାୟକ | ଶ୍ରୀ ସିମାଲ ହାସ୍‌ଦାଃ | " | ୧୪ |
| ୪୨. | ସାହସ ଓ ଧୈର୍ଯ୍ୟ | ଶ୍ରୀ ରାଜନ ନାଏକ | " | ୧୫ |
| ୪୩. | ପାଠ ଯିବ ନାହିଁ ବଳାଇ | ଶ୍ରୀକାନ୍ତ ସାମନ୍ତରାୟ | " | ୧୫ |
| ୪୪. | ବିଦ୍ୟାଳୟ | ଶ୍ରୀ ପ୍ରଦୀପ କୁମାର ନାଏକ | " | ୧୬ |
| ୪୫. | ଉତ୍କଳର ଦଶା | ଶ୍ରୀ ବନମାଳୀ ହେମ୍ବ୍ରମ୍ | ତ୍ରିଲୋଚନ ପୁର ଉଚ୍ଚ ବିଦ୍ୟାଳୟ | ୧୬ |
| ୪୬. | ଆମ ଜଙ୍ଗଲ | ଶ୍ରୀ ବିରାଙ୍ଗ କୁଜର | ରାଣ୍ଟୋବିର୍ ଉଚ୍ଚ ବିଦ୍ୟାଳୟ | ୧୬ |
| ୪୭. | ମା ପରି କିଏ ହେବ | ଶ୍ରୀ ରୋହିତ ନାଇକ | ତ୍ରିଲୋଚନ ପୁର ଉଚ୍ଚ ବିଦ୍ୟାଳୟ | ୧୭ |
| ୪୮. | ମୋ କଳା ଠାକୁର | ଶ୍ରୀ ଚନ୍ଦ୍ରମଣି ମୁର୍ମୁ | " | ୧୭ |
| ୪୯. | ୨୦୦୯ ଆହ୍ୱାନ | ଶ୍ରୀ କେଦାର ମାଝି | " | ୧୭ |
| ୫୦. | ପାରାରେ ପାରା | କୁମାରୀ ସୁଷମା ନାଇକ | " | ୧୭ |
| ୫୧. | ଛାତ୍ର | ଶ୍ରୀ ବାସୁନ୍ ଚନ୍ଦ୍ର ମୁର୍ମୁ | " | ୧୮ |
| ୫୨ | ଗଛଟିଏ ଲଗାଇବା | ଶ୍ରୀ ବାସୁନ୍ ଚନ୍ଦ୍ର ମୁର୍ମୁ | " | ୧୮ |
| ୫୩. | ବୃକ୍ଷ ହିଁ ଜୀବନ | ମମତା ହାସ୍‌ଦା | କୁଜିଡିହି ଉଚ୍ଚ ବିଦ୍ୟାଳୟ | ୧୮ |


## କଥା


| | | | | |
|---|---|---|---|---|
| ୧. | ବୁଦ୍ଧିର କରାମତି | ଶ୍ରୀ ହାଡିରାମ ମାଝୀ | କାଦକଲା ଉଚ୍ଚ ବିଦ୍ୟାଳୟ | ୧୯ |
| ୨. | ମିଛ କହିବାର 'ଲ | ଶ୍ରୀ ଦାଶରଥି ଦେହୁରୀ | " | ୨୦ |
| ୩. | ସୌନ୍ଦର୍ଯ୍ୟ ଖଣ୍ଡାଧାର | ଶ୍ରୀ ବୀରବର ଧାଙ୍ଗଡ | " | ୨୦ |
| ୪. | କି ସୁନ୍ଦର ପୃଥିବୀ | ଶ୍ରୀ ରଞ୍ଜନ କୁମାର ଦେହୁରୀ | " | ୨୧ |
| ୫. | କିଏ କାମ କରେ ନାହିଁ | ଶ୍ରୀ ଖଗେଶ୍ୱର ପ୍ରଧାନ | " | ୨୨ |
| ୬. | ହରିଣ ଦମ୍ପତିଙ୍କ କାହାଣୀ | ଶ୍ରୀ ଭାସ୍କର ପ୍ରଧାନ | " | ୨୩ |
| ୭. | ଚତୁର ବିଲୁଆ | କୁ. ଦିବ୍ୟରଶ୍ମୀ ରାଉତ | ରାଣ୍ଟୋବିର୍‌କରା ଉଚ୍ଚ ବାଳିକା ବିଦ୍ୟାଳୟ | ୨୩ |
| ୮. | କେଉଟ କଥା | କୁ. ସୁସ୍ମିତା ଦେହୁରୀ | " | ୨୪ |
| ୯, | ରାଜା ଓ ଶୁଆ କଥା | କୁ. ସୁସ୍ମିତା କିସାନ | " | ୨୬ |
| ୧୦. | ସବାଇ ଘାସର ସୃଷ୍ଟି | କୁ.ରେବତୀ ଓରାମ୍ | " | ୨୬ |
| ୧୧. | ଭାଲୁ ପାଇଲା ପାନେ | ଶ୍ରୀ ସନାତନ ବିନିସିଆ | ଶରତ ଉଚ୍ଚ ବିଦ୍ୟାଳୟ | ୨୭ |
| ୧୨. | ଚତୁର ଜ୍ୟୋତିଷ | ଶ୍ରୀ ବିଶ୍ୱଜିତ ପଣ୍ଡା | " | ୨୮ |
| ୧୩. | ଅନ୍ଧର ଲଉଡି | ଶ୍ରୀ ରମେଶ ଚନ୍ଦ୍ର ଦେହୁରୀ | କାନ୍ତୋଲ ଉଚ୍ଚ ବିଦ୍ୟାଳୟ | ୨୯ |
| ୧୪. | ଦୁଇ ଭାଇ | ଶ୍ରୀ ଗଣେଶ ଦେହୁରୀ | କାନ୍ତୋଲ ଉଚ୍ଚ ବିଦ୍ୟାଳୟ | ୩୦ |
| ୧୫. | ଧର୍ମ ଓ ଅଧର୍ମ | କୁ. ରତ୍ନ ମହୁରୀ ଦେହୁରୀ | " | ୩୧ |

| | | | | |
|---|---|---|---|---|
| ୧୬. | ସୁନୀଲ ତାର ଭୁଲ ବୁଝି ପାରିଲା | ପ୍ରଜ୍ଞା ପ୍ରିୟ ଦର୍ଶନ ଭୋଇ | " | ୩୨ |
| ୧୭. | ହଟହଟା ହେଲା ବୁଟୁ ଭାଇ | ଶ୍ରୀ ରବୀନ୍ଦ୍ର ମାର୍ଣ୍ଡି | " | ୩୨ |
| ୧୮. | ଟେନ୍‌ଟନ୍ ଗୋଟିଏ ଚତୁର ପିଲା | କୁ. ଶ୍ରୀମତୀ ଦେହୁରୀ | " | ୩୩ |
| ୧୯. | ଭାଗ୍ୟର କରାମତି | କୁ. ରଶ୍ମିତା ନାଏକ | " | ୩୪ |
| ୨୦. | ସତ୍ୟମେବ ଜୟତେ | ଶ୍ରୀ ଅନୀତା ବିଶ୍ୱାଳ | " | ୩୪ |
| ୨୧. | ଲୋଭର ଫଳ | କୁ. ବନୀତା ଦେହୁରୀ | " | ୩୫ |
| ୨୨. | ସାଙ୍ଗ ଚୟନ | ଶ୍ରୀ ରମେଶ ଚନ୍ଦ୍ର ପ୍ରଧାନ | " | ୩୬ |
| ୨୩. | ସତ୍ୟ କୁହ, କିନ୍ତୁ ପ୍ରିୟ ସତ୍ୟ | କୁ. ସୁଲୋଚନା ପାତ୍ର | ଅସନ ଯୋଡ଼ା ଉଚ୍ଚ ବିଦ୍ୟାଳୟ | ୩୭ |
| ୨୪. | ତଳେ ପଡିଗଲେ ଉଠାନ୍ତୁ ନାହିଁ | କୁ. ମାଇନ ସୋରେନ | " | ୩୭ |
| ୨୫. | ମାମୁନୀର ଇଚ୍ଛାଶକ୍ତି | କୁ. ସୁସ୍ମିତା ପାତ୍ର | " | ୩୮ |
| ୨୬. | କୋଇଲି ଓ ଶୁଆ | କୁ. ସୁଗୀ ଟୁଡୁ | କୁଜଡିହୀ ଉଚ୍ଚ ବାଳିକା ବିଦ୍ୟାଳୟ | ୩୮ |
| ୨୭. | ରାଜା ନିଜର ଭୁଲ ବୁଝି ପାରିଲେ | କୁ. ମଧୁମିତା ସିଂ | " | ୩୯ |
| ୨୮. | ବାଘୁଣୀ ବୁଦ୍ଧି ଶିଖିଲା | କୁ. ଗୀତାଞ୍ଜଳି ଗନ୍ତାୟତ | " | ୪୦ |
| ୨୯. | ଏକ ମଜାଦାର କଥା | କୁ. ଅର୍ଚ୍ଚନା ହେମ୍ବ୍ରମ | " | ୪୦ |
| ୩୦. | ଛୋଟପିଲାର ଅମର କିର୍ତ୍ତି | ଶ୍ରୀ ରାଜକୁମାର ପାତ୍ର | ପଣ୍ଡୁ ପାଣି ଉଚ୍ଚ ବିଦ୍ୟାଳୟ | ୪୧ |
| ୩୧. | ଆମ ଦାୟିତ୍ୱ | ଶ୍ରୀ ମାଝିଆ ସୋରେନ | " | ୪୨ |
| ୩୨. | ହସ କଥା | ଶ୍ରୀ ସଂବିତ୍ କୁମାର ପ୍ରଧାନ | ଅସନଯୋଡା ଉଚ୍ଚ ବାଳିକା ବିଦ୍ୟାଳୟ | ୪୩ |
| ୩୩. | ହସ କଥା | କୁ. ଅନୀତା ସିଂହ | ପଣ୍ଡୁ ପାଣି ଉଚ୍ଚ ବିଦ୍ୟାଳୟ | ୪୩ |
| ୩୪. | ମା ନାମ | ଇତିଶ୍ରୀ ଦଣ୍ଡସେନା | ଦେଓ କରଣପୁର ଉଚ୍ଚ ବିଦ୍ୟାଳୟ | ୪୫ |
| ୩୫. | ସତସତିଆ ମିତ | ଜ୍ୟୋତ୍ସ୍ନାରାଣୀ ବିଶ୍ୱାଳ | ଦେଓ କରଣପୁର ଉଚ୍ଚ ବିଦ୍ୟାଳୟ | ୪୬ |
| ୩୬. | ଗର୍ବକଲେ ଗର୍ବର ଫଳ ମିଳେ | ସୁବାସନୀ ଟପ୍ପୋ | ଦେଓ କରଣପୁର ଉଚ୍ଚ ବିଦ୍ୟାଳୟ | ୪୭ |
| ୩୭. | ଭାଇ ଭଉଣୀ ଓ ତାଙ୍କ କାହାଣୀ | ସରିତା ସାମାଦ୍ | ଦେଓ କରଣପୁର ଉଚ୍ଚ ବିଦ୍ୟାଳୟ | ୪୮ |
| ୩୮. | ଚତୁର ଗୁଣିଆ | ଅନୀତା କିଶାନ | ଦେଓ କରଣପୁର ଉଚ୍ଚ ବିଦ୍ୟାଳୟ | ୪୯ |
| ୩୯. | ଝିଅର ବୁଦ୍ଧି | ଅନୀତା ସିଂ | ଦେଓ କରଣପୁର ଉଚ୍ଚ ବିଦ୍ୟାଳୟ | ୫୦ |
| ୪୦. | ଦୁଷ୍ଟଙ୍କୁ ଦଣ୍ଡ | ହରିଶ ପ୍ରଧାନ | ଦେଓ କରଣପୁର ଉଚ୍ଚ ବିଦ୍ୟାଳୟ | ୫୦ |
| ୪୧. | ସମାଜ ଓ ଏଚ୍ ଆଇଭି | ଟଙ୍କଧର ମାଝୀ | ଦେଓ କରଣପୁର ଉଚ୍ଚ ବିଦ୍ୟାଳୟ | ୫୧ |


## ଆଦିବାସୀ ବିଭାଗ


| | | | | |
|---|---|---|---|---|
| ୧. | ମାନମୀ ସିର୍ଜନ | କୁ. ସବିତା ମାର୍ଣ୍ଡି | ପଣ୍ଡୁ ପାଣି ଉଚ୍ଚ ବିଦ୍ୟାଳୟ | ୫୨ |
| ୨. | ହଃ ସମାଜ | ଶ୍ରୀ ଭୁୟା ମୁଣ୍ଡା | କାଦକଲା ଉଚ୍ଚ ବିଦ୍ୟାଳୟ | ୫୨ |
| ୩. | ହୁଡିଞ୍ଜ ହବପସକାଅ ଓ ବାୟା ବୁହିଆ | ଶ୍ରୀ ଶାମୁ ହାଁସଦାଃ | ପଣ୍ଡୁ ପାଣି ଉଚ୍ଚ ବିଦ୍ୟାଳୟ | ୫୩ |
| ୪. | କୁମୁଦ ସତୟାନା | ଶ୍ରୀ ଭୁୟା ମୁଣ୍ଡା | କାଦକଲା ଉଚ୍ଚ ବିଦ୍ୟାଳୟ | ୫୪ |

## ସଂପାଦକୀୟ .....

କୈଶୋର ହିଁ ମଣିଷ ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅବସ୍ଥା । ସ୍ୱପ୍ନରେ ଭରିଯାଏ ଜୀବନ । ପ୍ରକାଶ ଉଦ୍‌ବିଗ୍ନ ହୋଇଉଠେ ପ୍ରାଣ ।  ଏ ପ୍ରକାଶ ପୁଣି ସ୍ୱୀକୃତିର ପ୍ରତୀକ୍ଷାରେ ତତ୍‌ପର ହୋଇଉଠେ । ଏଇ ମାନସ ପ୍ରକ୍ରିୟାର ଅଧୀନ ହୋଇ ଛପା ଅକ୍ଷରରେ ନିଜର ନାଁ ଓ ସୃଷ୍ଟିକୁ ଆବିଷ୍କାର କରି ଅନ୍ୟର ସ୍ୱୀକୃତିରେ ପୁଲ୍ଲକିତ ହେବା, ପୁଣି ସଞ୍ଚିତ ଭାବନାକୁ ସଂଚରିତ କରି ଅନ୍ୟର ଛାତିକୁ, ମନକୁ, ଛୁଇଁବାର ଆଗ୍ରହରେ ବିଭୋର ଏ କିଶୋର ପ୍ରାଣମାନଙ୍କର ବିନୀତ ତଥା ଦୃପ୍ତ ପ୍ରକାଶର ଫଳଶ୍ରୁତି - ''ସରଗି ଫୁଲ'' । ଘନ ବନାନୀର ଶୀତୁଆ ସକାଳକୁ ନିଜର ମହକରେ ମହକିତ ଓ ପୁଲ୍ଲକିତ କରୁଥିବା ଶାଳଫୁଲ ।

ସ୍ୱପ୍ନର ସଂଚରଣ, ପ୍ରତ୍ୟୟ ଓ ପ୍ରାତୀତିରେ ଅପେକ୍ଷାମାଣ କିଶୋରଙ୍କର ଜୀବନ ଦୃଷ୍ଟିର ଏ ମହକ - ବହୁବର୍ଣ୍ଣା ହୋଇ ସଂଚରିଯାଇଛି ।

କୈଶୋର ସୃଜନ ପ୍ରବଣତା, ଦକ୍ଷତା, ଉତ୍ସୁକତା ସବୁକୁ ଯଥାଯଥ ଭାବେ ଏଥିରେ ଉପସ୍ଥାପିତ କରାଯିବାର ପ୍ରୟାସ କରାଯାଇଛି ।

ସ୍ରଷ୍ଟାମାନଙ୍କର ପ୍ରଚେଷ୍ଟା ଅଜସ୍ର ସ୍ରାବୀ ହେବାର ସମ୍ଭାବନାରେ ଆମେ ଅଧିକ ଉଲ୍ଲସିତ ।

**ସମ୍ପାଦକ ମଣ୍ଡଳୀ**

# ସଦସ୍ୟ ସଚିବଙ୍କ କଲମରୁ ...

ଦୁଇ ବର୍ଷର ନିରବତା ପରେ ପୁଣି ''ସରଗି ଫୁଲ''ର ପ୍ରକାଶ । ଓଡ଼ିଶାର ଜନଜାତିଙ୍କ ଉଦ୍ଦେଶ୍ୟରେ ଅଭିପ୍ରେତ ବିଦ୍ୟାଳୟମାନଙ୍କରେ ଅଧ୍ୟୟନରତ ଜନଜାତିର କିଶୋର କିଶୋରୀଙ୍କର ଆତ୍ମପ୍ରକାଶର ଏ ପ୍ରୟାସ । ସ୍ୱପ୍ନକୁ ରୂପ ଦେବାର ଏ ଯତ୍ନ । ସେମାନଙ୍କ ଭିତରେ ଲୁକ୍‌କାୟିତ ପ୍ରତିଭାର ଅନ୍ୱେଷଣ ଓ ସମ୍ଭାବନାକୁ ପ୍ରୋତ୍ସାହିତ କରିବାର ଏକ ଯୋଜନାବଦ୍ଧ କାର୍ଯ୍ୟକ୍ରମ ।

ଏହି ପ୍ରେରଣା ଓ ଉତ୍ସାହ ଯେ ଦିନେ ସେମାନଙ୍କୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ଓଡ଼ିଆ ଭାବରେ ପରିଚିତ କରାଇ ପାରିବ - ଏ ବିଶ୍ୱାସ ମୋର ଅଛି ।

*ସଦସ୍ୟ ସଚିବ*

## ପିଲାଟିଏ -ସ୍ୱପ୍ନଟିଏ

ଶ୍ରୀ ବେହେରା ଖୁଣ୍ଟିଆ
ସପ୍ତମ ଶ୍ରେଣୀ

ଅତି ସୁକୁମାର ପିଲାଟିଏ ନିତି
ସକାଳୁ ସକାଳୁ ଆସି
ରେଳ ପ୍ଲାଟ୍‌ଫର୍ମ ରାସ୍ତା କଡେ କଡେ
ଚାଲୁଥାଏ ହସି ହସି ।୧।
କାନ୍ଧରେ ତାହର ବସ୍ତାଟିଏ ଧରି
ଗାଏ ପଦେ ପଦେ ଗୀତ
ବରଷା ଖରାର ବାଧା ଜାଣେ ନାହିଁ
ଡରେ ନାହିଁ କେବେ ଶୀତ ।୨।
ରେଳଧାର ତଳେ ପଡିଥାଏ ଯେତେ
ପ୍ଲାଷ୍ଟିକ୍ ବୋତଲ ଜରି
ତରତର କରି ଭରି ଦିଏ ନେଇ
ବସ୍ତାରେ ଯତନ କରି ।୩।
ମିଠା ପିଠା ବରା-ସିଙ୍ଗଡା କାକରା
ଖାଇ ବଳି ପଡେ ଯେବେ
ଫିଙ୍ଗି ଦେଇ ତାକୁ ରେଳ ରାସ୍ତାପରେ
ଯାତ୍ରୀ ଚାଲିଯାନ୍ତି ତେବେ ।୪।
ହରଷ ମନରେ ତାହାକୁ ଖାଇଣ
ପିଲାଟି ମେଣ୍ଟାଏ ଭୋକ
ବୋତଲ, ଜରିକୁ ଦୋକାନରେ ବିକି
ବିତାଏ ଜୀବନ ସେତ ।୫।
ମନେ କୋହ ଆସେ ଦେଖି ତା'ର ଦୁଃଖ
କିଏ ହେବ ତାକୁ ସାହା
ପିଲାଟି ଦିନରୁ ପାଠପଢା ଛାଡି
ଖୋଜେ ବଞ୍ଚିବାର ରାହା ।୬।
କାନ୍ଧରେ ତାହାର ବସ୍ତାନି ନଧରି
ଧରଇ ଭିକାରୀ ଝୁଲି
କିଏ ତାର ମାଆ କିଏ ତାର ବାପା
ସେନେହକୁ ଗଲେ ଭୁଲି ।୭।
ଲକ୍ଷ ଲକ୍ଷ ପିଲା ଭଲ ବାଟଛାଡି
ଅବାଟରେ ଯେବେ ଯିବେ
ଦେଶରୁ ଆମର ଅନୀତି, ଦୁର୍ନୀତି
ହଟି ପାରିବ କି କେବେ ?।୮।
ସବୁ ପିଲେ ଚାଲ ଇସ୍କୁଲକୁ ଯିବା
ନଘୁଞ୍ଚି ପଛକୁ ତିଳେ
ମାଟି ମାଆ ଆମ ଆନନ୍ଦେ ହସିବ
ପିଲାଏ ପାଠୁଆ ହେଲେ ।୯।

●●●

## ଟିକି ଭାରତ

ଶ୍ରୀ ଖେଲା ରାମ ହେମ୍ବ୍ରମ୍
ସପ୍ତମ ଶ୍ରେଣୀ

ଟିକିଟିକି ଭାରତୀୟ ଆମେରେ
କୁନି କୁନି ଭାରତୀୟ ଆମେରେ ।
ଭଲ ପାଠ ପଢିବା
ଭାରତକୁ ଗଢିବା
ଟିକି ଟିକି ଭାରତୀୟ ଆମେରେ
କୁନି କୁନି ଭାରତୀୟ ଆମେରେ (୨)
ବଡ ଲୋ ବଡ କହିଲୁ ତୁ
ହେବାକୁ ଆମେ ଭଲ ପିଲା
ହେବାକୁ ଆମେ ସୁନା ପିଲା (୨)
ଜାତିର ପାଇଁ ମୁକ୍ତି ପାଇଁ
ଦେଇ ଗଲେ ଯିଏ ଜୀବନ (୨)
ବଡ ଲୋ ବଡ କହଲି ତୁ !
ହେବାକୁ ଆମେ ଭଲ ପିଲା
ହେବାକୁ ଆମେ ସୁନା ପିଲା (୨)
ନମଃ ନମଃ ଜନନୀ ଭାରତ
ତୋର ପାଦ ତଳେ କୋଟି ପ୍ରଣତି
ଏହି ଲୁହ ଲହୁର ଇତିହାସ (୨)
ଟିକି ଟିକି ଭାରତୀୟ ଆମେରେ
କୁନି କୁନି ଭାରତୀୟ ଆମେରେ । (୨)

●●●

## ଆମ ଆଇ ଘର

ସାଉନା କିସ୍କୁ
ସପ୍ତମ ଶ୍ରେଣୀ

ଆମ ଆଇ ଘର ପାହାଡ କଡେ
ବାସେ ମହ ମହ ବଣୁଆ ଫୁଲ
ସକାଳେ ଯେଉଁଠେ ମହୁଲ ଝଡେ
ଆମ ଆଇ ଘର ନେଳି ଗଡିଆ
ନେଳି ଗଡିଆର ନେଳିଆ ଜଳେ ।

ଆମ ଆଇ ଘର ସୁନ୍ଦରୀ ଶାରୀ
ମନ ମତାଣିଆ ଗୀତ ତା' ଗାଇ
ଜୁଲୁଜୁଲୁ କରି ଅନାଇ ରହେ,
ମିଠା ମିଠା କେତେ କଥା ଯେ କହେ ।

ଆମ ଆଇ ଘର ଟିକି ବାଛୁରୀ
ଆଇ ତାକୁ ଡାକେ ଝୁମୁରୀ ବୋଲି
ନାଆଁ ଧରି ତା'ର ଡାକିଲେ କେହି
ଡେଇଁ ଡେଇଁ ଆସି ହୁଏ ଗେହ୍ଲେଇ ।

ଆମ ଆଇ ଘର ପୁଷୀ ମାଉସୀ
କ୍ଷୀର ପିଇ ସାରି ନିଶକୁ ପୋଛି
ଘୁଡୁର ଘୁଡୁର ଶବଦ କରି
ଆଇ ପଛେ ପଛେ ଯାଏ ସେ ଲୁଚି ।

ଆମ ଆଇ ଘର ପାହାଡ କଡେ
ବାସେ ମହ ମହ ବଣୁଆ ଫୁଲ
ସକାଳେ ଯେଉଁଠି ମହୁଲ ଝଡେ ।।

●●●

## ଏମିତି କାହିଁକି କରିବି ମୁହିଁ

ଶ୍ରୀ କାହ୍ନୁ ଟୁଡୁ
ଅଷ୍ଟମ ଶ୍ରେଣୀ

ଏମିତି କଥା କହିବି କାହିଁକି — କିଏ ସେ ବିଗିଡି ଯିବ
ଏମିତି କାମ କରିବି କାହିଁକି — କାହାର କ୍ଷତି ହେବ ।
ଏମିତି ଗୀତ ଗାଇବି ନାହିଁ — ଶୁଣୁ ନଥିବ କାନ ।
ଏମିତି ଚିନ୍ତା କରିବି ନାହିଁ — ବିଗିଡି ଯିବ ମନ ।
ଏମିତି ପାଠ ପଢିବି ନାହିଁ — ବେକାର ହୋଇଯିବି ।
ଏମିତି ଦୃଶ୍ୟ ଦେଖିବି ନାହିଁ — ଖରାପ ଥିବ ଛବି ।
ଏମିତି ଥାନେ ବସିବି ନାହିଁ — କହିବେ ଲୋକ ଉଠ ।
ଏମିତି ବକ୍କା କିହିବି ନାହିଁ — କେହି ନ କହୁ ବୁଝ ।
ଏମିତି ଖାଦ୍ୟ ଖାଇବି ନାହିଁ — ବିଗିଡି ଯିବ ପେଟ ।
ଏମିତି ଛାତ୍ର ହୋଇବି କାହିଁ — ପିଠି ଖାଇବ ଛାଟ ।
ଏମିତି ହେବି, ଗଢିବି ଦେଶ — ଗଢିବି ତା'ର ମାନ ।
ଖଣି ଖାଦାନ କୃଷି ଉଦ୍ୟାନ — ସବୁଠି ରଖିଜ୍ଞାନ ।

●●●

## ଗୁରୁ ବନ୍ଦନା

କୁମାରୀ ଲକ୍ଷ୍ମୀ ହାଁସ୍‌ଦା
ଅଷ୍ଟମ ଶ୍ରେଣୀ

ଘେନ ମୋ ପ୍ରଣାମ ଆହେ ପୂଜ୍ୟ ଗୁରୁଦେବ
ତୁମେ ବ୍ରହ୍ମା, ତୁମେ ବିଷ୍ଣୁ, ତୁମେ ହିଁ ତ ଶିବ ।
ଅଜ୍ଞାନର ଅନ୍ଧକାର କରିବାକୁ ଦୂର
ଜ୍ଞାନର ପ୍ରଦୀପ ତୁମେ ଜଳାଇଛ ଚିର ।
ପ୍ରତିଦାନେ ଏ ଦୁନିଆ କି ଦେଇ ପାରିବ ?
ଘେନ ମୋ ................................ ।

ତୁମେ ହିଁ ତ ଦେଖାଇଛ ସାଧନାର ବାଟ
ବାଟଭୁଲି ଗଲେ ପୁଣି କରିଛ ଆକଟ
ତମଠାରୁ ଶିଖେ ମୁହିଁ ଉତ୍ତମ ସ୍ୱଭାବ
ଘେନ ମୋ......................... ।

କରେ ମୁଁ ଶପଥ ଆଜି ତୁମ ନାମ ଧରି
ଚିରକାଳ ହେବି ମୁହିଁ ଜ୍ଞାନର ଭିକାରୀ
ତବାଶୀଷ ଲଭି ମୋ ଜୀବନ ଧନ୍ୟ ହେବ ।
ଘେନ ମୋ......................... ।

●●●

## ମହକିଯାଉଛି ପିଲାଙ୍କ ମନ

କୁମାରୀ ସରସ୍ୱତୀ ହେମ୍ବ୍ରମ୍
ସପ୍ତମ ଶ୍ରେଣୀ

ତ୍ରିରଙ୍ଗା ପତାକା ଉଡେଇ ଦିଅ
ଜାତୀୟ ସଙ୍ଗୀତ ଗାଅରେ ଗାଅ
ଯାଅରେ ପିଲାଏ ଏକାଠି ମିଳି
ବଜାଇ ପେଁକାଳି ମାରରେ ତାଳି ।
ମହାତ୍ମା ନେହେରୁ ଜୀବନୀ ଗୁଣ
କାନକୁ ଡେରିକି ଶୁଣରେ ଶୁଣ
ଖୁସିରେ ନାଚୁଥା ଥେଇକି ଥେଇ
ମିଠେଇ ଖାଉଥା ହରଷ ହୋଇ ।
ଜାତୀୟ ପତାକା ଜାତିର ଟେକ
ମନକୁ ଭାବୁଥା ସଭିଁଏ ଏକ
ଛବିଶ ତାରିଖ ପବିତ୍ର ଦିନ
ମହକି ଯାଉଛି ପିଲାଙ୍କ ମନ।

●●●

## ଏଇ ମୋ ଗାଁ

କୁମାରୀ ରଶ୍ମିତା ଟୁଡୁ

ଦୂର କାନନ ଦୂର ପାହାଡ ନିକଟେ ଆମ ଗାଁ
ଭାରି ସୁନ୍ଦର ଲାଗେ ମଧୁର କଉତୁକିଆ ନାଁ।

କେଉଁ କାଳରୁ ଆମ୍ବ ଗଛଟେ ଗାଁ ନିକଟେ ଅଛି
ଖରାରୁ ଆସି ବାଟୋଇ ଭାଇ ଛାଇରେ ବସୁଅଛି।

ଆମ ଗାଁର ଆର ମୁଣ୍ଡରେ ପୋଖରୀଟିଏ ଅଛି।
ଆମେ ସଭିଏଁ ନଅ ବାଜିଲେ ଗାଧୋଇ ଯାଉ ସେଠି।

ଆମ ଗାଁର ପଶ୍ଚିମ ଦିଗେ ମଙ୍ଗଳା ଠାକୁରାଣୀ
ଆମକୁ ସିଏ ଆଶିଷ ଦିଏ ଦୁଃଖକୁ ନିଏ ହରି ।

ଆମର ଗାଁ ଚାରିପାଖରେ ସବୁଜ ବିଲମାଳ
ଆମ ଜୀବନ ଅଟେ ସେ ପୁଣି ଶସ୍ୟ କ୍ଷେତାଗାର ।

ସବୁଜ ଘାସ ନୀଳ ଆକାଶ ବାଲିର କାନ୍ଥଘର
ହରଇ ସିଏ ମନଟି ମୋର ଏଇଟି ମୋ' ଘର ।

●●●

## ଉଡିଯାଆରେ ମୋ ବାଇଚଢେଇ

କୁମାରୀ ମାଣିକ ମାଣ୍ଡି
ସପ୍ତମ ଶ୍ରେଣୀ

ଚଢେଇରେ ଚଢେଇ, ଯା' ତୁ ଉଡି
ଆକାଶ ଛୁଇଁ
ସାରା ଦୁନିଆର ମାଲିକ ବସିଛି
ଯେଉଁଠି ରହି ।
ଦୁନିଆ ଯାକର ଦୁଃଖ କାହାଣୀ
କହିବୁ ତା' ଆଗେ ସବୁ ବଖାଣି
ସେନେହ ସରଧା ଭକତି ପ୍ରେମ
ହେଲାଣିରେ ଏଠି ସାତ ସପନ
ପର ଦୁଃଖେ କେହି ହୁଏନା ଦୁଃଖୀ
ସଭିଏଁରେ ସ୍ୱାର୍ଥ ନିଜର ସାଥୀ
ତା' ଶୁଭ ଆଶୀଷ ସାଥିରେ ଧରି
ଆସିବୁରେ ଏଇ ମରତେ ଫେରି
ହେଉ ସଦ୍‌ବୁଦ୍ଧି ହେଉ ସୁମତି
ସୁଖେ ଯାଉ ଆମ ଜୀବନ ବର୍ତ୍ତି।

●●●

## ପାଠର ମହତ୍ତ୍ୱ

କୁମାରୀ ସମାରୀ ମାଣ୍ଡି
ଷଷ୍ଠ ଶ୍ରେଣୀ

ଆସ ସାଙ୍ଗ ସାଥି ପଢିବା ପାଠ
ପାଠ ପରା ଭଉଣୀ ଦେଖାଏ ବାଟ।

ପାଠରେ ରହିଛି ଅନେକ ମଜା
କହିଛନ୍ତି ମୋର ଆଈ ଓ ଅଜା ।

ପାଠରୁ ଶିଖିବା ଅନେକ କଥା
ପାଠ ନ ପଢିଲେ ଜୀବନ ବୃଥା ।

ବିଦ୍ୟା ବୁଦ୍ଧି ଜ୍ଞାନ ନିତି ଦେଖାଏ
ଜୀବନ ବଞ୍ଚିବା ସିଏ ଶିଖାଏ ।

ପାଠ ପଢି ଆମେ ହେବା ମଣିଷ
ପାଠ ନପଢିଲେ ହେବା ହତାଶ ।

ପାଠର ମହତ୍ତ୍ୱ ସବୁଠୁ ବେଶି
ଜ୍ଞାନ ଅରଜିବା ହୋଇବା ଖୁସି ।

●●●

# କନ୍ୟା

କୁମାରୀ ସୁନିଆ ହାଁସଦାଃ
ଷଷ୍ଠ ଶ୍ରେଣୀ

ପଢ଼ିବି ପଢ଼ିବି, ମୁଁ ପାଠ ପଢ଼ିବି
ମଣିଷ ପରି ମୁଁ ମଣିଷ ହେବି ।
ଦିନେ ହେବି ମୁହିଁ କଳ୍ପନା ଚାୱାଲା
ଖୋଲିବି ମୁହିଁ ମହାକାଶ ତାଲା ।
ପୃଥିବୀବାସୀଙ୍କୁ ଦେଖାଇ ଦେବି
ଝିଅ ହୋଇ ମୁହିଁ କ'ଣ କରିବି ?
ଦେଉଛି ତୁମକୁ ଗୋଟିଏ ବାର୍ତ୍ତା
କର ନାହିଁ କେବେ କନ୍ୟାର ହତ୍ୟା
ସେହି ଝିଅ ଦିନେ ବଡ଼ ହୋଇବ
ଦେଶ ଜାତିର ସେ ନାଁ ରଖିବ ।
ସେ ଝିଅ ଜାତିର ମୁଁ ଅଟେ ଜଣେ
ଗୋଟେ ଅନୁରୋଧ ତୁମକୁ କରେ
ସେହି ଝିଅଙ୍କର ହତ୍ୟା ନକରି
ଗଢ଼ିଦିଅ ତାଙ୍କୁ ମଣିଷ ପରି
ସବୁ ଝିଅ ଦିନେ ପଢ଼ିବେ ପାଠ
ରଖିବେ ଦେଶ ଓ ଜାତିର ଟେକ ।

•••

# ମନ

କୁମାରୀ ବଳୀ ବେସ୍ରା
ନବମ ଶ୍ରେଣୀ

ମୁଁ ଯଦି ହୋଇଥାନ୍ତି ପ୍ରଜାପତି
ଫୁଲକୁ ଫୁଲ ମୁଁ ଉଡିବୁଲୁଥାନ୍ତି ।
ମୁଁ ଯଦି ହୋଇଥାନ୍ତି ନଡିଆ
ପିଲାମାନେ ଫଟେଇବେ ଫଟାଫଟ୍ ।
ମୁଁ ଯଦି ହୋଇଥାଆନ୍ତି କରେଇ
ଲୋକମାନେ ମାଂସ କରିବେ ରୋଷେଇ ।
ସମସ୍ତେ ଖାଆନ୍ତି ଚଟି ଚଟି,
ସରିଗଲେ ହୁଅନ୍ତି ଛାଟିପିଟି ।
ମୁଁ ଯଦି ହୋଇଥାନ୍ତି ବାଲ୍‌ଲାଇଟ୍
ରାତି ସହ କରିଥାନ୍ତି ଲଢେଇ ।

•••

# ଝିଅ ଜନମ

କୁମାରୀ ଦୁଲାରୀ ମୁର୍ମୁ
ଷଷ୍ଠ ଶ୍ରେଣୀ

ମାଆ ପେଟରୁ ମାରିବାକୁ ତାକୁ
କାହିଁକି ତମର ଆଶା
ମରୁମରୁ ଯଦି ବଞ୍ଚି ଜନମିଲା
କୁହ କେତେ କଟୁଭାଷା ।
ଝିଅ ଜନମ ବୋଝ ବୋଲି ମାତା
ବାପା, ଦାଦା, ମାମୁଁ, ଭାଇ
ସେହି ଝିଅ ତମ ମାଆକି ମାଉସୀ
ଭଉଣୀ ନହେଲେ ଆଈ ।
ମାଆ ନଥିଲେ କି ଜନମ ହୁଅନ୍ତେ
ଶିବାଜୀ, ନେହେରୁ, ଗାନ୍ଧୀ
ଭଉଣୀ ନଥିଲେ ରାକ୍ଷୀ ପୁନେଇରେ
କିଏ ଦେବ ରାକ୍ଷୀ ବାନ୍ଧି ।
ମାମୁଁ ଘରଗଲେ ଗେଲ କରିଯିଏ
ଖୁଆଇ ଦିଏ ସେ ମାଇଁ
ଶୋଇଗଲେ ଯିଏ ଗପ କହେ
ସିଏ ତ ଆମର ଆଈ ।
ଝିଅଟି ଯଦି ଜନମିଲା ଘରେ
କାହିଁକି ମନରେ ଦୁଃଖ
ସେଇ ଝିଅ ତୁମ କୂଳର ଲକ୍ଷ୍ମୀ
ଆଣିବ ଅସରା ସୁଖ ।
ସେ ପୁଣି ଦିନେ ଇନ୍ଦିରା, ନନ୍ଦିନୀ
ରାଣୀ ଲକ୍ଷ୍ମୀବାଈ ହେବ
କଳ୍ପନା, ସାନିଆ, ପିଟି ଉଷା ହୋଇ
ଦେଶକୁ ଗୌରବ ଦେବ ।
ଆହେ ବାପା ଭାଇ ଝିଅଟିଏ ମୁହିଁ
କରୁଛି ଏତିକି ଅଳି
ସେନେହ ପଛକେ ନଦିଅ ବା ଦିଅ
ପାଦରେ ଦିଅନି ଦଳି ।

•••

## ଧୀରହୁଅ

ତୁଷାର ଚନ୍ଦ୍ର ବେହେର୍ଢଲାଇ
ନବମ ଶ୍ରେଣୀ

ଧୀରହୁଅ, ଧୀରହୁଅ ଧୀର ହୁଅ ଭାଇ,
ଦୁନିଆଁରେ ଯେବେ ତୁମେ ହୋଇବ ବିଜୟୀ।
ବେଶିବାଟ ଚାଲିପାରେ ଯେହୁ ହୁଏ ଧୀର,
ଦଉଡିଲେ ଅଳ୍ପବାଟେ ହେବ ହରବର ।
ଧୀରେ ଧୀରେ ପାଠ ଯଦି ନିତି ପଢୁଥିବ,
ପଢିବା ବିଷୟ ସବୁ ମନେ ରହିଥିବ ।
ଧୀରଗାମୀ ପାଣି କାଟେ କଠିନ ପଥର,
ଧୀରେ ଗଲେ ଚଢେଇଆ ଧରିପାରେ ଚେର ।
ଧୀର ଶବଦ କାନକୁ ଶୁଭଇ ମଧୁର,
ଧୀର ହେଲେ ଛାତ୍ର ପ୍ରିୟ ହୁଏ ଗୁରୁଙ୍କର ।
ଧୀରେ ଥିଲେ ବଗ ପରା ଧରିପାରେ ମୀନ,
ଧୀର ଯାନ ସଡ଼କରେ ହୁଏ ବାଧା ହୀନ ।
ବୁଦ୍ଧିମାନ ସବୁବେଳେ ରହି ତେଣୁ ଧୀର,
ବିଜୟୀ ହୁଏ ସବୁଠି ଯଶ ରଖି ତା'ର ।

●●●

## ବାଇଚଢ଼େଇ

ମନୋଜ କୁମାର ବେହେର୍ଢଲାଇ
ଦଶମ ଶ୍ରେଣୀ

ବାଇଚଢେଇରେ ବାଇଚଢେଇ
କିଚିରି ମିଚିରି ହଉଛୁ କାଇଁ ।
ଭୋକ ହେଉଛି ନା ଶୋଷ ହେଉଛି
ଡ଼ହଳ ବିକଳ ତୋ ମୁହଁ ଦିଶୁଛି ।
ତୋ ମା ଆଣିବ ଖାଇବା ପାଇଁ
କିଛି ସମୟ ତୁ ରହିଥା ଚାହିଁ ।
ଆଣୁଥିବ ସିଏ ଖୁଦ ଚାଉଳ
ଖୁଆଇ ପିଆଇ କରିବ ଗେଲ।
ସଙ୍ଗରେ କହିବ ବୁଢ଼ୀ ମା' ଗପ
ତୁ ଶୋଇ ପଡିବୁ ଶୁଣି ଅଳପ ।

●●●

## ନାଆଁ ମୋର ଝରଣା

ତୁଷାର ଚନ୍ଦ୍ର ବେହେର୍ଢଲାଇ
ନବମ ଶ୍ରେଣୀ

କୁଳୁ କୁଳୁ ଗୀତ ଗାଇ
ପାହାଡ଼ରୁ ଆସେ ଧାଇଁ
ସଭିଙ୍କର ସେବା ପାଇଁ
ତେଇଁ ବାଟ ଅରଣା
ନାଁ ମୋର ଝରଣା ।

ଦୁଃଖ ସବୁ ପଛେ ଛାଡି
ତୁମ ପାଇଁ ସୁଖ ବାଢ଼ି
ଆଗକୁ ମୁଁ ଚାଲେ ମାଡି
ଜଳ କରି ଭରଣା
ନା ମୋର ଝରଣା ।

ତୁମ ପାଇଁ ଫୁଲ ଫଳ
ଉପୁଜାଏ ଦେଇ ଜଳ
ସାନଟିଏ ସିନା ମୁହିଁ
ତୁମ ହିତ-କରଣା
ନାଁ ମୋର ଝରଣା ।

ମୋ' କୂଳରେ କେତେ ଗାଁ
କେତେ ଲୋକ କେତେ ନାଁ
ସଭିଙ୍କର ସାଥୀ ମୁହିଁ
ସେନେହର ବରଣା
ନାଁ ମୋର ଝରଣା

●●●

## ସତ୍‌କର୍ମ

ମାଧବ କୁମାର ନାୟକ
ଦଶମ ଶ୍ରେଣୀ

କଥାଟି ଛୋଟିଆ ହୋଇଥିଲେ ସୁଦ୍ଧା,
ନକରିବ ତାକୁ ହେଳା ।
ହେଳା କଲେ ବାବୁ ସଂସାର ସାଗରେ
ବୁଡ଼ି ଯିବ ତୁମ ଭେଳା ।
ସହାୟ ମିଳିବା ହୋଇବ ଦୁର୍ଲଭ
କେହି ନ ହୋଇବେ ସାହା ।
ଏଣୁ ନିଷ୍ଠାପୁତ ଭାବେ କାମ କର
ପାଇବାକୁ ନିଜ ରାହା ।
ମଣିଷ ଜୀବନ ପାଇଅଛୁ ଯେଣୁ,
କରହେ ତାକୁ ସଫଳ ।
ଅନ୍ୟର ସେବାରେ ନିଜକୁ ମଜାଇ,
ଲଭ ବିଭୁ କୃପାଫଳ ।
ଜୀବନ ବର୍ତ୍ତିକା ଲିଭି ଲିଭି ଯାଏ
ବୟସ ବଢ଼ିବା ସହ ।
ରୋଗଜରା ଆଦି ଦେହୁ ନ ଛାଡ଼ଇ,
ଦୁଃଖ ଦିଏ ଅହରହ ।
ଏଣୁ ବାବୁ ବଳ ଥିବା ଯାଏ ଦେହେ,
କରିଯାଅ ସତ୍‌କର୍ମ ।
ପାଇବ ସମ୍ମାନ ଇହପର କାଳ,
ସାର୍ଥକ ହେବ ଜୀବନ ।

•••

## ବିଦାୟ ବେଳା

କୁନ୍ତଳା ଦେହୁରୀ
ଦଶମଶ୍ରେଣୀ

ଆମ ଉପବନେ ଫୁଲଟିଏ ହୋଇ
ଫୁଟି ଥିଲ ଦିନେ ତୁମେ
କଥା କହୁଥିଲ ସ୍ନେହ ବାଣ୍ଟୁଥିଲ
କେମିତି ଭୁଲିବୁ ଆମେ .......(୨)
ଫିକା କୁଞ୍ଜବନ ଫିକା ରାଧା ମନ
ଫିକା ସବୁ କାହ୍ନୁ ବିନା
ଫିକା ଆମ ମନ ଫିକା ଉପବନ
ଫିକା ଲାଗେ ତୁମ ବିନା
ଏଠି ରହିଥିଲୁ ବାଟ ଚାଲୁଥିଲୁ
ଭୟ ନଥିଲା ତ ମନେ .......(୨)
ପର କରି ଦେଇ ଚାଲି ଯାଅ ତୁମେ
ଦୁଃଖ ଦେଇ ଆମ ମନେ
ହେ ବର ବରଣ୍ୟେ ଗୁରୁଜୀ ପ୍ରଧାନ
ପ୍ରଣାମ କରହେ ଘେନା
ଚଲାପଥ ତୁମ କୁସୁମିତ ହେଉ
ଏଇ ଆମରି କାମନା ........(୨)

•••

## ଫୁଲ ବଗିଚା

ଅଞ୍ଜଳି ସିଂହ
ନବମ ଶ୍ରେଣୀ

ବଗିଚାଟି ଆମ କେଡେ ସୁନ୍ଦର ।
ଫୁଲ ବଗିଚାର ଫୁଲଟିଏ ହୋଇ
ମନ ବଗିଚାରେ ପ୍ରୀତି ଫୁଲଟିଏ,
ମନ ନେଇଯାଏ କିଣି ।
ଫୁଲ ଚମକରେ ମନଭରିଯାଏ
ବାସ୍ନା ମହକେଇ ଦିଏ ।
ଛୋଟ ହୋଇଥିଲେ ଫୁଲଟି ମଧ୍ୟ
ଆଦର କରନ୍ତି ସଭିଏଁ
ମନ ମହକରେ ଭରିଦିଏ ମନ
ଫୁଲ ବଗିଚାରେ ପ୍ରଜାପତି ବସି
ଶୋଷି ନେଇଁଯାଏ ରସ ।
ଗଛଲତା ନଦୀ ପାହାଡ଼ ପର୍ବତ
ଦେଖି ମନହୁଏ ଖୁସି
କୁଳୁକୁଳୁ ହୋଇ ବହି ଯାଉଥାଏ,
ଛୋଟ ଝରଣାର ପାଣି ।
ଉଡି ଉଡି ପ୍ରଜାପତି ବସି ଯାଏ ପାଖେ
ପବନ ବହିଲେ ଝଡିଯାଏ
ରାତି ପାହିଗଲେ ଫୁଲ ଫୁଟିଯାଏ ।
ମନ ହୋଇଯାଏ ଖୁସି
ବଣ ପର୍ବତରେ ପାହାଡ କୋଳରେ
ଝରି ଯାଉଥାଏ ଝରଣାଟିଏ,
କୋଇଲି ବୋବାଏ କୁହୁକୁହୁ
ମନ ହୋଇଯାଏ ଶୁଣିବାକୁ ମୋର,
କୋଇଲି ସ୍ୱରର କୁହୁ ।

•••

## କବିତା ବହି

କୁମାରୀ ପଦ୍ମିନୀ ସିଂହ
ସପ୍ତମ ଶ୍ରେଣୀ

ବହିଟି ମୋର, ଅତି ନିଜର ।
ତା'ପରି କେହି ନାହିଁ ନଥିଲେ ଶୋଇଁ
ଦିଏ ଶୁଆଇ ନୂଆ କଥାଟି କହି
ଆଇ ମା' ବୁଢୀ

ଲୋକ କାହାଣୀ ଦେଶ ବିଦେଶ ଗାଥା,
ବଣ ମୂଳକ ଗପ, ଗାଆଁ କଥାର
ରାଜା କାହାଣୀ କହି ।

ଦିଖାଇ ଦିଏ ଜ୍ଞାନ ବିଜ୍ଞାନ, ମତେ ଯେ ଏହି ବହି
କେତେ ଯେ ବୀର, ଜୀବନ ଦେଇ
ଦେଶର ରକ୍ଷା ପାଇଁ ।

•••

## ଜଗନ୍ନାଥ ଜଣାଣ

ରମେଶ ଚନ୍ଦ୍ର ପ୍ରଧାନ
ନବମ ଶ୍ରେଣୀ

ହେ ପ୍ରଭୁ ମହାବାହୁ ....................।୨।
ତୁମ ଚରଣ ତଳେ ମୋ ଜୀବନ ରହି ଧନ୍ୟ ହେଉ
ହେ ପ୍ରଭୁ ମହାବାହୁ ..................।୦।
ତୁମ ଚରଣର ଧୂଳି ତ ମୋ ମଥାର ସିନ୍ଦୂର
ସେ ସିନ୍ଦୂର ଲାଗିଥିଲେ
କାହାକୁ ବା ମୋର ଡର
ହେ ପ୍ରଭୁ କଳା ଠାକୁର
ତୁମେ ମୋର ମୁଁ ତୁମର
ହେ କଳା ଠାକୁର ତୁମେବା କାହାର
ତୁମେ ତ ସାରା ଜଗତର
ହେ ପ୍ରଭୁ କଳା ଠାକୁର
ତୁମେ ବଡ଼ ଯାଦୁଗର
ତୁମେ ତ ଆମରି ଶୁଣିବା ଗୁହାରି
ତୁମ ବିନା ନାହିଁ କେହିତ ମୋହରି
ହେ ପ୍ରଭୁ ଜଗନ୍ନାଥ
ମୁଁ ଦୀନ, ହୀନ ତୁମରି ଭକତ
ମୁଁ ତମ ଶରଣାଗତ
ହେ ପ୍ରଭୁ ଜଗନ୍ନାଥ ।୨।

•••

## ମୋର ଜୀବନ କଥା

ମିନତୀ ମୁଣ୍ଡା
ନବମ ଶ୍ରେଣୀ

ମୁଁ ବୋଲି ଜଣେ ଏକା ମୁଁ ନିଜର ହୋଇ ।
ଏ ମନ ମନ ବୋଲି ମନ ହୋଇ
ମନରେ କିଛି ଭାବେ ନାହିଁ ।
ଏ ଆଖି ଆଖି ବୋଲି ହୋଇ
ସେ କେବେ ସପନ ଦେଖେ ନାହିଁ।

ଏ ଫୁଲ ଫୁଲ କୁହି ମୁଁ କେବେ ତୁଳେ ନାହିଁ ।
ଏ ସାଥି ସାଥି କହି ସାଥି କଥା କେବେ ଭାବେ ନାହିଁ।
ଏ ରାତି ରାତି ହୋଇ ପୁଣି ଦିନ ଆସେ
ମନକୁ ମୋର ଛୁଇଁ ଛୁଇଁ
ତଥାପି ମୁଁ କେବେ କହେନା ଯେ
ରାତି ମତେ ଆସି କରୁଛି ପ୍ରୀତି ।

ଏମିତିକା ଅମାନିଆଁ ମୋର ମନ
ମୋର ହୋଇ ଏକା ନିଜର ହୋଇ ରହିଛି ଏ ଜୀବନ
ଜୀବନର ମାନେ କିଛି ନାହିଁ ବୁଝେଇଲେ ବୁଝୁନାହିଁ ।

କାହା ଆଗେ କହି ଦେବି ମୁଁ
ମୋ ମନ କଥା କିଛି ଭାବି ପାରୁନାହିଁ।
ତେବେ ମୁଁ ଆଜି ଲେଖୁଛି ମୋର ଏହି କବିତାରେ
ମୋର ଜୀବନ କଥା ।

•••

## ଖରାପ କାମ କରିବି ନାହିଁ

ଶ୍ରୀ ମଙ୍ଗଳ ଚରଣ ସିଂହ
ସପ୍ତମ ଶ୍ରେଣୀ

ଖରାପ କାମ କରିବି ନାହିଁ
ନାଁଆରେ ନା ପାଠ ପଢା କେବେ ଛାଡିବି ନାହିଁ
ଛାଡିଲେ ପଢା ସୁଯୋଗ ଆଉ ମିଳିବ ନାହିଁ
ନାଁଆରେ ନା ମିଛ ମୁଁ କେବେ କହିବି ନାହିଁ,
ହୋଇଲେ ଦୃଷ୍ଟ ଭଲ ପିଲା ହୋଇପାରିବି ନାହିଁ
ନାଁଆରେ ନା ଖରାପ ଜଣ କରିବି ନାହିଁ,
ଖରାପ କାମ କଲେ ପ୍ରଭୁ କ୍ଷମା ସହିବେ ନାହିଁ
ନାଁଆରେ ନା ଚୋରି କେବେ କରିବି ନାହିଁ,
କରିଣ ଚୋରି ଥାନା ଫାଣ୍ଡି ଯାଇପାରିବି ନାହିଁ,
ନାଁଆରେ ନା ଅଳସୁଆ ମୁଁ ହୋଇବି ନାହିଁ,
ଅଳସୁଆ ହେଲେ ସୁଖ କେବେ ଆସିବ ନାହିଁ
ନାଁଆରେ ନା ଖରାପ କଥା କହିବି ନାହିଁ କି ଶୁଣିବି ନାହିଁ
ଖରାପ ଦୃଶ୍ୟ ଦେଖିବି ନାହିଁ, ଦେଖିବି ନାହିଁ
ଇଶ୍ୱର ଆଲ୍ଲା ତେରେ ନାମ ସବ୍‌କୋ ସନ୍‌ମତି ଦେ ଭଗବାନ..।

•••

## ଅସମ୍ଭବ

କୁମାରୀ ପଦ୍ମାବତୀ ନାଏକ
ଅଷ୍ଟମ ଶ୍ରେଣୀ

ବାଘ ପିଠିରେ ଛେଳି ବସିଛି
ଛେଳି ପିଠିରେ ହାତୀ
ପିମ୍ପୁଡି ସାଇକେଲ୍ ଚଲାଏ
ଫୁଲାଇ ନିଜର ଛାତି ।
କୁକୁର ଭାଇ ଗୀତ ଗାଉଛି
ମେଣ୍ଢା ପିଠିରେ ବସି
ବିଲୁଆ ନନା ଶୁଆଇ ଦିଏ
କୁକୁଡା ପିଠିକୁ ଆଉଁସି ।
ସାପ ଭାଇନା ଦୁଃଖରେ ବସେ
ଦେଖି ବେଙ୍ଗର ମୃତ୍ୟୁ
ଓଇ ନାନୀ ସିଏ ଖୁସିରେ ନାଚେ
ଆସିଲେ ବର୍ଷା ଋତୁ ।।

•••

## ଭିନ୍ନଭିନ୍ନ ଯୁଗରେ ଭିନ୍ନଭିନ୍ନ ଅବତାର

ଶ୍ରୀ ସିଦିଓ ସିଂ
ସପ୍ତମ ଶ୍ରେଣୀ

ଭିନ୍ନଭିନ୍ନ ଯୁଗରେ ତୋର ଭିନ୍ନଭିନ୍ନ ଅବତାର
କୋଟିଏ ମାନବ ତୁ ଗୋଟିଏ ଜଗା
ତ୍ରେତୟା ଯୁଗରେ
ରାମ ଅବତାର
ରାବଣକୁ ବିନାଶ କରି
ଜଗତ ଉଦ୍ଧାର କଲୁ
ଭିନ୍ନଭିନ୍ନ ଯୁଗରେ ତୋର ଭିନ୍ନ ଭିନ୍ନ ଅବତାର
କୋଟିଏ ମାନବ ତୁ ଗୋଟିଏ ଜଗା ।
ଦ୍ୱାପର ଯୁଗରେ କୃଷ୍ଣ ଅବତାର
କଂସକୁ ବଧ କରି
ମାନବ ଜାତିକୁ ଉଦ୍ଧାର କଲୁ
ଭିନ୍ନ ଭିନ୍ନ ଯୁଗରେ ତୋର ଭିନ୍ନ ଭିନ୍ନ ଅବତାର
କୋଟିଏ ମାନବତୁ ଗୋଟିଏ ଜଗା ।
ତ୍ରେତୟାର ଋଣ ଶୁଝି ନପାରି
ଦ୍ୱାପରରେ ପ୍ରଣାମ କଲୁ
ଲକ୍ଷ୍ମଣକୁ ବଳରାମ ରୂପରେ
ଜଗନ୍ନାଥ ଅବତାରକୁ ଅଧା ରହିଗଲା
କାହିଁକି ମାନବର ପ୍ରକୃତି
ଭିନ୍ନ ଭିନ୍ନ ଯୁଗରେ ତୋର ଭିନ୍ନ ଭିନ୍ନ ଅବତାର
କୋଟିଏ ମାନବ ତୁ ଗୋଟିଏ ଜଗା ।
କଳିଯୁଗରେ ତୋର କାଳିଆ ଅବତାରକୁ
ମୋର ଅନନ୍ତ କୋଟି ପ୍ରଣାମ ।

•••

## ଆଦିବାସୀ ଛାତ୍ରଙ୍କର ଛାତ୍ର ଜୀବନ

ସାକାରୀ ସିଂ
ନବମ ଶ୍ରେଣୀ

ଆଦିବାସୀ ଆମେ ଆଦିବାସୀ
ଆମେ ଏ ଭାରତର ଆଦିବାସୀ
ସ୍କୁଲ କଲେଜ ଆମ ପାଇଁ ଭଲ
ଏଇଁ ଠେଇଁ ଆମେ ଭାରି ଖୁସି
ଆଦିବାସୀ ଆମେ ଆଦିବାସୀ ।।
ପାଠପଢି ଆମେ ଚାକିରି କରିବୁ
ଚାକିରି କରି ଆମେ ଚଳି ପାରିବୁ
ଚାକିରି କରି ଆମେ ଦେଶର ଯଶ ରଖିବୁ
ଆଦିବାସୀ ଜାତିର ଟେକ ରଖିବୁ
ଆଦିବାସୀ ଆମେ ଆଦିବାସୀ ।।
ସକାଳ ହେଲେ ପାଠପଢି ଯାଉ
ସ୍କୁଲ କଲେଜକୁ ହସି ହସି
ଦିନରାତି ପାଠପଢି ଆମେ ସମୟ ବିତାଉ
ଆମେ ଏ ଭାରତର ଆଦିବାସୀ
ଆଦିବାସୀ ଆମେ ଆଦିବାସୀ ।।

●●●

## ଧନ୍ୟ ଭାରତ

କୁମାରୀ ସସ୍ମିତା ବେହେରା
ନବମ ଶ୍ରେଣୀ

ହିମାଳୟ ଠାରୁ କନ୍ୟାକୁମାରୀ
ଶାନ୍ତିର ଭାରତ ଏହି ଆମରି
ଏ ଦେଶର ପାଣି ପବନ ପାଇ
ଭାରତର ନାମ ରଖିବି ମୁହିଁ
ଦେଶ ଜାତି ପୀତି ପ୍ରେମ ମୟିତ୍ରୀ
ଧନ୍ୟ ଭାରତର ଶାସନନୀତି
ଗାନ୍ଧୀ, ଜବାହାର, ଶାସ୍ତ୍ରୀ, ସୁବାଷ
ଦଶ ଦିଗ କରିଛନ୍ତି ମହକ
ସ୍ନେହରେ ମୋ ଦେଶ ହୋଇ ଆବୃତ
ବିଶ୍ୱେ ହୋଇଥାଏ ନିତି ଆହତ ।
ଭାରତର ମନ୍ତ୍ର ଅଟେ ଓଁକାର
ଦେଶ ଜାତି ଲାଗି ରଖିବି ନାମ
ଛୋଟଠାରୁ ବଡ଼ କରିବି ସ୍ନେହ
ଧନ୍ୟ ପୃଥିବୀରେ ଧନ୍ୟ ଭାରତ
ସବୁଠୁ ପବିତ୍ର ମୋର ଭାରତ
ତା'ର ମାଟି ଛୁଇଁ କରି ଶପଥ
ନଇଁ ଯାଉ ତା'ର ପାଦେ ମୋ ମଥା ।

●●●

## ରେଲଗାଡ଼ି

ଶ୍ରୀ ଦାମିଆ ସିଂ ଖୁଣ୍ଟିଆ
ନବମ ଶ୍ରେଣୀ

ଛୁକ୍ ଛୁକ୍ କରି ରେଲ ଗାଡି
ଆଗକୁ ଯାଉଛି ମାଡି
କେତେ ଧରମର ଲୋକ ତହିଁରେ
ବସି ଯାଇଛନ୍ତି ଖୁସିରେ ।
କେହି ପୁରୀ କେହି ଖଡ଼ଗପୁର
ଅବା ଯିବ କେହି ମେଦିନିପୁର ।
ସଙ୍ଗେ ବାପା ମା ଭାଇ ଭଉଣୀ
କେତେ ଗୀତ ହସ ମଜା କାହାଣୀ ।
ଆସିଲେ ଦୁଇଟି ଛୋଟିଆ ପିଲା
ଦେହରେ ମାତର ପ୍ୟାଣ୍ଟ୍ ଥିଲା ।
ଖଣ୍ଡିଆ ଝାଡୁଟି ହାତରେ ଧରି
କରୁଥିଲା ସଫା ଝଅଟ କରି ।
ଆମେ କେତେ ଯାତ୍ରୀ କରୁ ଅସନା
କାହାରିକୁ କେତେ ନ କର ମନା ।
ଏମିତି ପିଲାଏ ଆସନ୍ତେ ନାହିଁ
ପାଠ ପଢିବାକୁ ଯାଆନ୍ତେ ଧାଇଁ ।
ଏମିତି କାମକୁ ନଥାନ୍ତି ନିଶା
ଭଲ କାମଟିକୁ ରଖନ୍ତେ ଆଶା ।
ଛୁକ୍ ଛୁକ୍ କରି ରେଲଗାଡି
ସବୁରିକୁ ସିଏ ନେଉଛି ଭିଡି ।
କରିବା ନାହିଁ ତା' ଦିହ ଅସନା
ସଭିଏଁ ପଢିବେ ଶିଖିବେ ନାନା ।
ଯେଉଁ ରେଲଗାଡ଼ି ଆମରି ଧନ
କାହିଁକି ନ ନେବା ତା'ର ଯତନ ।

●●●

## ଗୋପବନ୍ଧୁ

ଶ୍ରୀ ଦୁଲୁମ୍ ସିଂ
ଦଶମ ଶ୍ରେଣୀ

ଚାରୋଟି ଅକ୍ଷରେ ନାମ ତାଙ୍କର
ଘର ତାଙ୍କ ଏବେ ସରଗ ପୁର ।
ଗାନ୍ଧି, ନେତାଜୀଙ୍କ ପରି ସେ ଜଣା
ସାଧିନତା ପାଇଁ ହୋଇଲେ ଗଣା ।
ଦୀନ ଦୁଃଖୀ ସେବା ମହତ କାମ
ସେବା କରି ଦେଶେ ରଖିଲେ ନାମ ।
ସମାଜ ସେବାକୁ ମନରେ ନେଇ
ଜଳିଗଲେ ଶେଷେ ଦୀପଟି ହୋଇ ।
ଗୋପବନ୍ଧୁ ବୋଲି ନାମ ତାଙ୍କର
ଜଗତବାସୀଙ୍କ ଅଟି ନିଜର ।
ଉତ୍କଳ ମାଆର ମଣିଟି ହୋଇ
ରହିଛନ୍ତି ଆଜି ଭୁଲିବେ ନାହିଁ ।

●●●

## ପାଞ୍ଚ ଆଙ୍ଗୁଠି

ରସ୍ମା ନାଏକ
ନବମ ଶ୍ରେଣୀ

ଏକ ହାତେ ମୋର ପାଞ୍ଚଆଙ୍ଗୁଠି
ଆଙ୍ଗୁଠିରେ ପାଞ୍ଚଶିର ହୋଇଛି ବାଟି
ପ୍ରଥମରେ ଅଛି ବୁଢ଼ା ଆଙ୍ଗୁଠି
ଏବୁଢ଼ା ଆଙ୍ଗୁଠି ଭାରି କାପୁଟି ।
ଦ୍ୱିତୀୟେ ଅଛି ବିଶି ଆଙ୍ଗୁଠି
କରିଲେ ପାଟି ଉଠଇ ଛିଟି ।
ତୃତୀୟେ ମୋହର ମଝି ଆଙ୍ଗୁଠି
ମଥାରେ ସିନ୍ଦୁର ଦିଏ ସେ ବାଟି ।
ଚତୁର୍ଥେ ଥାଇ ଏ ପରି ଆଙ୍ଗୁଠି
ରକତ ଦେଇ ରୋଗ ଜଣାଇ ଦିଏଟି ।
ପଞ୍ଚମେ ଥାଇ କାଣି କାଙ୍ଗୁଠି
ବନ୍ଧୁକୁ ପ୍ରଣାମ ଜଣାଇ ଦିଏଟି ।
ଏପାଞ୍ଚ ଆଙ୍ଗୁଠି ଏକତ୍ର ହୁଅନ୍ତି
ମୁଷ୍ଟି ଦେଖାଇଲେ ଲୋକେ ଡରନ୍ତି ।

●●●

## ଛୋଟ ପିଲାଟିଏ ଧର୍ମପଦ

ନନ୍ଦ ଦେହୁରୀ
ସପ୍ତମ ଶ୍ରେଣୀ

ଧରମା ମାଇଲା ମୁଣ୍ଡି କୋଣାର୍କ
ବଢ଼ିଲା ବାରଶ ବଢ଼େଇ ବେକ
ଓଡିଶା ଗୌରବ ଅଟେ କୋଣାର୍କ
ଧରମା ସ୍ମୃତି ରହିଛି ଟେକ ।
ଧରମାର ବାପା ଥିଲେ ମୁଖିଆ
ମନ୍ଦିର ଚୂଳରେ ବୁଡିଲା ଭେଳା
ଯେତେ ବସେଇଲେ ମନ୍ଦିର ଚୂଳ
ଖସି ପଡୁଥାଏ ଥରକୁ ଥର ।
ଶେଷରେ ଲାଙ୍ଗୁଳା ବିଶୁକୁ ଡାକି
ଗମ୍ଭୀରେ କହନ୍ତି ସେ ବୁଝାଇ
ରାତକ ଭିତରେ ମୁଣ୍ଡି ନ ମାରିଲେ
ଦେବିରେ ସବୁ ଝଡେଇ ।
କାରିଗରଙ୍କ ପଡିଲା ଦୁଃଖ
କେମିତି ରଖିବେ ମନ୍ଦିର ଚୂଳ
ଶେଷରେ ଧରମା ହେଲେ ହାଜର
ବସେଇ ଦେଲେ ସେ ମନ୍ଦିର ଚୂଳ ।
ବାପାଙ୍କୁ ଧରମା ବୁଝାଇ ଦେଲା
ମନ୍ଦିର ଉପରୁ ଡେଇଁ ପଡିଲା
ପିଲାଟି ସିନା ହୋଇଲା ସାନ
ଦେଇ ଦେଲା ସେ ମହାନ ଦାନ ।
ନିଜ ଜୀବନକୁ କୁଣ୍ଠିତ ନହୋଇ
ସମୁଦ୍ର ବକ୍ଷରେ ଦେଲା ହଜାଇ
ଏଇ ସେ ସାନ ରଖିଛି ମାନ
ହଜିବ ନାହିଁତା କେବେ ବି ନାମ ।
ଇତିହାସର ପୃଷ୍ଠା ଉପରେ
ଲେଖା ହୋଇଅଛି ତାହାରି ନାମ ।

●●●

## ଆମ ଖଣ୍ଡାଧାର

ଶ୍ରୀ ସଂଜୟ କୁମାର ଦଣ୍ଡଆସୀ
ନବମ ଶ୍ରେଣୀ

ଆମ ଖଣ୍ଡାଧାର ଖେଳୁଛି ନାଚି
ପାହାଡରୁ ପାଣି ପଡୁଛି କାଚି
ଆମ ଖଣ୍ଡାଧାର କେତେ ସୁନ୍ଦର
ସେଠାରେ ଅଛି କି ଶିବ ମନ୍ଦିର
ଆମ ଖଣ୍ଡାଧାର ନୁହେଁ ଝରଣା
ସୌନ୍ଦର୍ଯ୍ୟ ବଳରେ ହୋଇଛି ଗଣା
ଆମ ଖଣ୍ଡାଧାର ନ ଖାଏ ବଳୀ
ଲୋକମାନେ ଦେଖି ଯାଆନ୍ତି ଚଳି
ଆମ ଖଣ୍ଡାଧାର ନ ଭାବେ ପର
ଜାନୁୟାରୀରେ ହୁଏ ମକର
ଆମ ଖଣ୍ଡାଧାର ନୁହେଁ ସେ ନଦୀ
ପାହାଡ ଉପରୁ ପଡୁଛି ଗଡି
ଆମ ଖଣ୍ଡାଧାର ଆମ ଜୀବନ
ଆମକୁ ଦିଏ ସେ ମଳୟ ପବନ
ଆମ ଖଣ୍ଡାଧାରରେ ତିନି ମନ୍ଦିର
ସେଠାରେ ଅଛନ୍ତି ତିନି ଠାକୁର
ଦୁରୁଗା, କାଳି, ଶିବ ଶଙ୍କର
ଶିବଙ୍କ ମଥାରେ ଗଙ୍ଗାର ଜଳ
ଆମ ଖଣ୍ଡାଧାର ଏକ ଉଚ୍ଚ ପର୍ବତ
ଦେଖିଲେ ମନରେ ବାହାରେ ଗୀତ
କେନ୍ଦୁଝର ଶେଷରେ ଥାଇ
ଦେଶ ବିଦେଶର ଲୋକଙ୍କୁ ଟାଣି ଆଣଇ

•••

## ଭଂଜଭୂମି କେନ୍ଦୁଝର

ଶ୍ରୀମାନ୍ ସୁଶାନ୍ତ କୁମାର ବେହେରା
ଦଶମ ଶ୍ରେଣୀ

ଉତ୍କଳ ନନ୍ଦିନୀ ଭଂଜଭୂମି କେନ୍ଦୁଝର,
ଇତିହାସ ଗ୍ରନ୍ଥେ ଗାର ପଡିଛି ଯାହାର ।
ପ୍ରାକୃତିକ ସୌନ୍ଦର୍ଯ୍ୟରେ ପାଉଅଛି ଶୋଭା
ତାହାକୁ ଆମ୍ଭେ କି ଉପମା ଦେବା ।
ଶମ୍ଭୁନାଥ କ୍ଷେତ୍ର ନାମେ କେନ୍ଦୁଝର ଖ୍ୟାତ
ଗୁପ୍ତ ଗଙ୍ଗା ବୈତରଣୀ ଶିବଶିରୁ ଜାତ ।
ପତିତପାବନୀ ଗଙ୍ଗା ନାମ ବହିଅଛି
ବ୍ରାହ୍ମଣୀ ନାମରେ ତାକୁ ପୁରାଣ ଭଣିଛି ।
ଇନ୍ଦ୍ର ଛତ୍ର ଗିରିତଳେ ଭଂଜବୀରବର
ଅଷ୍ଟ ଶାସନ ନେଇ ଗଢିଲା ନଅର ।
ଭୂୟାଁ, କୋହ୍ଲ, ଜୁଆଙ୍ଗାଦି ପ୍ରଜା
ବିଷ୍ଣୁ ପ୍ରତିମା ବୋଲିଣ ମାନନ୍ତି ରଜା ।
ସ୍କନ୍ଧେ ଭେଟି ବହିଯା'ନ୍ତି ନାନ ଦ୍ରବ୍ୟମାନ
ଦେଖି ହରସ ହୁଅନ୍ତି ଗଉନ୍ତିଆ ରାଜନ ।
ଯାନି ଯାତରା ଆଦି ମେଳା ଉତ୍ସବରେ
ଭୂୟାଁ ଜୁଆଙ୍ଗଙ୍କ ଚାଙ୍ଗୁ ଶୁଭେ ରାଇଜରେ ।
ଫରଫର ଉଡୁଅଛି ବଡଦେଉଳ ଧ୍ୱଜା
ତହିଁ ତିନି ଦିଅଁ ହେଉଛନ୍ତି ପୂଜା ।
ଗୁଣ୍ଡିଚା ଦେଉଳ ଅଛି ଖଣ୍ଡିଏ ଦୂରରେ
ଶୋଭାପାଉଥାଏ ଘୋଷଯାତରାରେ ।
ବୀର ଗୋବିନ୍ଦ ଭଂଜ କାଞ୍ଚି ଅଭିଯାନ କଲେ
ଉତ୍କଳ ବନ୍ଧୁ ସଂଗେ ଗଡଚଣ୍ଡୀଙ୍କୁ ଆଣିଲେ ।
ଶାଳବଣ ଘଟଗ୍ରାମେ ମାଏ ରହିଲେ
ଦୁର୍ଗତି ତାରିଣୀ ତାରିଣୀକି ପୂଜିଲେ ।
ଫିରିଙ୍ଗି ଶାସନ କେନ୍ଦୁଝରେ ପଶିଲା
ତହୁଁ ବହୁ ଅସୁବିଧା ଉପୁଜିଲା ।
ବିଚରିତ୍ର ବିଚିତ୍ରାନନ୍ଦ ନରେନ୍ଦ୍ର ଆଜ୍ଞା ବୋହି
ବେଠି ଖଟାଇଲେ ପ୍ରଜାଙ୍କୁ ମାଛ କାନ୍ଦଣାକୁ ନେଇ ।
ଧରଣୀସୁତ ଭୂୟାଁ ଧରଣୀଧର ଗର୍ଜିଲେ
ରାଜତନ୍ତ୍ର ବିରୋଧରେ ମେଳି ଗଢିଲେ ।
ଭଞ୍ଜ ରାଜଦର୍ପକୁ କରିଦେଲେ ଚୂନା
ଆଉ କେନ୍ଦୁଝରକୁ ଆଣିଥିଲେ ସ୍ୱାଧୀନବାନା ।
ତହୁଁ ଉତ୍ତାରୁ ଲଭିଛି ପ୍ରଜାତାନ୍ତ୍ରିକ
ଜନନେତାମାନେ କରୁଛନ୍ତି ଶାସନ ।
ଅପୂର୍ବ ଏତ କେନ୍ଦୁଝର ଭାରତୀ
ବିଶେଷଭାବେ ସୁଶାନ୍ତ କଲା ଇତି ।

•••

# ଆସିଛି ମୁଁ ଶୀତ

ଶ୍ରୀ ପ୍ରଦୀପ କୁମାର ନାଏକ
ଦଶମ ଶ୍ରେଣୀ

ସରି ସରି ଗଲା ଧରାରୁ ଶରତ
ଏଥର ଆସିଛି ଶୀତ
ମୋ ପରଶ ପାଇ ଗଛଲତା ଏଠି
ଗାଆନ୍ତି ମୋହର ଗୀତ ।
ମୋର ଆଗମନେ ତୋଷେ ଚାଷୀଘର
ଫଳାଇ କ୍ଷେତେ ଫସଲ
ଋତୁ ମଧ୍ୟେ ଶ୍ରେଷ୍ଠ ଅଟଇ ଯେ ମୁହିଁ
ନ ହେବ କିଏ ମୋ ତୁଲ୍ୟ ।
ମୋର ଆଗମନେ ହସି ଉଠେ କ୍ଷେତ
ନାନା ଜାତି ଫୁଲ ଫଳେ
କି ସୁନ୍ଦର ଦିଶେ ସୂରଜ କିରଣ
ପୂରୁବ ଦିଗେ ସକାଳେ ।
ମୋର ଆସିବାରେ ସଜାଗ ସମସ୍ତେ
ସାଇତି ଶୀତ ବସନ
ଲୋଡା ହୁଏ ନାହିଁ ବିଞ୍ଚଣା କି ପଙ୍ଖା
ଅଲୋଡା ଶୀତ ପବନ ।
ସଞ୍ଜ ନ ହେଉଣୁ କବାଟକୁ କିଳି
ଗାଁ ଗାଁ ପଡିଯାଏ
ଖାଇବା ପିଇବା ମଣିଷ ଯେ ଭୁଲି
ଶୋଇବାକୁ ଧାଉଁଥାଏ ।
ଉତ୍ତରା ପବନ ସୁଲୁସୁଲି ବହେ
ଦେହ ପାଇଁ କିନ୍ତୁ ହିତ
ମୋ ସକାଳ ଖରା ସର୍ବ ଉପକାର
ମନ ହୁଏ ପୁଲ୍ଲକିତ ।

•••

# ମାଣବସା ଗୁରୁବାର

ଭାସ୍କର ପ୍ରଧାନ
ଅଷ୍ଟମ ଶ୍ରେଣୀ

ଆଜି ମାଣବସା ଗୁରୁବାର
ଝୋଟି ଚିତାରେ ଘରଟି ସୁନ୍ଦର
ଘର ଦୁଆରକୁ ଗୋବର ପୋଛି
ଫୁଲ ଆମନ୍ତ୍ରଣ ସଜାହୋଇଛି
ମାଆ ଭଉଣୀ ଲକ୍ଷ୍ମୀବ୍ରତ କରନ୍ତି
ପରିବାର ମଙ୍ଗଳ ସବୁ ଚାହାଁନ୍ତି
ମାଣଉପରେ ଧାନ ଗୁଆ ରଖନ୍ତି
ଧାନରେ ମା' ଲକ୍ଷ୍ମୀଙ୍କୁ ଡାକନ୍ତି
ପୂଜା ଶେଷେ ଖିରୀ ଖେଚେଡି ହୁଏ
ଭୋଗକରି ସାହି ପଡିଶା ଦିଏ ।
ଆଜି ଆମ ଘରେ ହେବ ଲକ୍ଷ୍ମୀବ୍ରତ
ପୂଜାଶେଷେ ଗାଇବେ ଲକ୍ଷ୍ମୀଗୀତ
ଆମେ ସବୁ ଭକ୍ତିଭରେ ବସିବୁ
ଲକ୍ଷ୍ମୀଙ୍କ ବନ୍ଦନା ଆମେ ଶୁଣିବୁ ।
ସାଙ୍ଗସାଥି ସମସ୍ତଙ୍କୁ ଡାକିବୁ
ଆନନ୍ଦ ମନରେ ଭୋଗ ଖାଇବୁ ।

•••

# ଆମରି ଗାଁ

ଗିରିଜା ନନ୍ଦିନୀ ବାଘ
ଅଷ୍ଟମ ଶ୍ରେଣୀ

ଆମରି ଗାଆଁରେ କୁନି କୁନିପିଲା
କୁନି କୁନି ପାଦେ ଚାଲି ଚାଲି
ପଢିବା ପାଇଁକି ଖୁସିରେ ଯାଆନ୍ତି
ପଦେ ପଦେ ଗୀତ ବୋଲି ବୋଲି ।
ଆମରି ଗାଆଁରେ ପୋଖରୀ ଭିତରେ
ନାଲି ଧଳା କଇଁ ଫୁଟି ଫୁଟି
ପୋଖରୀର ଶୋଭା ବଢେଇ ଦେଉଛି
ପାଖୁଡାକୁ ମେଲି ଗୋଟି ଗୋଟି ।
ଆମରି ଗାଁଆର ଶ୍ରମିକ ହାତେ
ତିଆରି ହେଉଛି ଇଟା ଭାଟି
ଘରେ ଘରେ ସୁଖ ସେନେହର ଫୁଲ
ସଭିଏଁ ହୁଅନ୍ତି ବଣ୍ଟା ବଣ୍ଟି ।
ଆମରି ଗାଆଁର କର୍କି, ପ୍ରଜାପତି
କୁନିପିଲା ସାଥେ ଖେଳି ଖେଳି
ଫେରି ଯାଆନ୍ତି ସେ ନିଜ ବାସସ୍ଥାନ,
ପର ଆପଣାର ଭେଦ ଭୁଲି ।

•••

# ଯୁଗଳ ଦେବତା

ଧନୁର୍ଦ୍ଧର ପ୍ରଧାନ
ଅଷ୍ଟମ ଶ୍ରେଣୀ

ପିତାମାତା ଦୁଇ ଯୁଗଳ ଦେବତା
ପୂଜିତ ଏ ଧରା ମଣ୍ଡଳେ
ତାଙ୍କୁ ସେବାକରି ଉନ୍ନତ ମଣିଷ
ଲଭିବ ମହୀ ମଣ୍ଡଳେ ।
ସେହି ସୃଷ୍ଟିକର୍ତ୍ତା ସେହିତ ପାଳକ
ଅଟନ୍ତି ସେ ଗୁରୁଜନ
ଜନମ ଦେଇଣ କେତେ ଆଦରରେ
ବଞ୍ଚାନ୍ତି ଆମ୍ଭ ଜୀବନ ।
ଖାଇବା ପିଇବା ପଢ଼ିବା ଖେଳିବା
ସବୁରି ଶିକ୍ଷା ଦିଅନ୍ତି
ତାଙ୍କଠାରୁ କେହି ଅଟି ବଡନାହିଁ
ପ୍ରଥମ ଗୁରୁ ଅଟନ୍ତି ।
ବିପଦେ ଆପଦେ ଲୁହଢାଳୁଥାନ୍ତି
ଦିଅଁଙ୍କୁ କରନ୍ତି ଧ୍ୟାନ
ବିପଦରେ ଦୁଃଖି ବିଭବରେ ଶାନ୍ତି
ଶୁଭ ମନାସନ୍ତି ମନ ।
ତାଙ୍କୁ ହିଁ ପୂଜିଲେ ଦେବତା ପରାଏ
ତାଙ୍କ ଆଶୀର୍ବାଦେ ସ୍ୱର୍ଗ
ସେହି ଦୁଇଜଣ ଅଟନ୍ତି ଦେବତା
ଅଟଇ ପରମ ମାର୍ଗ ।
ସେହି ରାଧାକୃଷ୍ଣ ସେହିରାମ ସୀତା
ସେହି ଲକ୍ଷ୍ମୀନାରାୟଣ
ସେହି ହରଗୌରୀ, ଈଶ୍ୱର, ଈଶ୍ୱରୀ
ତାଙ୍କ ସେବା ଆମ୍ଭ କାମ ।

●●●

# କୋଣାର୍କ ମନ୍ଦିର

ନନ୍ଦ ଦେହୁରୀ
ପଞ୍ଚମ ଶ୍ରେଣୀ

ଧରମା ମାଇଲା ମୁଣ୍ଡି କୋଣାରକ
ରଖିଲା ବାରଶ ବଢେଇ ଟେକ ।
କୋଣାର୍କ ମନ୍ଦିର ନିର୍ମାଣ ପାଇଁ
ଜମାହେଲେ ବାରଶ ବଢେଇ ।
ସାନପିଲାଟିଏ ରଖିଲା ନାଆଁ
କୋଣାର୍କ ମନ୍ଦିର ହୋଇଛି ଠିଆ ।
ଚନ୍ଦ୍ରଭାଗାରେ ଜୀବନ ଦେଲା
ବଢେଇ ଜାତିର ନାଁ ରଖିଲା ।
ବିଶୁ ମହାରଣା ସୁଯୋଗ୍ୟ ପୁଅ
ଧରମା ପୋଛିଲା ଆଖିର ଲୁହ ।
ବାର ବରଷର ଟିକିଏ ପିଲା
କରମ କିପରି ସାଧନ କଲା ।
ଓଡିଆ ଜାତିର ଅଟେ ଗୌରବ
ଚିରକାଳ ତାର ନାଁ ରହିବ ।
ସେପରି ଧରମା ମିଳିବେ ନାହିଁ
ସ୍ୱାର୍ଥପର ଏହି ଦୁନିଆଁ ଭାଇ
ଧରମା ପାଶରୁ ଆମେ ଶିଖିବା
ଦେଶ ଦୁନିଆଁକୁ ଜୀବନ ଦେବା
କରମ କରିବା ଧରମା ପରି
ଯଶ ରଖିଯିବା ଅରଜି ଶିରୀ ।

●●●

## ଦୃଢପ୍ରତିଜ୍ଞା ମୋର

ସୁଶାନ୍ତ ଦେହୁରୀ
ନବମ ଶ୍ରେଣୀ

ଆଖି ଖୋଲି ଦେଖିଲି ଚତୁଃପାର୍ଶ୍ୱକୁ ମୋର
ହିଂସା ଅତ୍ୟାଚାରରେ ଚାଲିଛି ବେପାର
ରକ୍ତର ସମ୍ପର୍କକୁ ଭୁଲିଅଛି ଯାଇ
ଭଗାରୀ ହୋଇଛି ତା'ର ରକ୍ତର ଭାଇ
ହିଂସାର ଖଡ୍‌ଗ ଧରିଅଛି ହସ୍ତେ
ଚାଲି ଯାଇଅଛି ଅତ୍ୟାଚାର ପଥେ
ଆଜି ସେ ରକ୍ତର ମୁଖା କରିଛି ଧାରଣ
ହିଂସା ଯୁଦ୍ଧ ପାଇଁ ପ୍ରସ୍ତୁତ କରିଛି ରଣ
ସ୍ୱାର୍ଥରେ ମୋହିତ ହୋଇ
ସ୍ୱାର୍ଥମେଧ ଯଜ୍ଞରେ ସ୍ୱାର୍ଥର ବିଜୟ ପାଇଁ
ସ୍ୱାର୍ଥରଥେ ସାରଥୀ ହୋଇଛି
ଦୁର୍ନୀତିର ବାନା ଆକାଶେ ଉଡାଉଛି ।
ଦେଖି ମୋ ନୟନେ ଥରିଉଠେ ଛାତି
ଚାହେଁ ତା' ଠାରୁ ହେବା ପାଇଁ ମୁକତି
ସହାୟ ହୁଅ ହେ ବନ୍ଧୁ ଆତ୍ମୀୟ ସ୍ୱଜନ
ଏହାର ବିରୁଦ୍ଧେ କରିବି ଯୁଦ୍ଧ ଆମନ୍ତ୍ରଣ ।
ମଥା ପାତି ରହି ପାରିବିନି କରି ସହ୍ୟ
ନୁହେଁ ମୋର ପାଷାଣ ହୃଦୟ
ହିଂସା ବିରୁଦ୍ଧରେ ସତ୍ୟପଥେ କରିବି ଯୁଦ୍ଧ
ମୋ ପଥକୁ କେହି ନ କର ରୁଦ୍ଧ ।
ଦିଅ ହେ ବନ୍ଧୁ ଅସ୍ତ୍ର ଶସ୍ତ୍ର
ଶିଖାଇ ଦିଅ ମୋତେ ମହାପୁରୁଷଙ୍କ ମନ୍ତ୍ର ।
ତାଙ୍କୁ ସର୍ବଦା ଗାନ କରିବି
ବିଜୟର ଧ୍ୱଜା ଆକାଶେ ଉଡାଇବି ।
ଏହା ମୋ ଦୃଢ ପ୍ରତିଜ୍ଞା ଅଟଇ
ହିଂସା ବିରୁଦ୍ଧରେ ଯୁଦ୍ଧ କରିବି ମୁହିଁ ।
ସତ୍ୟର ବିଜୟ କରିବି ନିଶ୍ଚୟ
ଦୃଢ ପ୍ରତିଜ୍ଞା କରୁଅଛି ମୁହିଁ ।

●●●

## ରଖିବା ସଦାଲକ୍ଷ୍ୟ

ସରୋଜ କୁମାର ନାଏକ
ଦଶମଶ୍ରେଣୀ

କାଉ ବି କଳା କୋଇଲି କଳା
କଳା ବଣୁଆ ହାତୀ
ରୂପରେ ତା'ର ଚିନି ହିଁ ସିନା
ଗୁଣରେ ତା'ର ଖ୍ୟାତି ।୧।
ବରଷା, ଶୀତ ନମାନି କାଉ
ସକାଳୁ ଉଠିଆସି
ସଭିଁଙ୍କ ଘରେ ଖବର କହେ
ପାହିଲା ବୋଲି ରାତି ।୨।
ବସନ୍ତ ଋତୁ ଆସଇ ଯେବେ
କୋଇଲି ଗାଏ ଗୀତ
ଯେଉଁ ଗୀତଟି ବାଜିଲେ କାନେ
ମନ ହୁଅଇ ଶାନ୍ତ ।୩।
ତାଳ ପତର ଖାଇଣ ନିତି
ବଣରେ ବୁଲେ ହାତୀ
ଦାନ୍ତରେ ତା'ର ତିଆରି ହୁଏ
ଜିନିଷ ନାନା ଜାତି ।୪।
ଯାହାର ପାଶେ ରହିଛି ଗୁଣ
ସିଏ ସବୁରି ପ୍ରିୟ
ସୁଗୁଣ ରାଜି ଅରଜିବାକୁ
ରଖିବା ସଦା ଲକ୍ଷ୍ୟ । ।୫।

●●●

## ଗାୟକ

ଶ୍ରୀ ସିମାଲ ହାଂସଦାଃ
ସପ୍ତମ ଶ୍ରେଣୀ

ଗାୟକ ନୁହେଁ ମୁଁ ହେଲେ ଦିନରାତି ଗାଉଥାଏ
କବି ନୁହେଁ ମୁଁ ହେଲେ କବିତା ଭଲପାଏ ।
ଭଲ ପାଏ ସେ ଦୂର ପାହାଡକୁ ତା'ର ସବୁଜ ରଙ୍ଗକୁ
ଭଲ ପାଏ ପାହାଡ ଝରଣାକୁ ତା'ର କୁଳୁକୁଳୁ ଗୀତକୁ
ଭଲପାଏ ସେ ଫୁଲକୁ ତା'ର ରଙ୍ଗ ମହକକୁ
ଭଲପାଏ ବସନ୍ତ ଋତୁକୁ ତା'ର ସୁନ୍ଦର ପରିବେଶକୁ
ଭଲପାଏ କୋଇଲିକୁ ତା'ର ମଧୁର ସ୍ୱରକୁ
ଭଲପାଏ ଶିଶୁକୁ ତା'ର ଦରୋଟି ହାସକୁ ।

●●●

## ସାହାସ ଓ ଧୈର୍ଯ୍ୟ

ରାଜନ ନାଏକ
ଦଶମ ଶ୍ରେଣୀ

ସାହାସ ଓ ଧୈର୍ଯ୍ୟଧରି ଭାରତ ମାଆର ଆଗେ
ତାହାରି ପାଇଁ ଜୀବନ ଦେବି ଶକତି ମୋର ଜାଗେ ।
ଯୁଗଳ ହାତେ ସେବା କରିବି ମାଆ ମାଟିକୁ ବଞ୍ଚାଇ ଦେବି
ଭାରତ ମାତାର ଜୟ ଗାଇବି ତ୍ରିରଙ୍ଗା ପତାକା ଉଡାଇ ଦେବି ।
ଭାଙ୍ଗି ନପଡି ଆଗେଇ ଯିବି ପ୍ରାଣକୁ ଫଟେଇ ପାଣି
ସେବାରେ ତା'ର ଜୀବନ ଦେବି ବିଜୁଳି ହସ ଟାଣି ।
ଗାନ୍ଧୀ ମହାତ୍ମା ତାଙ୍କରି ଆତ୍ମା ସାରା ଦେଶରେ ତାଙ୍କରି ନାଆଁ
ଗୋପବନ୍ଧୁ ଆମରି ବନ୍ଧୁ ସେବା ତାଙ୍କର ଗାଆଁକୁ ଗାଆଁ ।
ସୁଭାଷ ବୋଷ ଟାଣୁଆ ନେତା ତାଙ୍କରି ପରି ଟେକିବି ମଥା
ବାର ବରଷର ବାଜିରାଉତ ତା' ପରି ପ୍ରାଣ ମୋର
ଶତୃ ମୁହଁରୁ ରକ୍ଷା କରିବି ଦେବି ରକତ ଗାର ।
ବୀର ଲକ୍ଷ୍ମଣ ତାଙ୍କରି ରାଣ ସେପରି ଅଛି ମୋହର ପ୍ରାଣ
ସାହାସ ଟାଣି ଆଣିବି ଧରି ଧୈର୍ଯ୍ୟ ମୋହର ପ୍ରଧାନ ଗୁଣ
ପ୍ରତିଜ୍ଞା ମୋର ସାହାସ ଧୈର୍ଯ୍ୟ ଛାତିକୁ ଦେବି ପାତି
ଦୂରରୁ ଦେଖି ଅରାତି ଯେବେ ଧରିବେ ନିଜ ଗତି
ଜଗତ ହାତ ପ୍ରଦୀପ ଜାଳି ଜୀବନ ବାଜି ଦେବି ମୁଁ ଯିବି ଜଳି
ମିଶାଇ ଦେବି ମାଟିରେ ମୋର ସରଗ ଯିବି ଚଳି ।

•••

## ପାଠଯିବ ନାହିଁ ବଳେଇ

ଶ୍ରୀକାନ୍ତ ସାମନ୍ତରାୟ
ନବମ ଶ୍ରେଣୀ

ମିକୁନା ଡାକିଲା ଆଈ ଲୋ ଆଈ
କେମିତି ଟପିବି ଦଶମ ଶ୍ରେଣୀ ଦେ ବତାଇ ।
ଇଂରାଜୀ ପାଠକୁ ମାଡୁଛି ଡର
ବିଜ୍ଞାନ ଦେଖିଲେ ଆସୁଛି ଜର ।
ଗଣିତ କଥା ତ ପାରୁନି କହି
ମୁଣ୍ଡ ବ୍ୟଥା ସିଏ ଦିଏ ବଢେଇ ।
ଇତିହାସ ଯେବେ ବସୁଛି ଘୋଷି
ଘୋଷୁ ଘୋଷୁ ଆସେ ନିଦ ମାଉସୀ ।
ଭୁଗୋଳର ମାନଚିତ୍ରକୁ ଦେଖି
ଲୁହରେ ମୋ ପୁରି ଯାଉଛି ଆଖି ।
ହିନ୍ଦୀ ଶୁଣିବାକୁ ବୁଝି ନ ହୁଅଇ
ମୁଣ୍ଡ ମୋ ବୁଲାଏ ଅକ୍ଷର ପାଇଁ ।
ସଂସ୍କୃତ ସାହିତ୍ୟ କଥା ତ ଛାଡ
ବ୍ୟାକରଣ ପାଇଁ ପଡିବ ମାଡ ।
ଏହାଶୁଣି ଆଈ ହସିଲେ ଉଠି
ସୁନ୍ଦର ଦିଶିଲା ପାକୁଆ ପାଟି ।
କହିଲେ ଥରି ଭୟ କରିଲେ
ସବୁଥିରେ ତୁହି ଯିବୁଟି ଡରି ।
ଭୟ ନ କରିଣ ପାଠ ତୁ ପଢ
ବାଜେ ଚିନ୍ତା ସବୁ ମନରୁ ଛାଡ ।
ଦେଖିବୁ ତୁହି
ପାଠଯିବ ନାହିଁ ତତେ ବଳେଇ ।

•••

## ବିଦ୍ୟାଳୟ

ପ୍ରଦୀପ କୁମାର ନାଏକ
ନବମ ଶ୍ରେଣୀ

ଗାଁ ମୁଣ୍ଡ ଶେଷେ ପକ୍କା ଛାତଘର
ବିଦ୍ୟାଳୟ ବୋଲି ନାମଟି ଯାର ।
କେଉଁ ବରଷରୁ ସେ ହୋଇଛି ଠିଆ
ନ ମାନି ବରଷା ବତାସ ବାଆ ।
ଗଢୁଅଛି କେତେ ସେ ଭଲ ମଣିଷ
କାଳ କାଳ ପାଇଁ ରଖୁଛି ଯଶ ।
ପାଖରେ ତାହାରଛୋଟ ବଗିଚାଟିଏ
ଫୁଲେଫଳେ ସଦା ପୁରିଛି ସିଏ ।
ବିଦ୍ୟାଳୟ ଘଣ୍ଟା ବାଜେଣି ଶୁଣି
କମ୍ପିଉଠେ ଗାଆଁ ପବନ ପାଣି ।
ଆହେ ଦୟାମୟ ବିଶ୍ୱବିହାରୀ
ପ୍ରାର୍ଥନା କରନ୍ତି ସଭିଏଁ ମିଳି ।
ଶିକ୍ଷକଙ୍କ ନାଲି ଆଖିକୁ ଡରି
ଦଉଡନ୍ତି ପିଲା ବସ୍ତାନିଧରି ।
କହନ୍ତି ହେବାକୁ ବଡ ମଣିଷ
ଗାନ୍ଧୀ, ଗୋପବନ୍ଧୁ, ସୁଭାଷବୋଷ ।
ଉଚ୍ଚ ନୀଚ ଆଉ ଗରିବ ଧନୀ
ଅଛୁଆଁ ଛୁଆଁର ଭେଦ ନ ମାନି ।
ସମସ୍ତଙ୍କୁ ସିଏ ଦେଖେ ସମାନ
କାଦକଳା ବୋଲି ଯାହାର ନାମ ।

•••

## ଆମ ଜଙ୍ଗଲ

ବିରାଙ୍ଗ୍ କୁଜୁର
ଦଶମ ଶ୍ରେଣୀ

ଜଙ୍ଗଲ ଆମର କେଡେ ନିଜର
ଦେଖିବାକୁ ଲାଗେ କେତେ ସୁନ୍ଦର
ପଶୁ, ପକ୍ଷୀ, ଗଛ, ନୀଳ ଝରଣା
ଯହିଁ ଶୁଭେ କୋକିଳର ସୁମଧୁର ବୀଣା ।
ଦେଖିଲେ ମନକୁ କରେ ସରସ,
ବୁଲିଲେ ଲାଗିବ କେତେ ହରସ
ଜଙ୍ଗଲ ଆମର କେଡେ ନିଜର
ଦେଖିବାକୁ ଲାଗେ କେତେ ସୁନ୍ଦର ।

•••

## ଉତ୍କଳର ଦଶା

ଶ୍ରୀ ବନମାଳୀ ହେମ୍ବ୍ରମ୍
ନବମ ଶ୍ରେଣୀ

ଗୋପବନ୍ଧୁ ତୁମେ ଦେଖିଯାଅ ଥରେ
ଭାଗ୍ୟଦଶା ଉତ୍କଳର ।
ଅନ୍ୟାୟ ଅନୀତି ଘରିଆଡେ ଆଜି
ନାରୀ ହୁଏ ବଳାତ୍କାର ।

ତୁମ ଫଟୋଚିତ୍ର ଲାଗେ ଅଫିସରେ
ଲୋକ ଦେଖାଣିଆ ଭଲା
ବ୍ୟକ୍ତିଗତ ସ୍ୱାର୍ଥେ ସଭିଏଁ ଲାଗିଲେ
ଦେଶ ଚିନ୍ତା ଲୁଚିଗଲା ।

ତୁମ ନାମ ଧରି ହେଉଛନ୍ତି ପାରି
ଅନେକ ଏ ସମାଜରେ
ଧୂଳି ଧୂସରିତ ତବ ପ୍ରତିମୂର୍ତ୍ତି
ନାହିଁ ଟିକେ ସୁରକ୍ଷାରେ ।

ପ୍ରଗତିବାଦର ବାନା ଉଡାଇଲେ
ସମାଜ ବିକାଶର ନାମେ
ଟିଭି, ରେଡିଓ ଓ ଖବର କାଗଜ
ତର୍କ ଭାଷଣ ଶୁଣୁ ଆମେ ।

ଶୋଷଣ ବିହୀନ ଶାସନ ଚାହୁଁଛୁ
ପୁଣ୍ୟ ଭୂମି ଏ ଉତ୍କଳ
ଜଗତ କଲ୍ୟାଣ ଆସି ଜନ୍ମନିଅ
ଡାକେ ଆଜି ନୀଳାଞ୍ଚଳ
ଡାକେ ଆଜି ନୀଳାଞ୍ଚଳ ।

•••

## ମା' ପରି କିଏ ହେବ

ରୋହିତ ନାଇକ
ନବମ ଶ୍ରେଣୀ

ଝୁଣ୍ଟି ପଡିଗଲେ ଆଖିରୁ ଯା'ର
ଲୁହ ପଡଇ ଝରି
ରୁଷି ବସିଲେ ସ୍ନେହ ଦେଇ ସେ
କୋଳକୁ ନିଏ ଟୋଳି ।
ଆଖିରୁ ଯେବେ ଝରଇ ଲୁହ
ପଣତେ ପୋଛି ଦିଏ
ଖାଉ ନଥିଲେ ଖୁଆଇ ଦିଏ
ଜହ୍ନ ମାମୁଁ କଥା କହେ।
ଶୁଆଇ ଦିଏ କୋଳରେ ତା'ର
ଗୁଣୁ ଗୁଣୁ ଗୀତ ଗାଇ
ଆମରି ଲାଗି ସେ କେତେ କଷ୍ଟପାଏ
ହସି ହସି ସବୁ ସହି ।
ଆମରି ଦୁଃଖରେ ହୁଏ ସେ ଦୁଃଖୀ
ସୁଖରେ ହୁଏରେ ଖୁସି ।
ନାହିଁରେ ନାହିଁ ତା'ପରି କେହି
ଜୀବନ ଦିଏରେ ହସି ।।

●●●

## ମୋ କଳାଠାକୁର

ଶ୍ରୀ ଚନ୍ଦ୍ରମଣି ମୁର୍ମୁ
ନବମ ଶ୍ରେଣୀ

ଅବୁଝା ମନ ମୋତେ ବୁଝେନା ମୋର ।
ଦିନେ ନ ଦେଖିଲେ ମୁଁ କଳାଠାକୁର ।
କଳା ଠାକୁରଟିର ଦିଓଟି କର
ନାଆଁଟି ନିରାକାର ନାହିଁ ଆକାର ।
ବାନା ଉଡାଉଛି ପରା ନାଲି ରଙ୍ଗରେ
ତା ତଳେ ବସିଅଛି ନୀଳାଚଳରେ ।
କି ଶୋଭା ଦିଶୁଅଛି ଶିରୀ ମନ୍ଦିର
ସିଂହାସନେ ବସିଅଛି କଳାଠାକୁର ।
ସେ କଳାଠାକୁରଙ୍କୁ କୋଟି ଜୁହାର
କୋଟି ଜନପାପକୁ କରିବେ ଦୂର ।
ସୁନ୍ଦର ଦିଶୁଛି ତା ସିଂହଦୁଆର
ଦିଶୁଅଛି ସତେ ସେ କେତେ ସୁନ୍ଦର ।
କାଠ ଦେହ ତା'ର ସେ କଳାରଙ୍ଗର
ଚକା ନୟନ ଦୂରୁ ଜୁହାର
କାଳିଆ ମୁହଁକୁ ତୋ ନାଲି ଅଧର
ବହି ଯାଇଅଛି ଦେଖି ଅମୃତ ଧାର
ଛାଠିଏ ପଉଟିର ଖାଦ୍ୟ ତୋହର
ନିତି ଖାଉ ବସି ତୁ କଳାଠାକୁର ।

●●●

## ୨୦୦୯ ଆହ୍ୱାନ

ଶ୍ରୀ କେଦାର ମାଝୀ
ନବମ ଶ୍ରେଣୀ

ସମୟ ଚାଲିଛି ତା' ଗତି ପଥରେ
ନଥାଏ ବିଶ୍ରାମ ତା'ର,
ସମୟକୁ ଜଗି ଚାଲି ନ ପାରିଲେ
ହେଉ ଥିବ ହରବର ।
ପଛକୁ ଅନାଇ ଦେଖିବୁ ଗୋଟିଏ
ବୁଢ଼ା ଟିଏ ଠିଆ ହୋଇଛି,
ବୁଢ଼ାଟିଏ ପରି ସାଜିଛି ସମୟ
ଦି ହଜାର ଆଠ ଏବେ ଯାଉଛି ।
ଦି ହଜାର ନଅ ଉଭା ହେଉଛି
ଆମକୁ ବିଦାୟ ଦେଇଣ
ବିଦାୟ ନେଉଛି ତୁମରି ପାଖକୁ
ଭାଇ ଓ ଭଉଣୀ ଗଣ ।
ସ୍ୱାଗତ କରୁଛି ଏହି ନବବର୍ଷ
ଆସ ଦୁଇ ହଜାର ନଅ ଆସ
ଜଗତରେ ଥିବା ଜନ ସାଧାରଣ
ଓଠରେ ଫୁଟାଅ ହସ।
ହେ ନବ ବର୍ଷ ତୁମ୍ଭ ଠାରୁ ଆମେ
କରୁଛୁ ଏତିକି ଆଶା
ଯାତ୍ରା ତୁମ୍ଭର ଶୁଭଙ୍କର ହେଉ
ମା' ଙ୍କ ପାଖରେ ଭିକ୍ଷା ।।

●●●

## ପାରାରେ ପାରା

କୁମାରୀ ସୁଷମା ନାଇକ
ଷଷ୍ଠ ଶ୍ରେଣୀ

ପାରାରେ ପାରା ଘୁମୁରୀ ପାରା
ଉଡିଗଲେ ଥରେ ନଦେଉ ଧରା
ଚିକ୍‌ଣ ଚିକ୍‌ଣ ଦେହ ତୋହର
ତେଲ ଲଗାଉ କି ଥରକୁ ଥର ।
ଗୋଲ ଗାଲିଆ ରୂପକୁ ଦେଖି
ସର୍ଭିଙ୍କର ଆଖି ଯାଉଛି ଲାଖି
ଟିକି ଟିକି ଗୋଡ ପକାଉ ବୁଲି
ସୁନ୍ଦର ରୂପରେ ସଧିରେ ଚାଲି ।
ବୁଝୁନାହୁଁ ଆମେ ତୋହରି ଭାଷା
ଧରିବାକୁ ତତେ ହୁଅଇ ଆଶା
ସାଥୀ ମାନଙ୍କୁ ତୁ କି କଥା କହୁ
ଘୁମୁରୀ ଘୁମୁରୀ ମନକୁ ମୋହୁ ।

●●●

## ଛାତ୍ର

ଶ୍ରୀ ବାସୁନ୍ ଚନ୍ଦ୍ର ମୁର୍ମୁ
ସପ୍ତମ ଶ୍ରେଣୀ

ଛାତ୍ର ଜୀବନରେ ହେବାନି ଦୁଷ୍ଟ
ସମୟ ଆସିବ ପାଇବା କଷ୍ଟ,
ମନଦେଇ ଟିକେ ପଢ଼ିବା ପାଠ
ସମୟକୁ ପାଇବା ଭାରି କଷ୍ଟ ।
ସଦା ଚାଲିବା ଆମେ ଭଲ ବାଟରେ
ବୁଦ୍ଧିମାନ ହେବା ପାଠ ସାଠରେ,
ସତ କହିବା ଆମେ ସଦା ମୁଖରେ
ଭଲ ମଣିଷ ହେବା ଆମେ ସଂସାରେ ।
କଅଁଳ ପତ୍ର ପରି ଆମେରେ ଛାତ୍ର
ସବୁ ଭାଇ ଭଉଣୀ ଆମେରେ ମିତ୍ର,
ଜ୍ଞାନ ହିଁ କେବଳ ଆମର ମନ୍ତ୍ର
ଏହି ବସୁଧାର ଆମେ ଅଟୁରେ ପୁତ୍ର ।
ଦେଶ ପାଇଁ ଆମେ ଜୀବନ ଦେବା
ମା' ମାଟି ପାଇଁ ଆମେ ମହାନ ହେବା ।

●●●

## ଗଛଟିଏ ଲଗାଇବା

ଶ୍ରୀ ବାସୁନ୍ ଚନ୍ଦ୍ର ମୁର୍ମୁ
ସପ୍ତମ ଶ୍ରେଣୀ

ଆସ ମୋର ପ୍ରିୟ ଭଉଣୀ ଭାଇ
ଗଛ ଲଗାଇବା ଏକାଠି ହୋଇ ।
ଗଛବଡ଼ ହେଲେ ଫଳିବ ଫଳ
ଦେବ ପୁଣି ସ୍ୱଚ୍ଛ ବାୟୁ ଓ ଜଳ ।
ଜଗତ ହୋଇବ ଶସ୍ୟ ଶ୍ୟାମଳ
ଚେର ମୂଳ ଖାଇ ହେବା ସବଳ ।
ବରଷା ହୋଇବ ମରୁଡ଼ି ନୋହିବ
ପୃଥିବୀ ଉଠିବ ହସି
ଗୋଟିଏ ପିଲାକୁ ଗୋଟିଏ ଗଛ
ଲଗାଇବା ଆସ ମିଶି ।
ପାଣି ପବନ ଯେ ବିଶୁଦ୍ଧ ହେଉ
ଆମ ପରିଶ୍ରମେ
ଜଗତର ଯେତେ କଷ୍ଟ ଯାଉ ।

●●●

## ବୃକ୍ଷ ହିଁ ଜୀବନ

କୁମାରୀ ମମତା ହାଁସଦା
ଶ୍ରେଣୀ - ଷଷ୍ଠ

ଗଛ ଦିଏ ଜଳ, ଗଛ ଦିଏ ଜାଳ, ଗଛ ଦିଏ ଫୁଲ ଫଳ
ଗଛର କାଠରେ ନିର୍ମିତ ହୁଏ ମନୁଷ୍ୟର ବାସସ୍ଥଳ ।
ନିଜ ଖାଦ୍ୟ ନିଜେ ତିଆରି କରି ସେ ନିଜ ଜୀବନ ବଞ୍ଚାଏ
ଆମେ ଯାହାଖାଉ ବଞ୍ଚିବା ପାଇଁକି ସବୁ ତ ସେହି ଯୋଗାଏ ।
ବେଲ ଆମ୍ବ ଆଦି ପଣସ ସପୁରୀ ସୁଆଦ ତାହାର ଫଳ
ଖାଇଲେ ତାହାକୁ ଦରକାର ବେଳେ ଦେହକୁ ଦିଏ ସେ ବଳ ।
ଘରକୁ ସଜେଇ ରଖିବା ପାଇଁକି ଦିଏ ଆସବାବ ପତ୍ର
ଏହି ଗଛଠାରୁ ଔଷଧ ପାଇକି ରୋଗୀ ହୁଏ ରୋଗମୁକ୍ତ ।
ନିମ୍ବର କାଠରେ ଶ୍ରୀ ଜଗନ୍ନାଥଙ୍କ ବିଗ୍ରହ ହୁଏ ନିର୍ମିତ
ଧନ୍ୟ ସେହି ଗଛ ଧନ୍ୟ ତା ଜୀବନ ଧନ୍ୟ ତା'ର ବଡପଣ ।
ଅମ୍ଳଜାନ ଦେଇ ବଞ୍ଚାଏ ଧରାରେ ଗଛ ସକଳ ଜୀବନ
ପରିବେଶ ସବୁ ନିର୍ମଳ ରଖାଇ କରି ଶୀତଳୀକରଣ ।
କାଟିବାନି ତାକୁ କଟାଇ ଦେବାନି କରିବାନି ତାକୁ ପର
ନିଜେ ଦୁଃଖ ସହି ଜୀବ ଜଗତର କରଇ ସେ ଉପକାର ।
ବୃକ୍ଷ ବଞ୍ଚିଲେ ହିଁ ମନୁଷ୍ୟ ବଞ୍ଚିବ ଏକଥା ନିଶ୍ଚିତ ଜାଣ
ବୃକ୍ଷ ନ ବଞ୍ଚିଲେ ମନୁଷ୍ୟ ଜୀବନ ହୋଇଯିବ ସମାପନ ।
ଗଛଟିଏ ଅଟେ ବଡ ଉପକାରୀ ଗଛଟି ଆମର ସାଥୀ
ସ୍କୁଲ ପରିଶରେ ଗଛକୁ ଲଗାଇ ଯତନ ନେବା ନିଇତି ।

●●●

# ବୁଦ୍ଧିର କରାମତି

ହାଡ଼ିରାମ ମାଝି
ଅଷ୍ଟମ ଶ୍ରେଣୀ

ଗାଁଟିର ନାଁ ଥିଲା ସାନ୍ତପୁର । ଜଣେ କାମିକା ବାରିକ ବୃଦ୍ଧ ବ୍ୟକ୍ତି ଥିଲା । ବାରିକର ଦୁଇଟି ପୁଅ ଥିଲେ । ସେ ଦୁଇଟି ଧିରେ ଧିରେ ବଢିବାକୁ ଲାଗିଲେ । ବଡପୁଅ ଦିନେ ଗୋଟିଏ ଉପାୟ ପାଞ୍ଚିଲା । ସେ ତା ସାନ ଭାଇକୁ କହିଲା ଯେତେ ଜମି ଅଛି ତାହା ଜାଣିବା ସାନ ପୁଅଟି ହଁ ମାଇଲା । ବିଲ ବଗିଚା, ବାସନ, କୁକୁଡା, ଛେଳି, ବଳଦ ବାଣ୍ଟିଲେ । ସେସବୁ ମଧରୁ ତିନୋଟି ବାଣ୍ଟି ହୋଇ ପାରିଲା ନାହିଁ । ସେଗୁଡିକ ହେଲା ନଡିଆ ଗଛ, ଗୋଟିଏ ଗାଈ ଓ କମ୍ବଳଟିଏ ଥିଲା । ସେଗୁଡିକ ଯୋଡ ହୋଇ ନଥିବାରୁ ବାଣ୍ଟି ହେଲା ନାହିଁ । ତା ସାନ ଭାଇ କହିଲା ମୁଁ ଗଛର ତଳ ଅଂଶ ନେବି । ତା ବଡ ଭାଇ ଗଛର ଉପର ଅଂଶ ନେଲା । ଏହା ପରେ ନଡିଆ ଗଛ ବାଣ୍ଟିଲେ । ଏହାପରେ ପାଳି ପଡିଲା କମ୍ବଳ ଉପରେ । ବଡଭାଇ ପଚାରିଲା – କମ୍ବଳକୁ ଦିନରେ ନା ରାତିରେ ବ୍ୟବହାର କରିବୁ । ସାନ ଭାଇ ଉତ୍ତର ଦେଲା ମୁଁ ଦିନରେ ବ୍ୟବହାର କରିବି । ଏହାପରେ ଗାଈଟିକୁ ଆଣିଲେ । ବଡଭାଇ ପଚାରିଲା ଗାଈଟିର ଆଗପଟ କି ପଛପଟ ନବୁ । ସାନ ଭାଇ ଉତ୍ତର ଦେଲା ମୁଁ ଆଗ ମୁହଁକୁ ନେବି । ଏହାପରେ ବଡଭାଇ ବେଶ୍ ଖୁସି ହେଲା । ସାନଭାଇ ନଡିଆ ମୂଳକୁ ଯାଇ ସାରପିଡିଆ ଦେବାରେ ଲାଗିଥାଏ । ବଡଭାଇ ଯାଇ ନଡିଆ ଗଛରେ ଚଢ଼ି ନଡିଆ ତୋଳି ଆଣିଖାଏ । ତା ସାନ ଭାଇ ସାର ପିଡିଆ ଦେବାରେ ଲାଗିଥାଏ । ଗାଇଟିକୁ ଘାସ କୁଣ୍ଡା, ପାଣି ଦିଏ । ତା ବଡଭାଇ ବାଲଟି ଧରି କ୍ଷୀର ଦୁହିଁ ନିଏ । ସେହି କ୍ଷୀର ସେ ଏକୁଟିଆ ପିଏ ହେଲେ ତା ସାନ ଭାଇକୁ ଜମାରୁ ଦିଏ ନାହିଁ । ତା ସାନ ଭାଇ ଦୁଃଖ କଷ୍ଟରେ ଦିନ କାଟୁଥାଏ ଓ ବିଛଣାକୁ ଦିନରେ ସାନଭାଇ ସଫା କରେ । କିନ୍ତୁ ରାତି ହେଲେ ତା ବଡଭାଇ ବିଛାଇ ଆଣି ଶୋଇପଡେ । ଏହା ଦେଖି ସାନଭାଇ ସହି ପାରିଲା ନାହିଁ । ସେ ଶୁଣିଲା ଗୋଟିଏ ଗୁଣିଆ ଗାଁରେ ବାସ କରୁଅଛି । ସେ ତା ପାଖକୁ ଯିବା ପାଇଁ ଇଚ୍ଛା କଲା । ସେ ଗୁଣିଆକୁ ତା ଭାଇ କଥା କହିଲା । ସେଇ ଅନୁସାରେ ଗୁଣିଆ ଉତ୍ତର ଦେଲା ବଡଭାଇ ଯେତେବେଳେ ନଡିଆ ଗଛକୁ ଚଢିବ ତୁ ଯାଇ ମୂଳରେ ହାଣୁଥିବୁ । ଏହା କହି ଗୁଣିଆ ତାକୁ ଲାଞ୍ଚ ମାଗିଲା ଗୋଟିଏ ଅଣ୍ଡା । ସେ ଯାଇ ଅଣ୍ଡା ଆଣିଦେଲା । ସେ ଘରକୁ ଫେରିଲା । କିଛି କ୍ଷଣ ପରେ ପରେ ତା ବଡଭାଇ ଗଛକୁ ଉଠୁଥିବାର ଦେଖିଲା । ତା ସାନଭାଇ ଟାଙ୍ଗିଆ ଧରି ନଡିଆ ଗଛ ମୂଳକୁ ଯାଇ ଗଛକୁ କାଟିବାରେ ଲାଗିଥାଏ । ତା ବଡ ଭାଇ ଦେଖି ଏହା କହିଲା ଗଛକୁ ହାଣ ନାହିଁ । ସେ ଏ କଥା ଶୁଣୁନଥାଏ । ସେ ଆହୁରି ଗଛ କାଟିବାରେ ଲାଗିଥାଏ । ମୁଁ ଗଛରୁ ପଡିଯିବି କହିଲା । ତା ସାନଭାଇ କହିଲା ତତେ କିଏ ଗଛ ଉପରକୁ ଉଠିବାକୁ କହୁଛି । ତୁମେ ତ ଗଛ ଉପର ଅଂଶ ନେଲ । ମୁଁ ତ ତଳ ଅଂଶ ନେଇଛି । ମୁଁ କାଟିଲେ ତୁମର କ'ଣ ଯାଉଛି ।

ଏହା ଶୁଣି ବଡଭାଇ କହିଲା ଏ ନଡିଆ ଗଛ ଆମ ଦୁହିଁଙ୍କର । ମିଶି ଖାଇବା ଏକଥା ଶୁଣି ସାନଭାଇ ହସିଉଠିଲା । ପୁଣି କିଛି ସମୟ ଗଲାପରେ ଭାବି ସେ ସଂଗେ ସଂଗେ ବଡ ମାଛ ଧରି ଗୁଣିଆ ପାଖକୁ ଗଲା । ଗୁଣିଆକୁ ଗାଈଟିର କଥା ଶୁଣାଇଲା । ଗୁଣିଆ ଶୁଣି କହିଲା ଯେତେବେଳେ ସେ କ୍ଷୀର ଦୁହିଁବାକୁ ଆସିବ ସେତେବେଳେ ତୁ ଗାଈଟିକୁ ଘାସଟିକେ ଦେବୁ । ସେ ଯେତେବେଳେ କ୍ଷୀର ଦୁହିଁବ ତୁ ଗାଇଟିର ମୁହଁକୁ ଜୋରରେ ପିଟୁଥିବୁ । ଏ କଥା ଶୁଣି ଘରକୁ ଫେରିଲା । ସେ ଗାଈଟିକୁ ଘାସ ଦେବାକୁ ଲାଗିଲା । ତା ବଡ ଭାଇ ଏହା ଦେଖି ବାଲଟି ଧରି କ୍ଷୀର ଦୁହିଁବାକୁ ଆସିଲା । କ୍ଷୀର ଦୁହିଁବାକୁ ଯେତେବେଳେ ଆରମ୍ଭ କଲା ସେତେବେଳେ ସାନ ଭାଇ ଗାଈଟିକୁ ଯୋର୍‌ରେ ପିଟିବାକୁ ଲାଗିଲା । ଗାଈଟି ସମ୍ଭାଳି ପାରିଲା ନାହିଁ କି କ୍ଷୀରଦେଲା ନାହିଁ । ତା ବଡଭାଇ ମନ ଦୁଃଖରେ ପଳାଇ ଗଲା । ସେ ତା ପର ଦିନ ଗୋଟିଏ କୁକୁଡା ଧରି ପୁଣି ଗୁଣିଆ ପାଖକୁ ଗଲା । ଗୁଣିଆକୁ କମ୍ବଳ ବିଷୟରେ କହିଲା । ଗୁଣିଆ ଉତ୍ତର ଦେଲା ସନ୍ଧ୍ୟା ହୋଇ ନ ଥିବା ପୂର୍ବରୁ କମ୍ବଳକୁ ଓଦାକରି ଶୁଖାଇବୁ । ଏହା ଶୁଣି ଘରକୁ ଯାଇ କମ୍ବଳଟିକୁ ଓଦାକରି ସୁଖାଇଲା । ତା ବଡ ଭାଇ କମ୍ବଳଟିକୁ ଆଣିବାକୁ ଯାଇ ଦେଖିଲା କମ୍ବଳ ଓଦା ହୋଇଛି ସଂଗେ ସଂଗେ ଯାଇ ସାନ ଭାଇକୁ ବିରକ୍ତ ହେଲା । ସାନ ଭାଇ ଉତ୍ତର ଦେଲା ମୁଁ ତ ଦିନରେ ସଫା କଲି କିନ୍ତୁ ସୁଖିଲା ନାହିଁ । ମୁଁ ତ ଦିନରେ କମ୍ବଳଟିକୁ ନେଇ ସଫାକଲି ବା ଓଦାକଲି ତୁମର କଣ ଗଲା ଏହିକଥା ଶୁଣି ବଡ଼ଭାଇ ମୁଣ୍ଡ ନୁଆଁଇ କହିଲା ମୋର ଭୁଲ୍ ହୋଇଯାଇଛି । ମୋତେ କ୍ଷମା କର । ମୁଁ ଆଉ ଏପରି କେବେ ହେଲେ କରିବି ନାହିଁ । ମିଳିମିଶି ଚଳିବା । ସେହି ଦିନ ଠାରୁ ଦୁଇ ଭାଇ ମିଳିମିଶି ଚଳିଲେ ।

•••

# ମିଛ କହିବାର ଫଳ

ଶ୍ରୀ ଦାଶରଥି ଦେହୁରୀ
ଦଶମ ଶ୍ରେଣୀ

ଗୋଟିଏ ପାହାଡିଆ ସ୍ଥାନରେ ଗୋଟିଏ ବଡ ଗ୍ରାମ ଥିଲା । ସେହି ଗ୍ରାମରେ ଗୋଟିଏ ବଡ ପୋଖରୀ ଥିଲା । ସେହି ପୋଖରୀରେ ଧୋବା ତୁଠଟିଏ ଥାଏ ।

ଦିନେ ଗୋଟିଏ ଧୋବା ଲୁଗାରେ ନୀଳ ବୁଡାଇବା ପାଇଁ ଗୋଟିଏ ବଡ ବାଲଟିରେ ନୀଳରଙ୍ଗ ରଖିଥିଲା । ଠିକ୍ ସେହି ସମୟରେ ଗୋଟିଏ ଚୋର ଗ୍ରାମ ଭିତରକୁ ପଶିଆସିଲା । ସେହି ଗ୍ରାମରେ କେତୋଟି କୁକୁର ତାକୁ ଗୋଡାଇବାରୁ ସେ ଦୌଡି ଦୌଡି ଯାଇ ନୀଳ ଥିବା ବାଲଟି ପାଖରେ ପଡିଗଲା । ସେ ପଡିବା ସମୟରେ ଜାଣି ପାରିଲା ନାହିଁ । କିଛି ସମୟ ଗଲା ପରେ ଦେଖିଲା ଯେ, ତା ଦେହ ସାରା ନୀଳଲାଗି ଯାଇଛି। ଏହା ପରେ ସେ ତା ଗାଁକୁ ଫେରିଗଲା । ଗାଁର ସବୁଲୋକ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ଭାବିଲେ ଯାହାହେଉ ଆମ ଗାଁକୁ ଭଗବାନ ଆସିଛନ୍ତି । ତାଙ୍କୁ ପଚାରିଲେ ତୁମେ କ'ଣ କଳା କାହ୍ନୁ କି ? ହଁ ମୁଁ କଳାକାହ୍ନୁ, ମୁଁ ସ୍ୱୟଂ ମଧୁସୂଦନ ବୋଲି ଗ୍ରାମରେ କହିଲା ।

କିଛି ଦିନ ଗଲା ପରେ ସେମାନେ ତାକୁ ଶ୍ରୀକୃଷ୍ଣ ରୂପେ ପୂଜା କଲେ । କିଛି ଦିନ ବିତିଗଲା ପରେ ସେମାନଙ୍କୁ ଘୃଣା ଆଖିରେ ଦେଖିଲା । ସେମାନଙ୍କୁ କଠୋର ଦଣ୍ଡ ଦେଲା । ଲୋକମାନେ ସମସ୍ତେ ଚିନ୍ତା କଲେ, ଏ ହେଉଛି ସାଧାରଣ ମଣିଷ । ଏକଦା ଲୋକମାନେ ସଭାକଲେ । ସେମାନେ ସଭାରେ ଉପସ୍ଥିତ ଥିବା ସମୟରେ, ପାଖରେ ପାତ୍ର ମାନଙ୍କରେ ପାଣି ରଖିଥିବେ ବୋଲି ସ୍ଥିର କଲେ ।

କିଛି ଦିନ ପରେ ସଭା ଆରମ୍ଭ କରିବା ପାଇଁ ସମସ୍ତେ ରୁଣ୍ଡ ହେଲେ । ସଭା ମଧ୍ୟକୁ ତାଙ୍କୁ ମଧ୍ୟ ଡକା ଗଲା । ଯେତେବେଳେ ସଭାରେ ଶ୍ରୀକୃଷ୍ଣ ମୁଖରୁ କିଛି ବାଣୀ ଶୁଣିବା ପାଇଁ ନିବେଦନ କଲେ । ଯେତେବେଳେ ସିଏ ଠିଆ ହୋଇ କହିବା ପାଇଁ ଆରମ୍ଭ କରିଛନ୍ତି, ସେତିକି ବେଳେ ସମସ୍ତେ ପାତ୍ରରେ ଧରିଥିବା ପାଣି ତା ଦେହକୁ ଢାଳି ଦେଇଛନ୍ତି । ତା ପରେ ଦେହରେ ଲାଗିଥିବା ନୀଳରଙ୍ଗ ଛାଡି ଯାଇଥିଲା । ସେ ଥିଲା ଜଣେ ସାଧାରଣ ମଣିଷ । ସମସ୍ତେ ରାଗି ଯାଇ ତାକୁ ମାରିବାକୁ ଆରମ୍ଭ କଲେ ।

ଏତେଦିନ ପର୍ଯ୍ୟନ୍ତ ଗୋଟିଏ ସାଧାରଣ ମଣିଷର ଠକାମିରେ ଠକି ହେଉଥିବାରୁ ପ୍ରତ୍ୟେକ ଲଜ୍ଜିତ ହେଲେ ।

●●●

# ସୌନ୍ଦର୍ଯ୍ୟର ଖଣ୍ଡାଧାର

ଆଦିବାସୀ ଧାଙ୍ଗଡ଼ା
ଅଷ୍ଟମ ଶ୍ରେଣୀ

ଖଣ୍ଡାଧାର ଗୋଟିଏ ଅତି ରମଣୀୟ ଏବଂ ଦର୍ଶନୀୟ ସ୍ଥାନ ଅଟେ । ଖଣ୍ଡାଧାରକୁ ଅତି ଦୂରରୁ ଦେଖିଲେ ପାଣି ପଡୁଥିବ । ଆକାର ଅଣ ଓସାରିଆ ଜଣାପଡେ । କିନ୍ତୁ ଅତି ପାଖରୁ ଯାଇ ଉପରକୁ ଅଡେଇ ଦେଖିଲେ, ସତରେ ଯେପରି ମେଘ ଘୋଡାଇ ରଖିଲା ଜଣାଯାଏ । ଖଣ୍ଡାଧାରକୁ ଯିଏ ଦେଖିବାକୁ ଯାଏ, ତାଙ୍କ ମତରେ ଯେତେ ଝଡଝଞ୍ଜା ଆସୁଥିଲେ ମଧ୍ୟ କୁଳୁ କୁଳୁ ନାଦରେ ମନକୁ ଭୁଲେଇ ନିଏ । ଖଣ୍ଡାଧାର ନଦୀକୁ ଗୋଟିଏ ପଥର ଉପରେ ବସି ମନ ଦେଇ ଶୁଣିଲେ ମନେ ହୁଏ କିଏ ଗୋଟିଏ ଗୁଣୁ ଗୁଣୁ ସ୍ୱରରେ ଗୀତ ଗାଇଲା ଭଳି । ଖଣ୍ଡାଧାର ନଦୀର ପୂର୍ବ ପାର୍ଶ୍ୱରେ ଛୋଟ ବଡ ଲତା ଗହଳ ମିଶି ଅଛନ୍ତି । ପବନ ଦେବା ଫଳରେ ଲତା ଗୁଡିକ ଝୁଲି ବୁଲେ । ଦେଖିବାକୁ ବେଶ୍ ସୁନ୍ଦର ଦିଶେ । ମାଙ୍କଡମାନେ ସେହି ଲତା ଗହଳରେ ଏ ଡାଳରୁ ସେ ଡାଳକୁ ଡ଼ିଆ ମାରୁଥାନ୍ତି । ଏମାନଙ୍କୁ ଦେଖିବାକୁ ମଧ୍ୟ ସୁନ୍ଦର ଦିଶେ । ଖଣ୍ଡାଧାର ପାଣି ପଡୁଥିବା ସ୍ଥାନଟି ଅତି କୁଣ୍ଡଳାକୃତି । ସେହି କୁଣ୍ଡଳାକୃତି ମଧ୍ୟରେ ଗୋଟିଏ ଝରଣା ସୃଷ୍ଟି ହୋଇ କୁଳୁକୁଳୁ ନାଦରେ ବୋହି ଯାଉଛି । ସେହି ଝରଣାକୁ ବନ୍ଧ ନିର୍ମାଣ କରି ପାଣିକୁ ଦୁଇଟି କେନାଲ୍ ସାହାଯ୍ୟରେ ବିଭାଜନ କରି କୃଷି କାର୍ଯ୍ୟରେ ବ୍ୟବହାର କରାଯାଉଛି । ଖଣ୍ଡାଧାରକୁ ଗଲା ବେଳେ ପ୍ରଥମେ ଗୋଟିଏ ଘାଟି ଚଢ଼ି ଯିବାକୁ ପଡ଼େ । କିଛି ଦୂରରେ ଗୋଟିଏ ଶିବଶଙ୍କର ମନ୍ଦିରଟିଏ ନିର୍ମାଣ କରାଯାଇଛି । ଦେଖିବାକୁ ଅତି ରମଣୀୟ । ଖଣ୍ଡାଧାର ପାଣି ପଡୁଥିବା ସ୍ଥାନ ପାଖରୁ ଅଡେଇ ଦେଖିଲେ ଚାରିଆଡେ ସବୁଜିମାରେ ପରିବ୍ୟାପ୍ତ । ଏଠାରୁ ପୁଣି ପ୍ରତ୍ୟାବର୍ତ୍ତନ କରିବାକୁ ଇଚ୍ଛା ହୁଏନି । ଏଠାକୁ ବିଭିନ୍ନ ଦେଶରୁ ଲୋକମାନେ ଦେଖିବାକୁ ଆସନ୍ତି । ଖଣ୍ଡାଧାର ଗୋଟିଏ ରମଣୀୟ ସ୍ଥାନ ଏବଂ ଅଭୁଲା ସ୍ମୃତିର ଦୃଶ୍ୟମାନ । କୌଣସି ଲୋକ ଭୁଲିପାରିବେ ନାହିଁ । ଦୁଇଟି ପାହାଡ ମଧ୍ୟରେ ଖଣ୍ଡାଧାର ପାଣି ତଳକୁ ନିର୍ଗତ ହେଉଛି । ପାଣି ପଡୁଥିବା ସ୍ଥାନଟି ସୁନ୍ଦର ପଥର ଖଞ୍ଜା ହେଲାଭଳି ଖଞ୍ଜା ହୋଇଛି ।

ଓଡିଶାର ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟ ବିମଣ୍ଡିତ ସ୍ଥାନ ମାନଙ୍କ ମଧ୍ୟରେ ଅନ୍ୟତମ ସ୍ଥାନ ଭାବରେ ଖଣ୍ଡାଧାର ପ୍ରସିଦ୍ଧ ।

●●●

# କି ସୁନ୍ଦର ପୃଥିବୀ

ରବିନ୍ କୁମାର ଦେହୁରୀ
ଅଷ୍ଟମ ଶ୍ରେଣୀ

ଅନେକ ଯୁଗ ତଳର କଥା !

ସେତେବେଳେ ଏ ସଂସାର ଗଢା ହୋଇ ନ ଥିଲା । ଚାରିଆଡେ ଖାଲି ପାଣି...ପାଣି । ଠାକୁରେ ତା'ପରେ ସ୍ଥଳଭାଗ ଗଢିଲେ । ଜଳ ଭିତରେ ଶାଗ ଜୀବ ସୃଷ୍ଟି କଲେ ସେମାନେ ହେଲେ ଜଳଜୀବ । ସ୍ଥଳ ଭାଗରେ ଗଛ ଲତା ବଣପାହାଡ ଗଢିଲେ । କି ସୁନ୍ଦର ପୃଥିବୀ ! ତା ପରେ ସ୍ଥଳଜୀବ ପଶୁ ପକ୍ଷୀ, ଆଦି ଛୋଟ ଛୋଟ ଜୀବ, ତା ପରେ ବଡ ବଡ ଜୀବ ବାଘ ଭାଲୁ ହାତୀ ସିଂହ ।

ସଂସାର ଗଢା ହେବା ପରେ ସୃଷ୍ଟି କର୍ତ୍ତା ଦିନେ ବୁଲିବୁଲି ଦେଖିଲେ । ତାଙ୍କର ଆନନ୍ଦ କହିଲ ନ ସରେ । ସତରେ ସୃଷ୍ଟି ତାଙ୍କର କେଡେ ସୁନ୍ଦର । ଦିନେ ସୃଷ୍ଟିକର୍ତ୍ତା ଭାବିଲେ ସବୁତ ଗଢା ସରିଗଲା । ଏପରି ଆଉ ଏକ ଜୀବ ଗଢା ଯାଆନ୍ତା ଯେ କି ସବୁଠାରୁ ଅଲଗା ହୁଅନ୍ତା-ବୁଦ୍ଧିମାନ ହୁଅନ୍ତା । ମନେ ମନେ ଜୀବଟିର ନକ୍ସା ଆଙ୍କିଲେ । ପକ୍ଷୀ ତ ଆକାଶରେ ଉଡିଲେ, ପଶୁମାନେ ତ ଚାରି ଗୋଡରେ ଚାଲିଲେ ମଣିଷକୁ କେମିତି ଗଢିବେ । ଠିକ୍ କଲେ, ତାକୁ ଦିଓଟି ଗୋଡ ଦେଇ ସିଧା ଠିଆ କରାଇବେ । ଦି'ଟା ହାତ ଦେବେ । ସେଇ ଦି'ଟା ହେବ ମଣିଷର ଅସଲ ବଳ । ତାହାରି ସାହାଯ୍ୟରେ ଅସମ୍ଭବକୁ ସମ୍ଭବ କରିବ । ତା ଆଙ୍ଗୁଠିଗୁଡିକ ତା ପାଇଁ ସୁଖ ସୌଭାଗ୍ୟ ଆଣିଦେବ ।

ମୁଣ୍ଡଟିଏ ଦେବେ । ତାଙ୍କର ପୃଥିବୀ ପରି ଗୋଲ ହେବ । ସେ ଭିତରେ ସେ ନୂଆ ନୂଆ ଜିନିଷ ଭରିଦେବେ ଯାହା ପଶୁ ପକ୍ଷୀକୁ ଦେଇ ନାହାନ୍ତି । ମଣିଷ ତାହାର ବୃଦ୍ଧି ବଳରେ ବି ନୂଆ ନୂଆ କାମ କରି ପାରିବ । ସେହି ବୁଦ୍ଧି ବଳରେ ଆକାଶ ପୃଥିବୀକୁ ନିଜର ଆୟତରେ ରଖିବ । ମଣିଷକୁ ଭାବି ଚିନ୍ତି ଗଢ଼ିଲେ । ପ୍ରଥମେ ମଣିଷ ପିଲା ଡାକ ଛାଡିଲା- କୁଆଁ...କୁଆଁ...କୁଆଁ...ମୁଁ ଏ ପୃଥିବୀକୁ ଆସିଛି ନୂଆ କୁଣିଆ...କୁଆଁ...କୁଆଁ ??

ଠାକୁରେ ଭାରି ଖୁସି ହୋଇ ଗଲେ । ଭାରି ବଢ଼ିଆ ଜୀବଟିଏ ଗଢିଲେ । ପିଲାଟି । ସେ ଯାଇ ଠାକୁରଙ୍କୁ ମୁଣ୍ଡିଆ ମାରି ଗୁହାରୀ କଲା ହେ ଠାକୁରେ ! ତୁମେ ମୋତେ କାହିଁକି ଗଢିଲେ ? ମୁଁ କ'ଣ କରିବି କୁହ ? ଠାକୁରେ ହସି ହସି କହିଲେ । ତୋତେ ଗଢିଦେଇ ମୋ ମନ ଭାରି ଖୁସି । ମୋର ଏତିକିରେ ସର୍ଜନା କାମ ସରିଗଲା ତୁ ହେଉଛୁ ଶ୍ରେଷ୍ଠ । ତୋରି ଭିତରେ ମୁଁ ଅମୃତ ସମ୍ପତି ଭରିଦେଇଛି । ଯାହା ପଶୁ ପକ୍ଷୀ କେହି ପାଇ ପାହାନ୍ତି କି ପାଇ ପାରିବେ ନାହିଁ ।

ହେ ପ୍ରଭୁ । ତୁମେ କ'ଣ ଦେଇଛ ଟିକିଏ କୁହ । ମୁଁ ତ ଭାବୁଛି ମୁଁ ସବୁଠାରୁ ଦୁର୍ବଳ ଜୀବ ମୋତେ କିଛି ଦେଇନ । ଠାକୁରେ କହିଲେ ତୋ ଭିତରେ ଦୟା, କ୍ଷମା, ସ୍ନେହ, ମମତା, ଶ୍ରଦ୍ଧା, ଭକ୍ତି, କରୁଣା ଭରି ଦେଇଛି । ଏସବୁ ପାଇଁ ତୁ ଏ ସଂସାରରେ ଶ୍ରେଷ୍ଠ ଜୀବ । ତୁ ମୋ ତରଫରୁ ଏ ସଂସାରକୁ ଚଳାଇବୁ । ତୁ ରଜା । ପଶୁ ପକ୍ଷୀ ପରଜା । ତାଙ୍କୁ ସ୍ନେହ କରିବୁ ତାଙ୍କ ପ୍ରତି ନିର୍ଦ୍ଦୟ ହେବୁନି । ସେମାନେ ତୋରି ସେବା କରିବେ । ତୁ ସୁଖରେ ଚଳିବାକୁ, ମୁଁ ସେମାନଙ୍କୁ ଗଢିଛି । ଖାଲି ତୋରି ପାଇଁ ଗଛଲତା, ବଣ, ପାହାଡ, ନଈନାଳ, ପଶୁପକ୍ଷୀ ତୋରି ସେବା କରିବେ । ତୁ ସେମାନଙ୍କୁ ନଷ୍ଟ କରିବୁ ନାହିଁ । ମଣିଷଟି ବିକଳ ହୋଇ କହିଲା ପ୍ରଭୁ ବାଘ, ଭାଲୁ ମୋତେ ଖାଇଯିବେ । ସେମାନେ ହିଂସ୍ର ଜନ୍ତୁ । ପକ୍ଷୀ ଆକାଶରେ ଖାଲି ଉଡିବ । ମୋର ଆଉ ବଡ ପଣିଆ ରହିଲା କ'ଣ । ଠାକୁରେ କହିଲେ ତୋ ବୁଦ୍ଧି ବଳରେ ତୁ ଆକାଶରେ ଉଡିବୁ, ପାଣିରେ ବୁଡିବୁ, ତୁ ମୋ ପରି ଭଙ୍ଗାଗଢା କରିବୁ । ହଁ ଠାକୁରେ ସେତିକି କୃପା କର । ତମ ନାଁ ରହିବ । ମୁଁ ତମର ବାନା ଉଡେଇବି । ମୋତେ ଟିକିଏ ସେହି ମନ୍ତ୍ରଟା ଶିଖାଇ ଦିଅ । ସବୁ କଥାରେ ପ୍ରଭୁଙ୍କୁ ହଇରାଣ କରିବିନି । ନିଜେ ସବୁ କରିଯିବି । ସେଇ ମନ୍ତ୍ରଟା ଶିଖାଇ ଦିଅ ପ୍ରଭୁ । ମଣିଷ ହାତ ଯୋଡି ଠାକୁରଙ୍କୁ କହିଲା ଠାକୁରେ ମଣିଷକୁ ଭଙ୍ଗା ଗଢା ମନ୍ତ୍ରଟା ଶିଖାଇ ଦେଲେ । ଏବେ ମଣିଷ ଅସୀମ ଶକ୍ତି ନେଇ ଚଳୁଛି । ବୁଦ୍ଧି ବଳରେ ଆକାଶରେ ଉଡିଲାଣି । ପାଣିରେ ବୁଡିଲାଣି । ଗ୍ରହକୁ ଗ୍ରହ ଗଲାଣି । ପୃଥିବୀର ସବୁ ଘଟଣା ଘରେ ଦେଖୁଛି । ତା'ର ଗଢା କାମ ସରିଆସିଲାଣି । ଏବେ ସେ ଭଙ୍ଗାକାମରେ ମନ ଦେଇଛି । ସୁନ୍ଦର ବଣ ପାହାଡ ନଷ୍ଟ କଲାଣି । ଜୀବଜନ୍ତୁ ମାରି ପଦା କଲାଣି । ପୃଥିବୀକୁ ମରୁଭୂମି ଆସୁଛି । ଦିନେ ସେ ସୃଷ୍ଟି କର୍ତ୍ତାକୁ ପୁଣି କହିବ ହେ ଠାକୁରେ । ମୋ ଭିତରୁ ସେଇ ବୁଦ୍ଧିଟାକୁ ନେଇଯାଅ । ତାହା ହିଁ ମୋର କାଳ । ମୋତେ ସାନ କରିଦିଅ ।

●●●

# କିଏ କାମ କରେ ନାହିଁ

ଖଗେଶ୍ୱର ପ୍ରଧାନ
ଅଷ୍ଟମ ଶ୍ରେଣୀ

ଦିନକର ଘଟଣା । ସେ ଦିନ କ'ଣ ହେଲା କେଜାଣି । ସବୁଦିନ ସମସ୍ତେ ସୁଖରେ ଚଳନ୍ତି । କିନ୍ତୁ ସେ ଦିନ କେହି ସୁଖରେ ରହିପାରିଲେ ନାହିଁ । ହାତଗୋଡ ସବୁ ଅଙ୍ଗପ୍ରତ୍ୟେଙ୍ଗ ସବୁ କାମକରନ୍ତି । ପେଟର କାମକରା କେହି ଦେଖିନାହାନ୍ତି । ତେଣୁ ସୋମାନେ ସମସ୍ତେ ଭାବିଲେ ଆଜି ଗୋଟିଏ ସଭା କରିବା । ସେ ସଭାରେ ସମସ୍ତେ ଆମେ ଯୋଗଦେବା । ସମସ୍ତେ ସଭାରେ କିଏ କାମ କରୁଛି କିଏ କରେ ନାହିଁ ବାହାର କରିବା । ସମସ୍ତେ ସଭାକୁ ଆସିଲେ ସମସ୍ତେ ନିଜ କାମକୁ ଗୋଟେ ପରେ ଗୋଟେ କହିବାକୁ ବସିଲେ । ପ୍ରଥମେ ହାତ କହିଲା- ମୁଁ ସବୁବେଳେ ବିଭିନ୍ନ କାମ କରେ, ପରେ ଆଖି କହିଲା - ମୋର ଦେଖିବା କାମ, ପାଟିରକାମ କଥା କହିବ । ନାକ କହିଲା ନିଶ୍ୱାସ ପ୍ରଶ୍ୱାସ, ଗୋଡ ଚାଲିବାରେ ଏବୁ କାମ କରନ୍ତି ।

କିନ୍ତୁ ସମସ୍ତେ ଜାଣିଛନ୍ତି ପେଟକିଛି କାମ କରୁନାହିଁ । ତାକୁ ଖାଲି ଖାଇବାକୁ ଆମ୍ଭେମାନେ ଦେଉଛେ । ତେଣୁ ଆମେ କାଲିଠାରୁ ଚୁପଚାପ୍ ହୋଇ ରହିବା । କେହି ପେଟପାଇଁ କାମ କରିବା ନାହିଁ । ପେଟ କଣ କହୁଛି ଦେଖିବା । ସେଦିନ ହାତକୁ କହିଲେ ତୁ କେବେ ପାଟିକୁ ହାତରେ ଖାଦ୍ୟ ଦବୁନାହିଁ । ପାଟିକୁ କହିଲେ ତୁ କିଛି ପେଟ ପାଇଁ କାମ କରିବୁ ନାହିଁ । ସେହିପରି ଗୋଡକୁ ମଧ ପେଟପାଇଁ କିଛି କାମ ନ କରିବାକୁ କହିଲେ । ସଭା ଶେଷ ହୋଇଗଲା । ସମସ୍ତେ ସେ ସଭାରେ ଗ୍ରହଣ କରିଥିବା ଶପଥକୁ କାମରେ ଲଗେଇଲେ । ସେ ଦିନ ଗଲା ପରଦିନ ପେଟକୁ ବହୁତ ଭୋକହେଲା କିନ୍ତୁ କେହି ତା କଥା ଶୁଣିଲେ ନାହିଁ । ଶେଷର ହାତ ଗୋଡ ସମସ୍ତେ ରୋଗରେ ଆକ୍ରାନ୍ତ ହେଲାପରି ଲାଗିଲେ । ସମସ୍ତେ ଦୁର୍ବଳ ହୋଇଗଲେ । ସେମାନଙ୍କ ମୃତ୍ୟୁର ଆଶଙ୍କା ଜାଣିପାରିଲେ । ତେଣୁ ସଂଗେ ସଂଗେ ପେଟପାଇଁ କିଛି ଦାନା ଆଣିଲେ । ସେ ଖାଦ୍ୟ ପାଟି ଭିତରକୁ ଗଲାପରେ ଯେଉଁମାନେ ଦୁର୍ବଳରେ ଥିଲେ ସେମାନେ କିଛି ଶକ୍ତି ଆସ୍ତେ ଆସ୍ତେ ପାଇଲେ । ତେଣୁ ପରେ ଜାଣିପାରିଲେ ଯେ ଆମ ପାଇଁ ପେଟ ହିଁ ଭଗବାନ । ତାକୁ ଆଉ ଅଡୁଆକରିବା ନାହିଁ । ଆମ ଶରୀରରେ ବିଭିନ୍ନ ଅଂଶ କିଛି ନା କିଛି କାମ କରିଥାଆନ୍ତି ।

●●●

## ହରିଣ ଦମ୍ପତି କାହାଣୀ

ଭାସ୍କର ପ୍ରଧାନ
ଅଷ୍ଟମଶ୍ରେଣୀ

ଗୋଟିଏ ଜଙ୍ଗଲରେ ହରିଣ ଦମ୍ପତି ବାସକରୁଥିଲେ । ପରେ ପରେ ତାଙ୍କର ପିଲାପିଲି ହେଲେ । ବୈଶାଖ ଜ୍ୟେଷ୍ଠ ସମୟରେ ହଠାତ୍ ସେହି ଜଙ୍ଗଲରେ ନିଆଁ ଲାଗିଗଲା । ଫଳରେ ସମସ୍ତ ଜୀବଜନ୍ତୁ ଦୌଡି ପଳାଇଲେ । କହିବାକୁ ଗଲେ ନିଜର ପିଲାମାନଙ୍କ ପାଇଁ ହରିଣ ଦମ୍ପତି ଦୌଡିଲେ ନାହିଁ । ପରେ ପରେ ପୁରୁଷ ହରିଣଟି ଜୀବନ ବଞ୍ଚାଇବା ପାଇଁ ଶିଶୁ ସନ୍ତାନ ମାନଙ୍କୁ ଛାଡି ଦୌଡିପଳାଇଲା । ହରିଣୀଟି ଅତିକଷ୍ଟରେ ପିଲା ମାନଙ୍କ ସହ ନିଆଁରେ ଜଳିଗଲା । ହରିଣୀଟି ମରିଯିବା ପରେ ରାଜଙ୍କ ଘରେ ରାଜ କନ୍ୟା ହିସାବରେ ଜନ୍ମନେଲା । ବୟସ ବଢିବା ସଂଗେ ତାର ପୂର୍ବଜନ୍ମ କଥା ମନେ ପଡିଗଲା, ଏବଂ ସେ ସ୍ଥିର କଲା ଯେ ବୟସର ପିଲାଙ୍କର ମୁହଁ ମଧ ଦେଖିବି ନାହିଁ । କିମ୍ବା ବିବାହ ବୟସର ପିଲାଙ୍କର ମୁହଁ ମଧ ଦେଖିବି ନାହିଁ । ଝିଅର ପ୍ରତିଜ୍ଞା ଶୁଣି ରାଜା ବଡ ଚିନ୍ତାରେ ପଡିଗଲେ । କିପରି ଭାବେ ଯୌବନ ପ୍ରାପ୍ତ ଝିଅଟିକୁ ବିବାହ ଦେବେ । ଦେଖିବା ପାଇଁ ଝିଅଟି ମଧ ସୁନ୍ଦରୀ ଥିଲେ । ଅନ୍ୟପକ୍ଷରେ ରାଜପୁତ୍ର ଭାବେ ଅନ୍ୟ ଗୋଟିଏ ରାଜ୍ୟରେ ପୁରୁଷ ହରିଣଟି ଜନ୍ମନେଲା । ପୁରୁଷ ହରିଣଟି ପୂର୍ବଜନ୍ମର କଥା ମନେ ପକାଇ ପାରିଲା ନାହିଁ । ସେହି ସୁନ୍ଦରୀ ରାଜକନ୍ୟାଙ୍କୁ ବିବାହ କରିବା ପାଇଁ ମନ ବଳାଇଲା । ରାଜକନ୍ୟାଙ୍କୁ ପାଇବା ପାଇଁ ଚିନ୍ତାକରିବାକୁ ଲାଗିଲା । ଚିନ୍ତିତ ରାଜପୁତ୍ରକୁ ଦେଖି ରାଜା ରାଜକନ୍ୟାଙ୍କ ବାପାଙ୍କ ପାଖକୁ ପ୍ରସ୍ତାବ ପଠାଇଲେ । ରାଜ କନ୍ୟାର ବିବାହ ପାଇଁ ତାଙ୍କର ପିତା ଅତି ଚିନ୍ତିତ ଥିଲେ । ଏପରି ପ୍ରସ୍ତାବ ଶୁଣି ବିବାହ କାର୍ଯ୍ୟ ସଂପନ୍ନ କରିବା ପାଇଁ ସ୍ଥିର କଲେ । ରାଜକନ୍ୟାଟି ସ୍ଥିର ହୋଇଥିବା ବିବାହରେ ସମ୍ମତି ହେଉ ନଥିବା ଦେଖି ତାହାର କାରଣ ରାଜା ଜାଣିବାକୁ ଚାହିଁଲେ । ରାଜକନ୍ୟା ତାଙ୍କର ବାପା ଓ ମାଆ ସମ୍ମୁଖରେ କହିଲେ, ସେହି ରାଜପୁତ୍ର ଓ ମୁଁ ପୂର୍ବଜନ୍ମର ହରିଣ ଦମ୍ପତି ରୂପରେ ଜନ୍ମ ନେଇଥିଲୁ । କିନ୍ତୁ ସେ ଏତେ ସ୍ୱାର୍ଥପର ଯେ ଆମ ପିଲାଦୁହିଁଙ୍କୁ ନିଆଁରେ ଠେଲି ଦେଇ ନିଜର ଜୀବନ ଘେନି ଦୌଡି ପଳାଇଲା । ମୁଁ ତାକୁ କେବେ ବି ବିବାହ କରିବି ନାହିଁ । ରାଜକନ୍ୟାର କଥାନୁସାରେ ବିବାହ ବନ୍ଦ ହୋଇଗଲା ।

●●●

## ଚତୁର ବିଲୁଆ

ଦିବ୍ୟରଶ୍ମି ରାଉତ
ନବମ ଶ୍ରେଣୀ

ଗୋଟିଏ ଘଞ୍ଚ ଜଙ୍ଗଲ ଭିତରେ ବିଲୁଆ ଓ ତାର ସ୍ତ୍ରୀ ଦୁଇ ଛୁଆଙ୍କୁ ନେଇ ସାଙ୍ଗରେ ରୁହୁଥିଲେ । ଥରେ ବହୁତ ବର୍ଷା ହେଲା । ଘରେ ପାଣି ପଶିଗଲା । ବିଲୁଆ ଓ ତା ସ୍ତ୍ରୀ ଚିନ୍ତାରେ ପଡିଲେ । କିଛି ସମୟ ପରେ ବର୍ଷା କମିଗଲା ସେମାନେ ଚିନ୍ତା କଲେ ଯଦି ବର୍ଷା ପୁଣି ଖସିବ ତା ହେଲେ ଘରେ ପାଣି ଭରିଯିବ । ଏହା ଭାବି ଦୁହେଁ ଗୋଟିଏ ଗୋଟିଏ ଛୁଆଙ୍କୁ ନିଜ ନିଜ ମୁହଁରେ ଚାପି ସୁରକ୍ଷିତ ଜାଗା ଖୋଜିଲେ । ଖୋଜୁ ଖୋଜୁ ସେମାନେ ଗୋଟିଏ ଗୁମ୍ଫା ଦେଖିଲେ । ସେଠାରେ ପଶିଗଲେ । ସେଇ ଗୁମ୍ଫାଟି ଗୋଟିଏ ବାଘୁଣୀର ଥିଲା । ସେଠାରେ ଶୁଖିଲା ହାଡ ଓ ମାଂସ ଖଣ୍ଡ ପଡିଥିଲା । ସେଇ ମାଂସ ଖଣ୍ଡ ଖାଇ ସେମାନେ ବିଶ୍ରାମ କଲେ । ହଠାତ୍ ବାଘୁଣୀର ଗର୍ଜନ ଶୁଭିଲା । ସେମାନେ ଚମକି ପଡିଲେ । ସେମାନେ ଭାବିଲେ ବାଘୁଣୀ ନିଶ୍ଚୟ ତା ଗୁମ୍ଫାକୁ ଫେରି ଆସୁଛି । ମାଆ ବିଲୁଆ ସଂଗେ ସଂଗେ ଗୋଟିଏ ଉପାୟ ପାଞ୍ଚିଲା । ଦେଖିଲା ବାଘୁଣୀ ତା ଗୁମ୍ଫା ପାଖକୁ ଆସୁଛି । ସେତିକି ବେଳେ ଭିତରେ ଥାଇ ମାଆ ବିଲୁଆ ଉଚ୍ଚ ସ୍ୱରରେ ପୁରୁଷ ବିଲୁଆକୁ କହିଲା ଶୁଣ ମହାରାଜା । ହଁ ରାଣୀ କୁହ କ'ଣ ହେଲା ? ମାଆ ବିଲୁଆ କହିଲା ଛୁଆମାନେ ଭୋକରେ ଅଛନ୍ତି । "ବାଘୁଣୀ ମାଂସ" ଖାଇବେ ବୋଲି କହୁଛନ୍ତି । ବିଲୁଆ କହିଲା ସକାଳେ ମୁଁ ତାଙ୍କ ପାଇଁ ଗୋଟିଏ ବାଘୁଣୀ ମାରି ଆଣିଥିଲି । ସେମାନେ ବାସୀ ମାଂସ ଖାଇବୁ ନାହିଁ କହୁଛନ୍ତି । ବିଲୁଆ କହିଲା ତୁମେ ତାଙ୍କୁ ଗପ ଶୁଣାଇ ଥାଅ । ଏହା କହି ବିଲୁଆ ଜୋରରେ ମାଟି ଗୋଡି ବାହାରେ ଫୋପାଡିଲା । ବାଘୁଣୀ, ବିଲୁଆ ଦୁହିଁଙ୍କ କଥା ଶୁଣି ଡରିଗଲା । ସେ ଭାବିଲା, ମୋ ଗୁମ୍ଫାରେ ନିଶ୍ଚୟ ମୋ ଠାରୁ ବଳୀୟାନ ଜୀବ ଆସିଛନ୍ତି । ସେମାନଙ୍କ ଛୁଆମାନେ ମଧ ବାଘୁଣୀ ମାଂସ ଖାଆନ୍ତି । ଏହାଭାବି ସେ ଡରିଗଲା ଓ ସେଠାରୁ ଦୌଡି ପଳାଇଲା । ସେତିକି ବେଳେ ଗୋଟିଏ କଜ୍ଜଳ ପାତି ବାଘୁଣୀକୁ ଦୌଡିବାର ଦେଖିଲା । ସେ ବାଘୁଣୀକୁ କହିଲା, ଏମିତି ବ୍ୟସ୍ତ ହୋଇ

କୁଆଡେ ଯାଉଛ ? ବାଘୁଣୀ ପଛ ପଟେ ବୁଲି କହିଲା ମୋ ଗୁମ୍ଫାରେ ଦୁଇଟି ବଳୀୟାନ ଜୀବ ଅଛନ୍ତି । ତାଙ୍କ ପିଲାମାନେ ମଧ ବାଘୁଣୀ ମାଂସ ଖାଆନ୍ତି । ବହୁତ କଷ୍ଟରେ ମୁଁ ଜୀବନ ବଞ୍ଚାଇ ସେଠାରୁ ପଳାଇ ଆସିଛି । କଜ୍ଜଳପାତି କହିଲା ଆରେ ବାଘୁଣୀ ମାଉସୀ, ତମେ ତ ଏମିତି ଡରିଗଲ । ତୁମଠାରୁ ବଳୀୟାନ ଜୀବ ପୁଣି କିଏ ? ନିଶ୍ଚୟ ସେମାନେ ବିଲୁଆ ହୋଇଥିବେ । କଜ୍ଜଳପାତିର କଥା ଶୁଣି ବାଘୁଣୀ ରହିଗଲା । କିନ୍ତୁ ସେ ହେଲେ ବି ଡରୁଥାଏ । ସେ କଜ୍ଜଳ ପାତିକୁ କହିଲା ତୁ ଆଗେ ଚାଲ୍ ମୁଁ ତୋ ପଛେ ପଛେ ଯାଉଛି । ଦୁହେଁ ଗୁମ୍ଫାରେ ପହଁଞ୍ଚିଲେ । ଆଗେ ଆଗେ କଜ୍ଜଳ ପାତି ଓ ପଛରେ ବାଘୁଣୀକୁ ଦେଖି ବିଲୁଆ ଉଚ୍ଚ ସ୍ୱରରେ କହିଲା, ଆରେ ରାଣୀ ପିଲାମାନଙ୍କୁ ଉଠାଇ ଦିଅ । ମୁଁ କଜ୍ଜଳପାତିକୁ ବାଘୁଣୀ ଆଣିବା ପାଇଁ କହିଥିଲି ସେ ବାଘୁଣୀ ଆଣିଛି କିନ୍ତୁ ଟିକିଏ ପତଳା ଲାଗୁଛି । ଏହାକୁ ତ ପିଲାମାନେ ନିଜେ ମାରି ଖାଇବେ । ବାଘୁଣୀ ଏହାଶୁଣି ଭାବିଲା କଜ୍ଜଳପାତି ଓ ସେହି ବଳୀୟାନ ଜୀବ ଆଗରୁ ମିଶିଛନ୍ତି । ସେ କଜ୍ଜଳପାତିକୁ ରାଗିଗଲା । ରାଗରେ ତାକୁ ମାରିଦେଲା ଓ ସେଠାରୁ ଆହୁରି ଜୋରରେ ଦୌଡି ପଳାଇଲା । ଏହା ଦେଖି ବିଲୁଆ ମାନେ ଜୋରରେ ହସି ଉଠିଲେ ।

ତେଣୁ କୁହାଯାଏ - ବୁଦ୍ଧି ପାଖରେ ବଳ ସର୍ବଦା ହାର ମାନିଥାଏ ।

●●●

# କେଉଟ କଥା

ସୁସ୍ମିତା ଦେହୁରୀ
ନବମ ଶ୍ରେଣୀ

ସମୁଦ୍ର କୂଳରେ ଛୋଟ ସହରଟିଏ । ସହର ତଳି କେଉଟ ପଡାରେ ଆମାନୁଲ୍ଲା ନାମରେ ଜଣେ କେଉଟ କୁଡିଆ ଖଣ୍ଡିଏ କରିଥାଏ । ତା ଘରେ ତା'ର ସ୍ତ୍ରୀ ଓ ଦଶ ଜଣ ଛୁଆ ମିଶି ବାରଜଣ ପ୍ରାଣୀ । ସମ୍ପତ୍ତି ବୋଲିଥାଏ ଖଣ୍ଡିଏ ମାତ୍ର ଜାଲ । ସମୁଦ୍ରରେ ଜାଲ ନ ପଡିଲେ ତା ପେଟରେ ଓଦା କନା ପଡେ । ବିଚରା ସବୁଦିନ ଜାଲ ନେଇ ଯାଏ । ଯାହା ଦୁଇଟି ମାଛ ପଡନ୍ତି ତାକୁ ବିକି ଦାଣ୍ଡରୁ ଆସିଲେ ତା ହାଣ୍ଡିରେ ଦାନା ପଡେ । ଗରିବ ବାପୁଡାର ତେଲ ଲୁଣର ସଂସାର ଦେଖୁ ଦେଖୁ ଆଉ ଗୋଟିଏ ପୁଅ ଜନ୍ମ ହୋଇଗଲା । ପୁଅ ଜନ୍ମଦିନ ଜାଲ ନେଇ ସମୁଦ୍ରକୁ ଯାଉ ଯାଉ ସେ ଠିକ୍ କଲା ଆଜି ପହିଲିଥର ଜାଲଟା ମୋ ଟିକିପୁଅ ନାଆଁରେ ପକାଇବି । ପ୍ରଭୁ କ'ଣ ଦେଉଛନ୍ତି ଦେଖିବି । ସମୁଦ୍ରରେ ପହିଲି ଜାଲ ପକାଇ ଟାଣି ଆଣିବା ବେଳକୁ ଦେଖେ ତ ଓଜନିଆ ଲାଗୁଛି । କ'ଣ ପଡିଥିବ ଭାବୁ ଭାବୁ ଜାଲଟିକୁ ଧିରେ ଧିରେ ଟାଣି ଆଣି ସମୁଦ୍ର କୂଳରେ ଦେଖେ ତ ମଣିଷ ପଡିଛି । ସେ ପୁଣି ଏକ ବିଚିତ୍ର ମଣିଷ । ଆମ ପରି ଦେହ, ମୁଣ୍ଡ, ଆଖି, କାନ, ହାତ ସବୁ ରହିଛି କିନ୍ତୁ ତାର ଗୋଡ ନାହିଁ ଗୋଡ ବଦଳରେ ରହିଛି ମାଛ ଲାଞ୍ଜପରି ଏକ ବଡ ଲାଞ୍ଜ । ସେଇଟା ଗୋଟିଏ ସମୁଦ୍ର ଦୈତ୍ୟ ଭାବି ଅମାନୁଲ୍ଲା ଜାଲଛାଡି ଦୌଡି ପଳେଇ ଆସିବା ବେଳକୁ ସେ ଲୋକଟା ପଛରୁ ଡାକ ପକାଇଲା ହୋ କେଉଟ ଭାଇ ! ରହ ରହ ଏମିତି ମିଛରେ ଡର ନାହିଁ । ମୁଁ ତୁମ ପରି ଜଣେ ମଣିଷ । ମତେ ଜାଲରୁ ମୁକୁଳାଇ ଦେଲେ ମୁଁ ତୁମର ଅନେକ ଉପକାର କରିବି । ଖଣ୍ଡେ ଦୂରରେ ଠିଆ ହୋଇ ସେ ପଚାରିଲା ତୁମେ କିଛି ଭୂତ ପ୍ରେତ ନୁହେଁ ତ । ଭୂତ ପ୍ରେତ ହୋଇଥିଲେ ମୁଁ କେତେବେଳୁ ତୁମ ଜାଲ ଛିଣ୍ଡାଇ ବାହାରି ଆସିଥାନ୍ତି । ମତେ ଏଥିରୁ ଖଲାସ୍ କରିଦିଅ ଭାଇ । ତା ହେଲେ ତୁମକୁ କିଏ ସେ ଆଣି ପାଣିରେ ପକାଇ ଦେଇଥିଲା ଅମାନୁଲ୍ଲା ପଚାରିଲା । କେହି ଆଣି ପାଣିରେ ପକାଇ ଦେଲା । ମୋ ଜନ୍ମ ଏହି ଜଳ ରାଜ୍ୟରେ । ତୁମେ ଯେପରି ସ୍ଥଳରେ ରହିଛ ପକ୍ଷୀମାନେ ଯେପରି ଆକାଶରେ ଉଡନ୍ତି । ଆମ ଜାତିର ସମସ୍ତେ ଜଳରେ ରହୁ । ତୁମେ ଯେପରି ପ୍ରଭୁଙ୍କୁ ବିଶ୍ୱାସ କରୁଛ ଆମେ ସେହିପରି ପ୍ରଭୁଙ୍କୁ ବିଶ୍ୱାସ କରୁ । ଏହା ଶୁଣି

କେଉଟ କହିଲା ମୋ ଭାଗ୍ୟରେ କ'ଣ ଏପରି ଥିଲା ଯେ ତୁମେ ଆସି ମୋ ଜାଲରେ ପଡିଗଲ ? ଜାଲରୁ ବାହାରୁ ବାହାରୁ ଲୋକଟା କହିଲା ଏ ସବୁ ଦୈବ ଘଟସୂତ୍ର । ମୁଁ ଜଳ ଭିତରେ ଗୋଟିଏ କାମରେ ଯାଉଥିଲି ହଠାତ୍ ତୁମ ଜାଲଟା ଆସି ମୋ ଉପରେ ପଡିଗଲା । ଯାହା ହେଉ ଏ ଘଟଣାରେ ମୁଁ ଖୁସି । ଆଜିଠାରୁ ଆମେ ଦୁହେଁ ବନ୍ଧୁ ହେଲେ । ଆମର ଯଦି ସବୁଦିନ ଦେଖା ସାକ୍ଷାତ ହୁଅନ୍ତା ଭାରି ଭଲ ହୁଅନ୍ତା । ମୁଁ ସବୁଦିନ ତୁମ ପାଇଁ ଆମ ଜଳ ରାଇଜର ଫଳ ଫୁଲ ଉପହାର ଆଣି ଦିଅନ୍ତି । ତୁମେ ବି ସବୁଦିନ ମୋ ପାଖକୁ ତୁମ ସ୍ଥଳରାଇଜର ଫଳ ଫୁଲ ଉପହାର ଆଣିଦିଅନ୍ତ । ସତରେ ଭାରିଭଲ ହୁଅନ୍ତା । ଅମାନୁଲ୍ଲା ଖୁସି ହୋଇ କହି ପକାଇଲା । ମୁଁ ତୁମ ପାଇଁ ନଡିଆ, ଆଖୁ, ଆମ୍ବ, ଖଜୁରି ଆଣି ଦିଅନ୍ତି । ଜଳରାଇଜର ଲୋକଟି କହିଲା ଏବଂ ମୁଁ ସେ ସବୁନେଇ ତୁମ ପାଇଁ ଆମ ରାଜ୍ୟର ହୀରା, ମଣି, ମାଣିକ୍ୟ ଆଣିଦିଅନ୍ତି । ଅମାନୁଲ୍ଲା ବିମୁଗ୍ଧ ହୋଇ ପଚାରିଲା । ଯେଉଁଦିନ ମୋତେ ନ ଦେଖିବ ସେ ଦିନ ମୋ ନାଆଁଧରି ଡାକିବ । ମୁଁ ଅମାନୁଲ୍ଲା, ହସି ହସି କହିଲା । ମୋ ନାଆଁ ବି ସେଇ ଅମାନୁଲ୍ଲା । ମୁଁ ଜଳ ରାଇଜର ଅମାନୁଲ୍ଲା । ଆଚ୍ଛା ଟିକେ ଅପେକ୍ଷା କର ସାଙ୍ଗ । ମୁଁ ଜଳ ଭିତରକୁ ଯାଇ ତୁମ ପହିଲି ଉପହାର ଆଣିଦିଏ । ତା ପରେ ଜଳ ରାଇଜର ଲୋକଟି ଜଳ ଭିତରେ ପଶିଗଲା । ଆଞ୍ଜୁଳାରେ ଆଞ୍ଜୁଳାଏ ହୀରା ନେଇ ଆସି କହିଲା ସାଙ୍ଗ ମୋ ହାତରେ ଯେତିକି ଧରିଲା ସେତିକି ଆଣିଦେଲି । ତୁମେ ମନଦୁଃଖ କରନାହିଁ । କାଲି ତୁମେ ଝୁଡିଏ ଫଳ ଆଣିଲେ ସେହି ଝୁଡିରେ ମୁଁ ତୁମକୁ ହୀରା ଦେବି । ବିଦାୟ ନେଇ ଅମାନୁଲ୍ଲା ଘରକୁ ଫେରୁ ଫେରୁ ପ୍ରଥମେ ପାଉଁରୁଟି ବାଲା ସାଙ୍ଗ ପାଖକୁ ଗଲା । ଅମାନୁଲ୍ଲା କହିଲା ସାଙ୍ଗ ଆଜି ମୋ ଭାଗ୍ୟ ଖୋଲିଛି । ତୁମ ପାଖେ ମୋର ଯେତେ ଉଧାରି ଅଛି ସବୁହିସାବ କର । ସାଙ୍ଗ ପାଖରେ କଣ ହିସାବ କରିବି । ଯାହା ଆଣିଛ ଦେଇ ଯାଅ । ସାଙ୍ଗ ତୁମେ ଅସୁବିଧା ବେଳେ ମୋ ଛୁଆ ମାନଙ୍କୁ ବଞ୍ଚାଇଛ । ହେଉ ଏ ହୀରା ଗୁଡିକ ରଖ । ମୋତେ ଟିକେ ପଇସା ଦିଅ ମୁଁ ବଜାରରୁ ସଉଦା ପତ୍ର କିଣି ଆଣିବି । ପାଉଁରୁଟି ବାଲା ହୀରା ଗୁଡିକ ଦେଖୁ ଦେଖୁ ସେ ବାକ୍ସଭିତରେ ଯେତେ ପଇସା ଥିଲା ସବୁ ଦେଇଦେଲା । ଆଜି ତାଙ୍କ ଘରେ ପିଠା ପିଣା ଭୋଜିଭାତ ହୋଇଥିଲା । ଲୋକ ମାନେ ଆସି ଭଲରେ ଖାଇସାରି ପୁଅଟିକୁ ଆଶୀର୍ବାଦ ଦେଇ ଚାଲିଗଲେ । କେଉଟ ତା ସ୍ତ୍ରୀକୁ ସବୁକଥା କହିଲା । ତା ସ୍ତ୍ରୀ ତାକୁ କହିଲା ଯେମିତି ଆମଛଡା ଆଉ କେହି ଜାଣନ୍ତି ନାହିଁ । କେଉଟ କହିଲା ମୁଁ କେବଳ ପାଉରୁଟି ବାଲାକୁ କହିଛି । ସେ ମୋତେ ପଚାରିବାରୁ ମୁଁ କେମିତି କଥା ଗୁଡାକ ଲୁଚାଇଥାନ୍ତି । ପାଉଁରୁଟି ବାଲା ଭାବିଲା ଏ କଥା ଯଦି ସତ ହୋଇଥାଏ ତା ହେଲେ ମୁଁ କେତେ ଧନୀ ହୋଇଯିବି । ସକାଳୁ ଉଠୁ ଉଠୁ ପାଉଁରୁଟି ବାଲା ସମୁଦ୍ର କୂଳକୁ ଧାଇଁଲା । ସେ ଯେମିତି ଆମାନୁଲ୍ଲା ଡାକିଛି ଲୋକଟି ପାଣିରୁ ବାହାରି ଆସିଲା । ସବୁଦିନ ଯେପରି କେଉଟ ଝୁଡିରେ ଫଳ ଆଣେ । ସେମିତି ପାଉଁରୁଟି ବାଲା ପାଉଁରୁଟି ନେଇଥିଲା । ଲୋକଟି କହିଲା ସାଙ୍ଗ ତୁମେ ଯଦି ଆମ ରାଜ୍ୟ ବୁଲିବା ପାଇଁ ଯାଆନ୍ତ ଭଲ ହୁଅନ୍ତା । ପାଉଁରୁଟି ବାଲା ଭାବିଲା ଏବେ ସେ ବଡ ଧନୀ ହୋଇଯିବ । ପାଉଁରୁଟି ବାଲା କହିଲା ହେଲେ ସାଙ୍ଗ ମୁଁ କେମିତି ପାଣିଭିତରେ ପଶିବି । ଲୋକଟି କହଲା ନାଇଁ ସାଙ୍ଗ ତୁମର କିଛି ଅସୁବିଧା ହେବ ନାହିଁ । ମୁଁ ତୁମକୁ ଏମିତି ଔଷଧ ଦେବି ଯେ ତୁମେ ପାଣିରେ ଥାଇ ମଧ ତୁମକୁ ଲାଗିବ ତୁମେ ସ୍ଥଳରେ ଅଛ । କିନ୍ତୁ ଗୋଟିଏ କଥା ସାଙ୍ଗ ତୁମେ କିଛି ଲୋଭ କରିବ ନାହିଁ । ବାଟରେ କେହି ଦେଖି ହସିଲେ ରାଗିବ ନାହିଁ । ଯଦି ଏ ସବୁ ହୋଇଛି ତା ହେଲେ ତୁମ ବଞ୍ଚିବ ନାହିଁ । ପାଉଁରୁଟି ବାଲା ଭାବିଲା ଏବେ ମୁଁ ମରିଲି । ସେମାନେ ଦୁଇଜଣ ପାଣିଭିତରେ ପଶିବା ବେଳେ ଜଳର ଅମାନୁଲ୍ଲା କହିଲା ସାଙ୍ଗ ତୁମେ ଆଖି ବନ୍ଦ କର । ପାଉଁରୁଟି ବାଲା ଆଖିବନ୍ଦ କରିଲା । ତା ପରେ ଆଖି ଖୋଲି ଦେଖିଲା ଯେ ହୀରା ମୋତି ବହୁତ ଅଛି ସେ ତାର ଲୋଭକୁ ସମ୍ଭାଳି ପାରିଲା ନାହିଁ । ସେ ଲୋଭରେ ସବୁଧରିବାକୁ ଲାଗିଲା ଜଳ ରାଇଜର ଲୋକଟି କହିଲା ସାଙ୍ଗ ତୁମେ ଲୋଭ କରନାହିଁ ନ ହେଲେ ତୁମେ ମରିଯିବ । ଏଇ ସବୁରେ ପାଉଁରୁଟି ବାଲା କିଛି ଶୁଣିଲା ନାହିଁ । ଲୋକଟି ସନ୍ଦେହ କଲା ଯେ ସେ ତାର ସାଙ୍ଗ ନୁହେଁ । ପାଉଁରୁଟି ବାଲା କହିଲା ମୁଁ ତମ ସାଙ୍ଗ ଅମାନୁଲ୍ଲା ନୁହେଁ । ମୁଁ ହେଉଛି ପାଉଁରୁଟି ବାଲା । ଏଥର ଜଳରାଇଜର ଅମାନୁଲ୍ଲା ତାକୁ ରାଗି ଯାଇ ତା ଉପରେ ଆକ୍ରମଣ କଲା । ପାଉଁରୁଟି ବାଲା ଆଉ ନିଶ୍ୱାସ ନେଇ ପାରିଲା ନାହିଁ । ସଂଗେ ସଂଗେ ମରିଗଲା ।

କଥାରେ ପରା ଅଛି

"ଅତିଲୋଭେ ତନ୍ତି ମରେ" ।

●●●

# ରାଜା ଓ ଶୁଆ କଥା

ସସ୍ମିତା କିଶାନ
ନବମ ଶ୍ରେଣୀ

ଜଣେ ରାଜା ଦିନେ ଜଙ୍ଗଲକୁ ବୁଲିବା ପାଇଁ ଯାଇଥିଲେ । ସେ ଜଙ୍ଗଲରୁ ଗୋଟିଏ ଶୁଆ ଧରି ଆଣିଲେ । ତାକୁ ସୁନା ପଞ୍ଜୁରୀ ଦେଲେ । ରାଜା ତାକୁ ବହୁତ ଭଲ ପାଉଥିଲେ । ଶୁଆ ମଧ ନିଜ ମା' ବାପା ପରି ରାଜାଙ୍କୁ ଦେଖୁଥିଲା । ଦିନେ ଶୁଆ ତା ମା ବାପାଙ୍କୁ ଦେଖିବାକୁ ଇଚ୍ଛା କଲା । ଏବଂ ରାଜାଙ୍କୁ କହିଲା ରାଜା ମୋର ମା ବାପାଙ୍କର କଥା ମନେ ପଡୁଛି । ରଜା କହିଲା ତୁ ଯାଆ ଦୁଇଦିନ ପରେ ମା' ବାପାଙ୍କୁ ଦେଖି ଫେରି ଆସିବୁ । ଶୁଆ ତା ମା' ବାପାଙ୍କୁ ଦେଖିବା ପାଇଁ ବଣକୁ ଗଲା । ତା ମା' ବାପା ବହୁତ ଦୂରରେ ଥିଲେ । ସେ ସେଠାରେ ଯାଇ ପହଞ୍ଚିଲା ତା ମା' ବାପା ତାକୁ ଦେଖି ଭାରି ଖୁସି ହେଲେ ଓ ଶୁଆକୁ ଜଙ୍ଗଲର ଫଳମୂଳ ଖାଇବାକୁ ଦେଲେ । ତା ମା' ବାପା ତାକୁ ରାଜା କଥା ପଚାରିଲେ । ଶୁଆ କହିଲା ମୋ ରାଜା ଭଲ ଅଛନ୍ତି କିନ୍ତି ସେ ବୁଢା ହୋଇ ଗଲେଣି । ସେ କହିଲା ଯଦି ରାଜା ମରିଯିବେ । ତା ହେଲେ ମୋତେ ରାଜା ଭଳି ସ୍ନେହ, କିଏ ଦେବ ? ମୁଁ ଏକୁଟିଆ ହୋଇଯିବି । ଶୁଆର ମା' ବାପା କହିଲେ ମୁଁ ତୋତେ ଗୋଟେ ଫଳ ଦେବି ତୋ ରାଜାକୁ ଖାଇବାକୁ ଦେବୁ । ସେଇ ଫଳ ଖାଇଲେ ତୋ ରାଜା ଜଓ୍ୱାନ ହୋଇଯିବେ । ସେ କେବେ ହେଲେ ମରିବେନି । ଶୁଆ ସେଇ ଫଳ ନେଇ ଗାଁକୁ ଫେରିବା ବେଳେ ରାସ୍ତାରେ ରାତି ହୋଇଗଲା । ସେ ଗୋଟିଏ ବରଗଛରେ ରାତି କଟାଇବା ପାଇଁ ବିଶ୍ରାମ ନେଲା । ସେଇ ବରଗଛରେ ଗୋଟିଏ ଦୃଷ୍ଟ ଡାହାଣୀ ରହୁଥିଲା । ଶୁଆକୁ ଦେଖି ସେ ପଚାରିଲା ଏଇଟା କୋଉ ଫଳ ? ଶୁଆ କହିଲା ଏଇ ଫଳ ଅମୃତ ଫଳ, ଏହା ମୁଁ ମୋ ରାଜା ପାଇଁ ନେଉଛି । ସେ ଖାଇଲେ କେବେ ବି ମିରବେନି । ବୁଢୀ ଡାହାଣୀ ଶୁଆ ଶୋଇଥିବା ବେଳେ ସେ ଅମୃତ ଫଳରେ ବିଷ ମିଶାଇ ଦେଲା । ଶୁଆ ରାଜଉଆସ ଆସି ରାଜାଙ୍କୁ ସେଇ ଫଳ ଖାଇବାକୁ ଦେଲା । ଜଣେ ମନ୍ତ୍ରୀ କହିଲେ ଏ ସାମାନ୍ୟ ପକ୍ଷୀର କୌଣସି ବିଶ୍ୱାସ ନାହିଁ । ଏ ଫଳ ଆପଣଙ୍କ ପାଇଁ ବିପଦ ଆଣିପାରେ । ସେ ପରୀକ୍ଷା କରିବା ପାଇଁ ଗୋଟିଏ କାଉକୁ ଖଣ୍ଡେ ଖାଇବାକୁ ଦେଲେ । ସେଇ ଫଳ ଖାଇ କାଉଟି ସଂଗେ ସଂଗେ ମରିଗଲା । ଏହା ଦେଖି ରାଜା ଶୁଆକୁ ବିଶ୍ୱାସଘାତି ଶୁଆ ଭାବି ତାକୁ ତାଙ୍କ ଖଣ୍ଡାରେ ମାରିଦେଲେ ଓ ସେହି ଫଳକୁ ତାଙ୍କ ବଗିଚାରେ ପୋତି ଦେଲେ । ସେଠାରେ ଗଛ ବାହାରିଲା ଫଳ ମଧ ଫଳିଲା ତାକୁ ବିଷ ଫଳ କହି ଗଛ ପାଖକୁ କେହି ଯାଉ ନଥିଲେ । ସେହି ଗାଁର ଦୁଇଜଣ ଭିକାରୀ ବ୍ରାହ୍ମଣ ଓ ବ୍ରାହ୍ମଣୀ ବହୁତ ଗରିବ ଥିଲେ । ସେମାନେ ସବୁଦିନ ଭିକ ମାଗୁଥିଲେ । ସେମାନେ ଭାବିଲେ ଆମେ ସବୁଦିନ ଭିକ ମାଗିଲେ ଆମକୁ କିଏ ଭିକଦେବ । ଆମେ ବିଷ ଖାଇ ମରିଯିବା । ଏହା ଭାବି ସେମାନେ ରାତିରେ ରାଜାଙ୍କ ବଗିଚାକୁ ବିଷ ଫଳ ଖାଇବାକୁ ଗଲେ । ସେମାନେ ସେହି ବିଷଫଳ ଖାଇବାରୁ ଯଓ୍ୱାନ ହୋଇଗଲେ । ସେମାନେ ସକାଳେ ଯାଇ ରାଜାଙ୍କୁ ସବୁକଥା କହିଲେ । ରାଜା ମଧ ସେଇ ଫଳ ଖାଇ ଯଓ୍ୱାନ ହୋଇ ଗଲେ । ରାଜା ଶୁଆର କଥାକୁ ବିଶ୍ୱାସ ନ କରି ତାକୁ ମାରି ଦେଇଥିବାରୁ ପଛରେ ବହୁତ ଅନୁତାପ କଲେ ।

•••

# ସବାଇ ଘାସର ସୃଷ୍ଟି

ରେବତୀ ଓରାମ୍
ଦଶମ ଶ୍ରେଣୀ

ଗୋଟିଏ ଗାଁରେ ଜଣେ ରାଜା ଥିଲେ । ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅଥିଲେ । ତାଙ୍କର ଝିଅର ନାମ ମୁଗବତୀ ଓ ପୁଅର ନାମ ରଜନ ସିନା ଥିଲା । ଭାଇ ଭଉଣୀ ଦୁହେଁ ପରସ୍ପରକୁ ବହୁତ ଭଲ ପାଉଥିଲେ ଓ ଆନନ୍ଦରେ ରହୁଥିଲେ । ଏମିତିକି କିଛି ଜିନିଷକୁ ଏକୁଟିଆ ଖାଉ ନ ଥିଲେ । ତାଙ୍କର ବାପା ଭାବିଲେ ଯେ ଏମାନେ ଦୁହେଁ ଏତେ ପ୍ରେମରେ ରହୁଛନ୍ତି, ଏମାନଙ୍କୁ ଛଡାଇ ହେବ ନାହିଁ, ତେଣୁ ରାଜା ଭାବିଲେ ପୁଅକୁ ହତ୍ୟା କରିବେ, ସେ ତାଙ୍କ ପ୍ରଜାମାନଙ୍କୁ ଏକଜୁଟ କରି କହିଲେ ଦିନେ ଶିକାର କରିବାକୁ ଯିବା ତା ସାଙ୍ଗରେ ମୋ ପୁଅ ଯାଇଥିବା ଜଙ୍ଗଲରେ ଯଦି କିଛି ଜୀବଜନ୍ତୁ ନ ପାଇବ, ତେବେ ମୋ ପୁଅକୁ ଶିକାର କରିବ, ଏବଂ ଗାଁ ମାନଙ୍କରେ ମଧ ପ୍ରଚାର କରିଦେଲା । ପୁଅଟି ତା ସାଙ୍ଗ ସାଥିମାନଙ୍କଠାରୁ ଜାଣିପାଇଲା ଓ ବହୁତ ଦୁଃଖରେ ରହିଲା । ତା ଭଉଣୀକୁ ମଧ ଜଣାଇଲା ନାହିଁ । ଏମିତି କେତେ ଦିନ କଟି ଗଲା । ଶିକାର ଯିବା ଦିନ ପହଞ୍ଚିଲା । ସେଇ ଦିନ ତା ଭଉଣୀକୁ ଭାଇ ସବୁକଥା କାନ୍ଦି କାନ୍ଦି ଜଣାଇଲା ଏବଂ ଗୋଟିଏ ଗ୍ଲାସରେ ପାଣି ଓ ଗୋଟିଏ ଗ୍ଲାସରେ କ୍ଷୀର ଦେଇକହିଲା, ଯଦି ମୁଁ ଏଇ ଦୁନିଆରେ ଥିବି ତା ହେଲେ ପାଣି ଓ କ୍ଷୀର ଏମିତି ହିଁ ରହିଯିବ ଏବଂ ଯଦି ମୁଁ ନ ଥିବି ହେଲେ ପାଣି କ୍ଷୀର ହୋଇଯିବ ଏବଂ କ୍ଷୀର ରକ୍ତରେ ପରିଣତ ହୋଇଯିବ

କହି ଶିକାରକୁ ବାହାରିଲା । ଜଙ୍ଗଲରେ ବୁଲି ବୁଲି ପୁଅକୁ ଶୋଷ ହେଲା ଏବଂ ସେ ବାପାକୁ ଜଣାଇଲା, ଯେ ତାକୁ ଶୋଷ ହେଉଛି । ଏମିତି କହିବାରୁ ତା ବାପା ଗୋଟିଏ ଝରଣା ପାଖକୁ ନେଲା ଓ କହିଲା ପାଣି ପିଇ ତା ପୁଅ ଜାଣିପାରିଲା ଯେ ତଳକୁ କରି ପାଣି ପିଇଲେ ବାପା ତାକୁ ମାରିଦେବ ଏବଂ ତା ବାପା ମଧ ସେହି କଥା ଭାବିଥିଲା ଓ ତା ପୁଅ ଭାବିଲା ଯେ ମୋ ବାପା ଆଗ ପିଇଲେ ମାରିବି । ମାତ୍ର ପୁଅ ହିଁ ଆଗ ପାଣି ପିଇବାରୁ ରାଜା ତାଙ୍କ ପୁଅକୁ ମାରି ସାତଖଣ୍ଡ କରି ସେ ଗୁଡ଼ିକୁ ପତ୍ର ଭିତରେ ଲୁଚାଇ ଦେଇ ଚାଲିଗଲେ । ଘରେ ତା ଭଉଣୀ ଜାଣିପାରି ଜଙ୍ଗଲକୁ ବାହାରିଲା ଏବଂ ତାଙ୍କ କୁକୁରକୁ ସବୁ କଥା ପଚାରିବାରୁ ତା ଭାଇର ହତ୍ୟା ସ୍ଥାନକୁ ନେଇଗଲା । ଭଉଣୀ ସେ ସ୍ଥାନରେ ପହଁଞ୍ଚିଲା ଓ ସେହିଠାରେ ସାତଦିନ ଧରି ଜଗି ରହିଲା । ଶେଷ ଦିନରେ ଭଗବାନ ଗୋଟିଏ ଯୋଗୀ ରୂପରେ ଆସି ତାକୁ ପଚାରିଲେ ଯେ ତମର କ'ଣ ହୋଇଛି ? ଏମିତି ପଚାରିବାରୁ ସବୁକଥା କହିଲା ଓ ଭଗବାନ୍ ତା ଭାଇକୁ ପୁନଃ ଜୀବନ ଦାନ କଲେ ଏବଂ ଦୁଇଭାଇ ଭଉଣୀକୁ ଗୋଟିଏ ମୁଦି ଦେଇ କହିଲେ ତୁମର ଯାହା ଦରକାର ତାହା କହି ଭୂମିରେ ପକାଇଦେବ । ତା ହେଲେ ସବୁ ହୋଇଯିବ । ସେମାନେ ତାହା ହିଁ କଲେ । ସତରେ ସେଇପରି ହୋଇଗଲା । ଅନେକଦିନ ପରେ ରାଜାଜଣକ ଭିକାରୀ ହୋଇଗଲା । ଦିନେ ତା ପୁଅ ଘରକୁ ଭିକ ମାଗିବାକୁ ଆସିଲା । ସେଠାରେ ତାଙ୍କର ଝିଅ ତା ବାପାକୁ ସବୁ କଥା କହିବାରୁ ତା ବାପା ଲଜାର ସହିତ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ ଓ ଧରଣୀ ଭିତରେ ପ୍ରବେଶ ସମୟରେ ତା ଭାଇ ଖାଇବା ହାତରେ ତା ବାପାକୁ ଟାଣିବାରୁ ସେ ଚୁଟି ହୋଇଗଲା ଓ ସେହି ଚୁଟିକୁ ବଣରେ ଫୋପାଡିବାରୁ ସବାଇଘାସ ଜନ୍ମ ହେଲା, ଧଳା ରଙ୍ଗର ସବାଇଘାସର ମୂଳରେ ଯାହା ଥାଏ ତାହା ଭାତ ଅଟେ ଓ ଚୁଟି ଘାସ ଅଟେ ।

ଆଜିକାଲି ସବାଇ ଘାସ ବହୁତ ଉପକାରରେ ଲାଗୁଛି । କାଗଜ ପ୍ରସ୍ତୁତି ବେଳେ ଏହାକୁ ବ୍ୟବହାର କରାଯାଏ ଓ ଗାଁ ମାନଙ୍କରେ ବୁଢ଼ାଲୋକାମାନେ ରଶି ବଳନ୍ତି ଓ ରଶିରୁ ଖଟ ତିଆରି କରିଥାନ୍ତି ।

•••

# ଭାଲୁ ପାଇଲା ପାନେ

ସନାତନ ବିନିସିଆ
ଷଷ୍ଠ ଶ୍ରେଣୀ

ଛୋଟ ଜଙ୍ଗଲଟିଏ । ଛୋଟ ବଡ କିଛି ଗଛ । ଘାସ ବୁଦା ଠା' କୁ ଠା' । ଗଛ ବୁଦା ପାଖରେ ଥାଏ ବଡ ବଡ ପଥର ଖଣ୍ଡମାନ । ପଥର ତଳେ ବଡ ବଡ ଅନ୍ଧାରୁଆ ଗଳିମାନ ଗୁମ୍ଫା ପରି ହୋଇଥାଏ । ବଣର ପାଦତଳେ ଛୋଟ ବଡ ଅନେକ ଉଇ ହୁଙ୍କା । ସେ ବଣରେ ରହୁଥାନ୍ତି ନାନା ଜାତିର ମାଙ୍କଡ, ଠେକୁଆ, କୁଟୁରା ଆଦି ନିରୀହ ପ୍ରାଣୀ । ତା ସାଙ୍ଗକୁ କପୋତ, କୋଇଲି, ବଣି, ବଗ, ଶୁଆ ଆଦି କେତେ ଜାତିର ସୁନ୍ଦର ସୁନ୍ଦର ଚଢେଇ । ହିଂସ୍ର ଜନ୍ତୁ କହିଲେ କଳା ମଚ ମଚ ଭାଲୁ ଦଳ ଦଳ ହୋଇଥାନ୍ତି । ଏ ବଣରେ ଭାରି ବଦମାସ୍ ଥାଆନ୍ତି ଭାଲୁ ଦଳଟା । କେବେ ପାଖ ଗାଁ ରେ ପଶି ଆଖୁ ଖାଇବେ ତ କେବେ ଜଙ୍ଗଲକୁ ଆସିଥିବା ଲୋକଙ୍କୁ ବିନା କାରଣରେ କାମୁଡି ରାମ୍ପି ଖଣ୍ଡିଆ କରିବେ । କେବେ ଚିନାବାଦାମ କନ୍ଦମୂଳ ଆଦି ଫସଲକୁ ଖାଇ ଉପାଡି ଓଲଟ ପାଲଟ କରିଦେବେ । ଏ ସବୁ ଏମାନଙ୍କର ନିତିଦିନିଆ କାମ । ଯଦି ଝଡି ବରଷା ବା ଅନ୍ୟ କାରଣରୁ ବାହାରି ନ ହେଲା ତା ହେଲେ ବଣରେ ହୁଙ୍କା ତାଡି ଉଇ ମାନଙ୍କୁ ମାରି ଖାଇ ଦେବା, ଅଣ୍ଡାତକ ନଷ୍ଟ କରିଦେବା ସଂଗେ ସଂଗେ ସେମାନଙ୍କର ଘର ଦ୍ୱାର ଭାଙ୍ଗି ଦେବେ । ଉଇ ମାନେ ଯେତେ ନେହୁରା ହେଲେ ମଧ ଭାଲୁମାନେ ତାକୁ ହସି ଉଡେଇ ଦେଉଥିଲେ । କେତେ ଦିନ ବିତିଗଲା ଉଇ ଦେଖିଲା ତାରି ଜାତିର ପିମ୍ପୁଡିକୁ ଭାଲୁ କିଛି ପାରୁ ନାହିଁ । ତେଣୁ ସେ ପିମ୍ପୁଡି ପାଖରେ ତାହାର ଗୁହାରି ଜଣାଇଲା । ସବୁ ଶୁଣି ପିମ୍ପୁଡି କହିଲା ଆଛା ଠିକ୍ ଅଛି । ଏଥର ଆମେ କିଛିନାଲି ପିମ୍ପୁଡି ତୁମ ହୁଙ୍କା ପାଖରେ ରହିବୁ । ଭାଲୁ ଆସିଲେ, ଆମେ ଏକାଠି ହୋଇଯିବୁ । ତୁମେ ଆମ ସମସ୍ତଙ୍କୁ ଗୋଟିଏ ପତରରେ ଗୁଡାଇ ରଖି ଆମ ଉପରେ କିଛି ଧୂଳି ପକାଇ ଦେବ । ଭାଲୁ ଆସିଲେ ତାକୁ ଗୁହାରି କରି କହିବ, ତୁମେ ଆଉ କାହିଁକି କଷ୍ଟ କରିବ । ଆମେ ତୁମ

ପାଇଁ କିଛି ବଡ ବଡ ଉଇ ଆଗରୁ ବାଛି ପତରରେ ଗୁଡାଇ ରଖିଛୁ । ସେଇତକ ଖାଇ ଖୁସି ମନରେ ଯାଆ । ଏଣିକି ଯେତେବେଳେ ଆପଣ ଆସିବେ ଆମେ ଆଗରୁ ପୁଡିଆ ବାନ୍ଧି ଦେଇଥିବୁ । ଆପଣ ଖୁସି ମନରେ ଖାଉଥିବେ, ଯାଉଥିବେ । ତା ପର କଥା ଆମେ ବୁଝିବୁ । କିଛି ଦିନଗଲା ଭାଲୁ ଆସିଲା । ଆଗର ଯୋଜନା ଅନୁସାରେ ଉଇସବୁ କଥାଗୁଡ଼ାରି କରି କହିଲା ଓ ପତ୍ରପୁଡିଆଟି ଦେଖାଇଦେଲା । କଥାଟି ଭାଲୁମନକୁ ବେଶ୍ ପାଇଲା । ମନକୁମନ ଭାବିଲା ବିନା କଷ୍ଟରେ ଖାଦ୍ୟ ମିଳିବ । ଭାରି ମଜା ହେବ । ତେଣୁ ଉଇ ପତ୍ର ପୁଡିଆଟି ଭାଲୁ ହାତକୁଦେଲା । ହୁଙ୍କା ଭିତରେ ପଶି କେବଳ ମୁହଁଟି କାଢି ରହିଲା । ଭାଲୁ ପାଟିରୁ ଲାଳ ଗଡୁଥାଏ । ସେ ସଂଗେ ସଂଗେ ପତ୍ର ପୁଡିଆଟି ଖୋଲି ସବୁତକ ପାଟିରେ ପକାଇଦେଲା । ପକାଇଲା ବେଳେ କିଛି ପିମ୍ପୁଡି ଭାଲୁ ଦେହରେ ପଡିଗଲେ । ଭାଲୁ ଆଉ ଯାଏ କୁଆଡେ, ଜିଭ, ପାଟି, ମୁହଁ, ଦେହ ସବୁଠି ନାଲି ପିମ୍ପୁଡି ମାନେ ଘୁଟ୍ ଘୁଟ୍ କାମୁଡିବାରେ ଲାଗିଲେ । ଭାଲୁ ବିଚରା ବାପଲୋ ବୋଉଲୋ କହି ଉଠିପଡି ହୁଙ୍କା ଛାଡି ପଳେଇଲା । ଅନ୍ୟମାନଙ୍କୁ ହଇରାଣ କରି ମଜା ପାଉଥିବା ଜୀବମାନେ ଶେଷରେ ଅଶାନ୍ତି ଭୋଗ କରନ୍ତି । ଭାଲୁ ପାନେ ପାଇଲା । ଅନ୍ୟ ମାନଙ୍କ ଅଯଥା ଅନିଷ୍ଟ କିରବା ପ୍ରକୃତି, ସେହି ଦିନରୁ ଛାଡିଦେଲା ।

•••

# ଚତୁର ଜ୍ୟୋତିଷ

ବିଶ୍ୱଜିତ ପଣ୍ଡା
ନବମ ଶ୍ରେଣୀ

ଗୋଟିଏ ଦେଶର ରାଜାଙ୍କ ପାଖରେ ଜଣେ ଜ୍ୟୋତିଷ ଥା'ନ୍ତି । ସେ ଗଣନା କରି ଆଗତ ଭବିଷ୍ୟତ କଥା କୁହନ୍ତି । ଜଣକ ସାଙ୍ଗରେ ଥଟ୍ଟାମଜା କରୁ କରୁ କହିଦେଲେ ଆମ ମନ୍ତ୍ରୀଟା ନିଶ୍ଚୟ ମରିବ । ସତକୁ ସତ ତହିଁଆର ଦିନ ମନ୍ତ୍ରୀ ଘୋଡାରେ ବସି ଯାଉଥାନ୍ତି । ହଠାତ୍ ତଳକୁ ଖସି ପଡିଲେ ଓ ପ୍ରାଣବାୟୁ ଉଡିଗଲା ।

ଗତକାଲି ଜ୍ୟୋତିଷ ଏହି କଥା କହୁଥିଲେ ବୋଲି ରାଜା ଜାଣିଲେ । ସେ କଟୁଆଳକୁ ପଠାଇ ଜ୍ୟୋତିଷକୁ ବାନ୍ଧି ଆଣିଲେ ।

ରାଜା ଖୁବ୍ ଜୋରରେ ପାଟି କରି କହିଲେ ହଇ ହୋ ଜ୍ୟୋତିଷେ, ମନ୍ତ୍ରୀ ମରିବ ବୋଲି ତୁମେ ଜାଣିଥିଲ ନା ଖାଲି କହୁଥିଲ ?

ଜ୍ୟୋତିଷ କହିଲେ, ହଁ ହଜୁର, ମୁଁ ଜାଣିଥିଲି । ରାଜା ପଚାରିଲେ ହେଇହୋ, ଜ୍ୟୋତିଷ ତୁମେ କେଉଁଦିନ ମରିବ ସେ କଥା ତ ତୁମେ ଜାଣିଥିବ । କୁହ କୁହ ଠିକ୍ କରି କୁହ ନ ହେଲେ ଆଜି ତୁମର ମୁଣ୍ଡ କାଟ ହେବ ।

ଜ୍ୟୋତିଷ ବଡ ଚତୁର । ସେ ସଂଗେ ସଂଗେ ଗଣନା କରି କହିଦେଲେ ହଜୁର ପାଠ କହୁଛି ଜ୍ୟୋତିଷ ଯେଉଁଦିନ ମରିବ ଠିକ୍ ତା ପରଦିନ ଆପଣ ସ୍ୱର୍ଗକୁ ଚାଲିଯିବେ ।

ଆରେ ଏତ ଆଛା କଥା ହେଲା । ରାଜା ଆଉ ଜ୍ୟୋତିଷକୁ ମାରିବେ କ'ଣ ? ସେ କାନ ମୁଣ୍ଡା ଆଉଁସି ଆଉଁସି କହିଲେ ହଉ ତୁମେ ଘରକୁ ଯାଅ । ନିଜର ବୁଦ୍ଧି ବଳରେ ଜ୍ୟୋତିଷ ସେ ଦିନ ବର୍ତ୍ତିଗଲା ।

•••

# ଅନ୍ଧର ଲଉଡି

ରମେଶ ଚନ୍ଦ୍ର ଦେହୁରୀ
ଦଶମ ଶ୍ରେଣୀ

ବହୁଦିନ ତଳର କଥା । ଗୋଟିଏ ଗାଁରେ ରାମଦେବ ନାମରେ ଲୋକଟିଏ ବାସ କରୁଥିଲା । ସେ ବହୁତ ଗରିବ ଥିଲା । ଗାଁରେ କାମଧନ୍ଦା କରି ନିଜର ପେଟ ପୋଷୁଥିଲା । ଏକଦା ନିଜ ଗାଁ ଛାଡି ସହରକୁ ଯିବା ବାଟରେ ଜଙ୍ଗଲ ପଡିଲା । ଚାଲି ଚାଲି କିଛି ଦୂର ଗଲାପରେ ତାକୁ ବହୁତ ଶୋଷ ଲାଗିଲା । ପାଣି ଟୋପାଏ ପାଇଁ ଏଣେ ତେଣେ ଚାହିଁ ଦେଖିଲା । କୂଅ ପାଖକୁ ଯାଇ କୂଅକୁ ଚାହିଁବାରୁ କୂଅ ଭିତରେ ବାଘ, ମାଙ୍କଡ, ସାପ, ପଡିଥିବାର ସୁନା ବ୍ୟବସାୟୀ ଦେଖିଲା ସେମାନେ କାକୁତି ମିନତି ହୋଇ କୂଅରୁ ବାହାର କରିବା ପାଇଁ ନେହୁରା ହେଲେ । ରାମଦେବ କହିଲା ମୋର ବାହାର କରିବାରେ ଆପତ୍ତି ନାହିଁ । କିନ୍ତୁ ବାଘ ଓ ସାପ ମୋତେ ମାରିଦେବେ । କୂଅ ଭିତରୁ ସମସ୍ତେ ଏକ ସ୍ୱରରେ କହିଲେ ଆମେ ଆମର ରକ୍ଷାକାରୀର କୌଣସି କ୍ଷତି କରିବୁ ନାହିଁ ।

ରାମଦେବ ନିଜ ମୁଣ୍ଡରୁ ପଗଡିଟି ବାହାର କରି କୂଅଭିତରକୁ ଲମ୍ବାଇଲା । ତାହାରି ସାହାଯ୍ୟରେ ଚାରିଜଣଯାକ ବାହାରକୁ ଆସିଲେ ବିପଦ ସମୟରେ ଡାକିଲେ ସେମାନେ ଆସି ପହଞ୍ଚିବେ ବୋଲି ପ୍ରତିଶ୍ରୁତି ଦେଇ ଚାଲିଗଲେ । ମାଙ୍କଡ ଯିବା ସମୟରେ କିଛି ଫଳ ଗଛରୁ ତୋଳି ଆଣି ଦେଇଗଲା । ରାମଦେବ ତାକୁ ଖାଇ ଖୁସିମନରେ ଚାଲିଲା । କିନ୍ତୁ କେଉଁଠାରେ ରୋଜଗାର ପନ୍ଥା ପାଇଲା ନାହିଁ । ମନ ଦୁଃଖରେ ବୁଲୁ ବୁଲୁ ତା'ର ଚାରିବନ୍ଧୁଙ୍କ କଥା ମନେ ପଡିଲା । ପ୍ରଥମେ ବାଘର ଗୁମ୍ଫା ପାଖରେ ପହଁଞ୍ଚିଲା । ବାଘ ତାକୁ ଦେଖି ବହୁତ ଖୁସିହୋଇଗଲା । ଆସିବାର କାରଣ ପଚାରିଲା । ରାମଦେବଙ୍କର ଦୁଃଖର କଥା ଜାଣି ମନଦୁଃଖ ନ କରିବାକୁ କହି ବାଘ ସୁନା ଭର୍ତ୍ତି ପୁଟୁଳିଟିଏ ଦେଲା । ତାକୁ ନେଇ ସୁନାରି ପାଖକୁ ଗଲା । କହିଲା ଭାଇ ତୁମେ ଏହାର ବିକ୍ରୀ ବ୍ୟବସ୍ଥା କରିଦିଅ । ଯାହା ପଇସା ମିଳିବ, ସେଥିରେ ମୋର ଦୁଃଖ ଲାଘବ କରିବି । ସୁନାରି କହିଲା ଭାଇ ତୁମେ ଚିନ୍ତାକର ନାହିଁ । ଏଠାରେ ବସ ମୁଁ ଏହାକୁ ନେଇ ବଡ ସୁନାରି ପାଖକୁ ଯାଉଛି । ଏହା କହି ସୁନାରି ଯାଇ ରାଜାଙ୍କ ପାଖରେ ପହଁଞ୍ଚି କହିଲା, ହେ ମହାରାଜ ! ରାଜକୁମାରୀଙ୍କ ନିମନ୍ତେ ତିଆରି ଅଳଙ୍କାର ଗୁଡିକ ଚୋରି କରି ନେଇ ଥିବା ଲୋକଙ୍କୁ ତୁରନ୍ତ ବନ୍ଦୀ କର । ବର୍ତ୍ତମାନ ସେ ମୋ ଘରେ ଅଛି । ରାଜା ଶୁଣିଲେ ଓ ଅତ୍ୟନ୍ତ କ୍ରୋଧିତ ହୋଇ ରାମଦେବଙ୍କୁ ବନ୍ଦୀ କରି ଜେଲ୍‌ରେ ରଖିଲେ । ଯେତେ ନେହୁରା ହେଲେ ବି ରାଜା ଶୁଣିଲେ ନାହିଁ । ମନ ଦୁଃଖରେ ବସି ଥିବା ସମୟରେ ରାମଦେବ ସାପ କଥା ମନେ ପକାଇ ଡାକିଲା ସାପ ଆସି ହାଜର । ଡାକିବାର କାରଣ ପଚାରିଲା । ରାମଦେବ ସାପ ଆଗରେ ସବୁ ଘଟଣା ଗୋଟି ଗୋଟି ବର୍ଣ୍ଣନା କଲା । ସାପ କହିଲା ମୁଁ ବର୍ତ୍ତମାନ ରାଜକୁମାରୀଙ୍କୁ ଦଂଶନ କରିବି । ତୁମକୁ ଔଷଧଟିଏ ଦେବି ତାକୁ ନେଇ ରାଜକୁମାରୀଙ୍କ ନାକରେ ଶୁଙ୍ଘାଇ ଦେଲେ ସେ ବଞ୍ଚିଯିବେ । ସାପ ରାଜକୁମାରୀଙ୍କୁ ଦଂଶନ କଲା । ଏହି ଖବର ରାଜ୍ୟସାରା ବ୍ୟାପିଗଲା । କେହି ବି ଭଲ କରିପାରିଲେ ନାହିଁ । ରାଜା ବଡ ଚିନ୍ତିତ ହୋଇ ପଡିଲେ । ରାଜ୍ୟରେ ଘୋଷଣା କରିଦେଲେ ଯେ ରାଜକୁମାରୀଙ୍କୁ ଯିଏ ଭଲ କରିଦେବ ରାଜ୍ୟର ଅଧା ପାଇବା ସଂଗେ ସଂଗେ ରାଜକୁମାରୀଙ୍କୁ ବିବାହ କରିବ । ରାମଦେବ ରାଜାଙ୍କ ଅନୁମତି ନେଇ ରାଜକୁମାରୀଙ୍କୁ ସାପ ଦେଇଥିବା ଔଷଧକୁ ଶୁଙ୍ଘାଇ ଦେବା ଫଳରେ ରାଜକୁମାରୀ ଉଠି ବସିଲେ । ରାଜା ଦେଖି ବହୁତ ଖୁସି ହେଲେ । ରାମଦେବ ସହିତ ରାଜକୁମାରୀଙ୍କୁ ବିବାହ ଦେଇ ରାଜ୍ୟର ଅଧା ଦେଲେ । କିଛି ଦିନ ପରେ ରାମଦେବ ରାଜାଙ୍କୁ ସୁନାରୀର ଗୁଣ ବିଷୟରେ ସବୁ କହିଲା । ରାଜା ରାଗିକରି ସୁନାରୀକୁ ରଖିଦେଲେ ନାହିଁ । ସୁନାରୀ ନିଜ କୃତକର୍ମର ଫଳସ୍ୱରୂପ ଦୁଃଖରେ କାଳାତିପାତ କଲା ଏବଂ ଏହାକୁ ଦେଖି କୁହାଯାଇଛି ଯେ, "ଯିଏ ବିପଦ ବେଳେ ସାହାଯ୍ୟ କରେ, ସେହିଁ ପ୍ରକୃତ ବନ୍ଧୁ ।"

●●●

# ଦୁଇ ଭାଇ

ଗଣେଷ ଦେହୁରୀ
ସପ୍ତମ ଶ୍ରେଣୀ

ଗୋଟିଏ ଗାଁରେ ଦୁଇ ଭାଇ ଓ ତାଙ୍କ ମାଆ ରହୁଥିଲେ । ତାଙ୍କର ବହୁତ ଧନ ଥିଲା । ବଡ ଭାଇ ଲୋଭୀ ଓ ସାନ ଭାଇ ସରଳିଆ । ବଡ ଭାଇଙ୍କ ନାମ ବୁବୁ । ସାନ ଭାଇଙ୍କ ନାମ ଟୁବୁ । ଦିନେ ବୁବୁର ବାହାଘର ହେଲା । ସେମାନେ ଗାଁ ଲୋକଙ୍କୁ ଡାକି ଭୋଜିଭାତ ଦେଲେ । ଦୁଇ ତିନି ଦିନ ଗଲା ପରେ ଟୁବୁ ସବୁଦିନ ସକାଳୁ ବିଲକୁ ହଳନେଇ ହଳଧରେ । ଦିନେ ବଡଭାଇ ବୁବୁ କହିଲା - ଟୁବୁ ତୋତେ ମୁଁ ଆଉ ଜମା ଖାଇବା ପାଇଁ ଦେବିନାହିଁ । ତୁ ତୋର ନିଜ କଥା ବୁଝୁ । ଟୁବୁ ଯାଇ ତାର ମାଆକୁ କହିଦେଲା । ଯେତେବେଳେ ବୁବୁ ତାର ମାଆକୁ ଖାଇବା ପାଇଁ ଡାକିଗଲା ସେତେବେଳେ ମାଆ କହିଲେ ତୁ ତୋର ସାନ ଭାଇକୁ ଖାଇବା ପାଇଁ ଦେଲୁ ନାହିଁ । ମୁଁ କାହିଁକି ଯିବି ଖାଇବା ପାଇଁ ? ମା ଟୁବୁକୁ ନେଇ ଘର ଛାଡି ପଳାଇଲେ । ଯାଉ ଯାଉ ଅଧା ଜଙ୍ଗଲରେ ରାତି ହୋଇଗଲା । ସେଠାରେ ସେମାନେ ରହିଲେ । ପୁଅ ମାଆକୁ କହିଲା ମାଆ ତୁମେ ଏଠାରେ ବସିଥାଅ । ମୁଁ ଯାଉଛି ସେଠାରେ ଯେଉଁ ଆଲୁଅ ଦେଖାଯାଉଛି ସେଠାରୁ ମୁଁ କିଛି ଖାଦ୍ୟ ଆଣେ ଖାଇବା ପାଇଁ । ତା ପରେ ସେ ଯେଉଁଠାରେ ଆଲୁଅ ଦେଖାଯାଉଛି ସେଠାକୁ ଗଲା । ଯାଉ ଯାଉ ୪ ଗୋଟି ସିଂହର ମୂର୍ତ୍ତି ଦେଖିଲା । ସେହି ମୂର୍ତ୍ତିର ଆଖିରେ ଧପ୍ ଧପ୍ କରି ଆଲୁଅ ଜଳୁଛି । ସେଇ ମୂର୍ତ୍ତିକୁ ମୁଣ୍ଡିଆ ମାରି ଗାଁ ଆଡକୁ ଗଲା । ସେଠାରୁ କିଛି ଖାଦ୍ୟ ଆଣିଲା । ସେଇ ଖାଦ୍ୟ ରାତିରେ ଖାଇ ଶୋଇ ପଡିଲା । ଯେତେବେଳେ ରାତି ପାହିଲା ସେତେବେଳେ ପୁଅ ଜଙ୍ଗଲକୁ କାଠ ଆଣିବାକୁ ଗଲା । ସେ କାଠ ଆଣି ବିକ୍ରୀ କରି ହାଟରୁ ଧୂପ, ଘିଅ, ସିନ୍ଦୁର ଆଣିଲା । ରାତିରେ ଦେଖିଥିବା ସେହି ସିଂହ ମୂର୍ତ୍ତିକୁ ସବୁଦିନେ ପୂଜା କଲା । ସିଂହ କହିଲା ତୁ କାହିଁକି ମୋତେ ପୂଜା କରୁଛୁ ? ଟୁବୁ କହିଲା - ମୁଁ ତୁମକୁ ଠାକୁର ଭାବି ପୂଜା କରୁଛି । ସିଂହ କହିଲା - ସେ ପୂଜା ପାଇ ମୁଁ ସନ୍ତୁଷ୍ଟ ହୋଇଗଲି । ତୁ ଯାଇ ଗୋଟିଏ କାଠର କୁଣ୍ଡ କରି ଆଣି ମୋ ପାଟି ତଳେ ପୋତି ଦେବୁ । ଯାହା ପଡିବ ସବୁ କୁଣ୍ଡରେ ରଖିବୁ । ଯଦି ଗୋଟିଏ ସୁନା ତଳେ ପଡିବ ତେବେ ତୋର ବିପଦ ଘଟିବ । ଟୁବୁ ଜଙ୍ଗଲକୁ ଯାଇ କାଠର କୁଣ୍ଡଟିଏ ଆଣିଲା । ସେହି କୁଣ୍ଡଟିକୁ ସିଂହର ପାଟିତଳେ ପୋତିଦେଲା । ସିଂହ ପାଟିରୁ ସୁନା ପଡି ସେହି କୁଣ୍ଡଟି ଭର୍ତ୍ତି ହୋଇଗଲା । ଟୁବୁ କହିଲା ମୋର ସେତିକି । ତା' ପରେ ସିଂହ ପାଟିରୁ ପଡୁଥିବା ସୁନା ବନ୍ଦ ହୋଇଗଲା । ସେଇ ସୁନାକୁ ସେ ବିକ୍ରୀ କରି ବଡ ବଡ ଘର ଛେଳି, ଗାଈ, କିଣିଦେଲା ଏବଂ ଚାକର ରଖିଦେଲା । ଆରାମରେ ଚଳିଲା । ଯେତେବେଳେ ତାର ବଡଭାଇ ଜାଣିଲା ସେତେବେଳେ ଟୁବୁ ଘରକୁ ବୁଲି ଆସିଲା । ଟୁବୁକୁ ସବୁ କଥା ପଚାରିଲା । ଟୁବୁ କହିଲା ସେଠାରେ ଗୋଟାଏ ସିଂହର ମୂର୍ତ୍ତି ଥିଲା । ସେଠାରେ ପୂଜା କରି ପାଇଲି । ବଡଭାଇ ବୁବୁ ହାଟକୁ ଯାଇ ଧୂପ, ଘିଅ, ସିନ୍ଦୁର କିଣି ଆଣି ସବୁଦିନ ପୂଜା କଲା ।  ସିଂହ କହିଲା ତୁ କାହିଁକି ସବୁଦିନ ମୋତେ ପୂଜା କରୁଛୁ ? ବୁବୁ କହିଲା ସୁନା ରୂପା ପାଇବା ପାଇଁ ।  ସିଂହ କହିଲା ତୁ ଗୋଟିଏ କୁଣ୍ଡ ଆଣି ମୋ ପାଟିତଳେ ରଖିବୁ । ଯଦି ଗୋଟାଏ ସୁନା ତଳେ ପଡିଲା ତୋର କ୍ଷତି ଘଟିବ । ବୁବୁ ଯାଇ କୁଣ୍ଡଟିଏ ତିଆରି କରି ଆଣିଲା । ସିଂହର ପାଟିତଳେ ରଖିଲା । ସିଂହ ପାଟିରୁ ସୁନାଝରି କୁଣ୍ଡଟି ପୂର୍ଣ୍ଣ ହୋଇ ତଳେ ପଡିଲାଣି । ସିଂହ ଗୋଟିଏ ବଡ ଶବ୍ଦ କଲା । ସିଂହ ପାଟିରୁ ପଡୁଥିବା ସୁନା ବନ୍ଦ ହୋଇଗଲା । ସିଂହ କହିଲା ମୋ ପାଟିରେ ଗୋଟିଏ ସୁନା ଠାକିଛି । ସେଇ ସୁନାଟାକୁ ବାହାର କରିଦେବୁ । ବୁବୁ ସିଂହର ପାଟି ଭିତରକୁ ହାତ ପୁରାଇଲା । ସିଂହ ପାଟି ବନ୍ଦ କରିଦେଲା । ବୁବୁର ହାତ ସିଂହ ପାଟିରେ ଲାଗି ରହିଲା । ବୁବୁର ସ୍ତ୍ରୀ ସୁନା ମୁଣିକୁ ଗୋଟେଇ କରି ଘରକୁ ନେଇଗଲା ।  ସେଇ ସୁନାକୁ ବିକ୍ରୀ କରି ସ୍ୱାମୀ ପାଇଁ ସବୁଦିନ ଖାଦ୍ୟ ଆଣିଦେଲା । ଯେତେବେଳେ ସୁନା ଟଙ୍କା ସରିଗଲା ସେତେବେଳେ ଜମିସବୁ ବିକ୍ରୀ କରିଦେଲା । ଯେତେବେଳେ ଘର ବିକ୍ରୀ କରିଥିବା ଟଙ୍କା ସରିଗଲା ତା'ର ସ୍ୱାମୀ ମରିଗଲା । ସ୍ତ୍ରୀ ଦୁଃଖରେ କାନ୍ଦି ବୋବେଇ ବନ ପ୍ରଦେଶରେ ଘୁରି ବୁଲିଲା ।

●●●

# ଧର୍ମ ଓ ଅଧର୍ମ

କୁମାରୀ ରତ୍ନମଞ୍ଜରୀ ଦେହୁରୀ
ଦଶମ ଶ୍ରେଣୀ

ହରିପୁର ବୋଲି ଛୋଟ ଗାଁ ଟିଏ । ସେହି ଗାଁ ରେ ଶ୍ୟାମ ବୋଲି ଚାଷୀଟିଏ ରହୁଥିଲା । ସ୍ତ୍ରୀ ପିଲା ଛୁଆ ମିଶି ପାଞ୍ଚ ପ୍ରାଣୀ କୁଟୁମ୍ବ । ନିଜର ଓ ପରିବାରର ଭରଣ ପୋଷଣ ପାଇଁ ସେ ଅନ୍ୟ ଗାଁକୁ ଯାଇ ମୂଲ ଲାଗି ଆଣି ତା'ର ପିଲା ଛୁଆଙ୍କ ପେଟ ପୋଷି ଥାଏ ।

ଦିନକର କଥା । ସେ ମୂଲ କରିବା ପାଇଁ ଯାଇଥାଏ ଅନ୍ୟ ଏକ ଗାଁକୁ । ସନ୍ଧ୍ୟା ହୋଇ ଆସୁଥିବାରୁ ସେ ତରତର ହୋଇ ଘରକୁ ଫେରୁଥାଏ । ତା ଆସିବା ବାଟରେ ଗୋଟେ ବିରାଟ ବଡ ଅଜଗର ସାପ ପାଣି ପାଇଁ ବିକଳରେ ଛଟପଟ ହେଉଥାଏ । ସାପକୁ ସାହାଯ୍ୟ କରିବାକୁ ଯାଇ ସେ କିଛି ବାଟରେ ଥିବା ଝରଣାରୁ ପାଣି ଆଣି ସାପକୁ ପିଆଇଲା । ପାଣି ପିଇସାରି ସାପ ଆଶ୍ୱସ୍ତି ଲାଭ କରିବାରୁ ତାକୁ ପ୍ରବଳ ଯୋରରେ ଭୋକ ଲାଗିଲା । ସେ ଚାଷୀକୁ ପାଖରେ ପାଇ ତାକୁ ଖାଇବାକୁ କହିଲା । ଚାଷୀଟି ସାପ କଥା ଶୁଣି ଭୟରେ ଆତଙ୍କିତ ହୋଇଗଲା ଓ କହିଲା ଜୀବନ ଯାଉଥିଲା । ପାଣି ଦେଇ ବଞ୍ଚାଇଲି । ତାରି ପ୍ରତି ବଦଳରେ କ'ଣ ଖାଇବୁ କହୁଛୁ ? କ'ଣ ପୃଥିବୀରେ ଧର୍ମ ବୋଲି କିଛି ନାହିଁ ? ସାପଟି କହିଲା - ତୁ ଜାଣିଛୁ ସାପ ତା ଆହାରକୁ ପାଖରେ ପାଇ ଛାଡେ ନାହିଁ । ସାପ ଚାଷୀକୁ କହିଲା ଧର୍ମ ବୋଲି ମୁଁ କିଛି ଜାଣେ ନାହିଁ । ମୋର ଧର୍ମ ମୁଁ ଖାଇବି । ଧର୍ମ ଅଧର୍ମର ଯୁକ୍ତି ପରେ ସାପଟି କହିଲା ଯା ପଚାରି ଆସ, ମୁଁ କରୁଥିବା ଧର୍ମ ଠିକ୍ ନା ତୁ କରିଥିବା ଧର୍ମ ଠିକ୍ ।

ଚାଷୀଟି କାହାକୁ ପାଖରେ ନ ପାଇ କିଛି ବାଟ ଗଲାପରେ ଦେଖିଲା ଗୋଟିଏ ବୁଢା ଆମ୍ବ ଗଛ । ତା' ପାଖକୁ ଯାଇ ପଚାରିଲା । ଏ ଯୁଗରେ ଧର୍ମ ଅଛି କି ନାହିଁ ? ଆମ୍ବ ଗଛ କହିଲା , "ମୁଁ ବର୍ଷସାରା ଲୋକଙ୍କୁ କଞ୍ଚା ପାଚିଲା ଫଳ ଦେବାପରେ ମଧ ସେମାନେ ମୋ ଉପରକୁ ପଥର ମାରୁଛନ୍ତି । ମୋ ଡାଳ ଭାଙ୍ଗୁଛନ୍ତି । ଏଣୁ ମୁଁ ଧର୍ମ ଅଧର୍ମ ବିଚାର କରି ପାରିବି ନାହିଁ ।" ଚାଷୀଟି ନିରାଶ ହୋଇ ଗଛ ପାଖରୁ ଯିବା ସମୟରେ ଆମ୍ବଗଛ କହିଲା, "ଆମ ରାଜ୍ୟର ଧର୍ମରାଜ ଚନ୍ଦ୍ରଶେଖର ସିଂହଙ୍କ ପାଖକୁ ଯାଅ । ସେ ଠିକ୍ ଧର୍ମ ଅଧର୍ମର ବିଚାର କରିପାରିବେ ।" ଚାଷୀଟି ରାଜାଙ୍କ ପାଖକୁ ଚାଲିଗଲା ।

ରାଜାଙ୍କ ଦରବାରରେ ଯାଇ ତା'ର ଗୁହାରୀ ଜଣାଇଲା । ରାଜା ସବୁ କଥା ଶୁଣି ସାରି ଦୁଇଜଣ ଦୂତଙ୍କୁ ବୁଝାଇ ଚାଷୀ ସଙ୍ଗେ ପଠାଇଲେ । ସେମାନେ ଯାଇ ସାପ ରହିଥିବା ସ୍ଥାନରେ ପହଞ୍ଚିଲେ । ସାଥିରେ ଗୋଟିଏ ମୁଣା ନେଇ ଯାଇଥିଲେ । ସାପକୁ ସେହି ମୁଣାରେ ପଶିବାକୁ କହିଲେ । କିନ୍ତୁ ସାପ ରାଜି ହେଲା ନାହିଁ । ଦୂତମାନେ କହିଲେ ଯଦି ରାଜାଙ୍କ ଆଦେଶ ନ ମାନିବୁ ତା ହେଲେ ଶିରଚ୍ଛେଦ ହେବ । ସାପଟି ରାଜାଙ୍କ ଆଦେଶ ମାନି ମୁଣା ଭିତରକୁ ପଶିଗଲା । ଦୂତମାନେ ସଙ୍ଗେ ସଙ୍ଗେ ମୁଣାର ମୁହଁ ବନ୍ଦ କରିଦେଲେ । ଦୂତମାନେ ସାପକୁ କହିଲେ ଏବେ ଖାଆ କିପରି ଖାଇବୁ । ସାପ କହିଲା ମୁଣା ମୁହଁ ଖୋଲିଲେ ସିନା ମୁଁ ତାକୁ ଖାଇବି । ଏବେ କିପରି ମୁଁ ତାକୁ ଖାଇ ପାରିବି ? ଦୂତମାନେ କହିଲେ ଯେବେ ତୁ ମରିବାକୁ ଯାଉଥିଲୁ ସେ ତୋତେ ବଞ୍ଚାଇଲା । ଆଉ ତୁ ତାକୁ କହୁଛୁ ଧର୍ମ ନାହିଁ । ତାହାରି ପ୍ରତି ବଦଳରେ ତୁ ତାକୁ ଖାଇବୁ । ସାପଟି ତାର ଭୁଲ ଜାଣିପାରି ଚାଷୀକୁ ଭୁଲ ମାଗିଲା । ଦୂତମାନେ ମୁଣାର ମୁଁହ ଖୋଲିଦେଲେ । ସାପ ତା' ବାଟରେ ଚାଲିଗଲା । ଚାଷୀ ମଧ ତା ଘରକୁ ଚାଲିଗଲା ।

●●●

# ହଟହଟା ହେଲା ବୁଟୁଭାଇ

ରବିନ୍ଦ୍ର ମାଣ୍ଡି
ସପ୍ତମ ଶ୍ରେଣୀ

ବୁଟୁ କାଠ ହାଣିବାକୁ ଯାଏ ଜଙ୍ଗଲକୁ । ସହରରେ କାଠ ବିକେ । ସେ ଓ ତାର ସ୍ତ୍ରୀ କଷ୍ଟେ ମଷ୍ଟେ ଚଳି ଯାଆନ୍ତି । ଥରେ ସେ ଯାଉ ଯାଉ ଗୋଟିଏ ମୂଷାକୁ ଭେଟିଲା । ମୂଷାକୁ ମାରିବା ପାଇଁ ହଠାତ୍ ଟାଙ୍ଗିଆ ଉଠାଇଲା । ବୁଟୁର ଟାଙ୍ଗିଆକୁ ଦେଖି ମୂଷା ସେଠାରେ ଅଟକି ଗଲା । ରହ ରହ ବୋଲି କହିବାରୁ ବୁଟୁ ଅଟକି ଗଲା । ମୂଷା କହିଲା - ଭାଇନା ମୋତେ ମାରନା । ମୁଁ ତୁମକୁ ଗୋଟିଏ ଭଲ ଜିନିଷ ଉପହାର ଦେବି । ବୁଟୁ କହିଲା - କ'ଣ ସେ ଉପହାର ? ମୂଷା କହିଲା - ମୁଁ ଗୋଟିଏ ଗାତରେ ରହୁଛି । ସେ ଗାତରେ ଆଗେ ଚୂଡାମଣି ନାଗସାପ ରହୁଥିଲା । ସେ ମରି ଯିବା ପରେ ତା ମୁଣ୍ଡର ମଣିଟି ମୁଁ ସାଇତି ରଖିଛି । ମୁଁ ତୁମକୁ ସେଇଟି ଦେବି । ମଣି କଥା ଶୁଣି ବୁଟୁର ଖୁସି କହିଲେ ନ ସରେ ! ସେ ମୂଷାକୁ କହିଲା - ମତେ ବୁଦ୍ଧି ଶିଖାଉଛୁ ? ତୁ ଯଦି ଗାତ ଭିତରକୁ ପଶିଯାଉ ଆଉ ନ ବାହାରୁ ? ମୂଷା କହିଲା- ଆରେ ଭାଇ ସେ କଥା ମୋଟେ ଚିନ୍ତା କରନି । ମୋ ଉପରେ ଯଦି ବିଶ୍ୱାସ ନାହିଁ ମୋ ଗୋଡରେ ରଶିଟିଏ ବାନ୍ଧିଦିଅ । ରଶିର ଆର ମୁଣ୍ଡକୁ ତୁମେ ଧରିଥାଅ । ମୁଁ ଗାତ ଭିତରେ ପଶିବି । ଯଦି ମୁଁ ବାହାରିବା ଡେରି ହେଲା ତେବେ ତୁମେ ରଶିଟିକୁ ଟାଣି ମୋତେ ବାହାରକୁ ଟାଣି ଆଣିବ । ତା ପରେ ମୋତେ ମାରି ଦେବ । ବୁଟୁ ମୂଷା କଥାରେ ରାଜି ହୋଇଗଲା । ମୂଷାକୁ ଗାତ ଭିତରକୁ ଛାଡିଦେଲା । ମୂଷା ସେଇ ସୁଯୋଗ ଖୋଜୁଥିଲା । ଗାତ ଭିତରକୁ ପଶିବା କ୍ଷଣି ପ୍ରଥମେ ଗୋଡରେ ବନ୍ଧା ହୋଇଥିବା ରଶିଟିକୁ କାଟି ପକାଇଲା ତା ମୁନିଆ ଦାନ୍ତରେ । ତା'ପରେ ଗାତ ଭିତରେ ଅନ୍ୟ ଆଡକୁ ଚାଲିଗଲା । ବାହାରେ ରଶିଟିକୁ ଧରି ଅପେକ୍ଷା କରିଥାଏ ବୁଟୁ । ଡେରି ହେବାରୁ ମୂଷା ଉପରେ ରାଗିଗଲା । ରଶିଟିକୁ ଟାଣିଲା । କିନ୍ତୁ ମୂଷା କ'ଣ ଅଛି ଯେ ସେ ଆସିବ ? ଖାଲି ରଶି ଦେଖି ବୁଟୁର ମୁହଁ ଶୁଖିଗଲା । ସେ ମୂଷା ଉପରେ ଆହୁରୀ ରାଗିଗଲା ଓ ଘରକୁ ଫେରିଲା ।

"ବାସ୍ତବରେ ବିପଦରେ ପଡିଥିଲେ ଅତ୍ୟନ୍ତ ଭୟାତୁର ବା କାତର ନ ହୋଇ ବିଚାର ବୁଦ୍ଧି ସହ ବିପଦର ସମ୍ମୁଖୀନ କରି ପାରିଲେ ସେଥିରୁ ମୁକୁଳି ଆସିହୁଏ ।"

●●●

# ସୁନୀଲ ତା'ର ଭୁଲ ବୁଝି ପାରିଲା

ପ୍ରଜ୍ଞା ପ୍ରିୟଦର୍ଶନ ଭୋଇ
ଷଷ୍ଠ ଶ୍ରେଣୀ

ନଦୀକୂଳରେ ଗାଁ ଟିଏ । ନାଁ ତାର ରାମଗିରି । ସେହି ଗାଁ ରେ ରହୁଥାଏ ସୁନୀଲ୍ । ସୁନୀଲ ପାଠ ପଢିବାକୁ ଯାଏ ନାହିଁ । ଗାଁ ବୁଲିବା ତା'ର ନିତି ଦିନିଆ କାମ । ଥରେ ବୁଲୁ ବୁଲୁ ତାର ନଜର ପଡିଲା ବୋଉଙ୍କ ଲୁଗା ଉପରେ । ସେ ଦେଖିଲା ବୋଉଙ୍କ ଲୁଗାରୁ ଧୂଆଁ ବାହାରୁଛି । ସେ କ'ଣ କରିବ କିଛି ଭାବି ପାରିଲା ନାହିଁ । ତା' ପରେ ସେ ବୋଉଙ୍କ ପାଖକୁ ଧାଇଁଗଲା । କହିଲା - ବୋଉ; ଆ ଦେଖିବୁ ତୋ ଲୁଗାରେ କେମିତି ନିଆଁ ଲାଗିଛି । ଖାଲି ଧୂଆଁ ବାହାରୁଛି । ପୁଅ କଥାକୁ ବିଶ୍ୱାସ କରି ମାଆ ଧାଇଁଲେ ବାରି ଆଡକୁ । ସେଠାକାର ଅବସ୍ଥା ଦେଖି ସୁନୀଲର ମାଆ ହସି ହସି ବେଦମ ହୋଇଗଲେ । ପୁଅର ଏହା ବୋକାମୀ ଭାବି ପୁଅକୁ ବୁଝାଇବାକୁ ଚେଷ୍ଟା କଲେ । ସୁନୀଲକୁ କହିଲେ ତୋତେ ଖରାରେ ଠିଆ ହେଲେ କେମିତି ଲାଗେ କହିଲୁ ? ସୁନୀଲ କହିଲା ଖରା ଟାଣ ଥିଲେ ଦେହକୁ କାଟେ । ତା' ପରେ ମାଆ କହିଲେ ସେହିପରି ଓଦା ଲୁଗା ଖରାରେ ଶୁଖାଇଲେ ଲୁଗା ଦେହକୁ ଖରା କାଟେ ଓ ତା ଦେହରେ ଥିବା ପାଣି ଅଂଶ ବାମ୍ପ ହୋଇ ଉପରକୁ ଉଠିଯାଏ । ତୁ ଯାହାକୁ ଧୂଆଁ ବୋଲି ଦେଖୁଛୁ ତାହା ପ୍ରକୃତରେ ଜଳୀୟବାଷ୍ପ । ଓଦା ଲୁଗାର ପାଣି ସୂର୍ଯ୍ୟ କିରଣରେ ଉପରକୁ ଉଠୁଥିବାରୁ ସେମିତି ଦେଖାଯାଉଛି । ସୁନୀଲ ସବୁକିଛି ବୁଝିଗଲାପରି କହିଲା - ତୁ ସିନା ବଡଟେ ବୋଲି ଏ କଥା ଜାଣିଛୁ ? ମୁଁ ବଡ ହେଲେ ଜାଣି ଯିବିନି ? ବୋଉ ତାକୁ ବୁଝାଇଦେଲେ - ଏହା ବଡ କି ସାନର କଥା ନୁହେଁ । ତୁ ପାଠ ପଢୁନୁ ବୋଲି ଏ କଥା ଜାଣି ପାରୁନୁ । ଏଥର ସୁନୀଲ ମୁଣ୍ଡରେ ବୁଦ୍ଧି ପଶିଲା । ସେ ତା ଭୁଲ ନିଜେ ବୁଝି ପାରିଲା । ସେ ସେହି ଦିନଠାରୁ ପାଠ ପଢିବାକୁ ଶପଥ ନେଲା ଓ ମାଆଙ୍କ ଚିନ୍ତା ଦୂର ହେଲା ।

●●●

# ଟେନ୍‌ଟନ୍ ଗୋଟିଏ ଚତୁର ପିଲା

କୁମାରୀ ଶ୍ରୀମତି ଦେହୁରୀ
ଶ୍ରେଣୀ -ନବମ

ଟେନ୍ ଟନ୍ ବୋଲି ଗୋଟିଏ ଚତୁର ପିଲା ଥିଲା । ତା'ର ବାପା ମାଆ ଓ ଭଉଣୀଟିଏ ମଧ୍ୟ ଥିଲେ । ଟେନ୍‌ଟନ୍‌ର ବଡ ଭଉଣୀର ବିବାହ ସରିଥାଏ । ଦିନେ ଟେନ୍‌ଟନ୍‌ର ନନା ଆସିବାର ଥିଲା । ସେହିଦିନ ଟେନ୍‌ଟନ୍‌ର ବାପା ଟେନ୍‌ଟନ୍‌କୁ କହିଲେ ତୋର ନନା ଆସିଗଲେ । ତୁ ତାଙ୍କୁ ଭଲ ଚର୍ଚ୍ଚା କରିବୁ । ଏତିକି କହି ଟେନଟନର ବାପା ହଳଧରି ବିଲକୁ ଚାଲିଗଲେ । ସେମାନେ ଯିବା ପରେ ପରେ ଟେନ୍‌ଟନ୍‌ର ନନା ଆସିଲେ । ଟେନ୍‌ଟନ୍‌କୁ ପଚାରିଲେ ସବୁ କୁଆଡେ ଯାଇଛନ୍ତି ? ଟେନ୍‌ଟନ୍ କହିଲା- ମୋ ବାପା ଯାଇଛନ୍ତି ପୃଥିବୀ ଫଟାଇ ପାତାଳକୁ ତଳ ଉପର କରିବାକୁ । ମୋ ମାଆ ଯାଇଛନ୍ତି ଖଟା ପଖାଳକୁ ଗଛ ମୂଳରେ ରଖିବାକୁ । ମୋ ଭଉଣୀ ଯାଇଛି ସମୁଦ୍ରରୁ ହୀରା, ଲୀଳା ଛାଣିବା ପାଇଁ । ସେଠୁ ଟେନ୍‌ଟନ୍‌ର ନନା ରାଗିଯାଇ ପଳାଇ ଗଲେ । ଟେନ୍‌ଟନ୍‌ର ମାଆ ବାପା ଓ ଭଉଣୀ ଆସିଲେ । ଟେନ୍‌ଟନ୍‌କୁ ପଚାରିଲେ ତୋର ନନା ଆସିଥିଲେ ? ଟେନ୍‌ଟନ୍ କହିଲା - ହଁ । ମତେ ପଚାରିଲେ ସବୁ କୁଆଡେ ଯାଇଛନ୍ତି ? ମୁଁ କହିଲି - ମୋ ବାପା ଯାଇଛନ୍ତି ପୃଥିବୀ ଫଟାଇ ପାତାଳକୁ ତଳ ଉପର କରିବାକୁ । ମୋ ମାଆ ଯାଇଛନ୍ତି ଖଟା ପଖାଳକୁ ଗଛ ମୂଳରେ ରଖିବାକୁ । ମୋ ଭଉଣୀ ଯାଇଛି ସମୁଦ୍ରରୁ ହୀରା, ଲୀଳା ଛାଣିବାକୁ । ଏତିକି କହିବାରୁ ନନା ରାଗିଯାଇ ପଳାଇ ଗଲେ । ସେଠୁ ଟେନ୍‌ଟନ୍ କୁ ତାଙ୍କ ଘରେ ରାଗିଯାଇ ଘରୁ ବାହାର କରିଦେଲେ । ଟେନ୍‌ଟନ୍ ପଳାଇ ଗଲା । ଯାଉ ଯାଉ ବାଟରେ ଗୋଟିଏ ଗାଁ ରେ ପହଞ୍ଚିଲା । ସେଠାରେ ଦଳେ ଚୋର ଚୋରୀ କରିବାକୁ ଯାଉଥିଲେ । ଟେନ୍‌ଟନ୍ ବି ଚୋର ମାନଙ୍କ ସହିତ ଗଲା । ଚୋରମାନେ ଚୋରି କଲାବେଳେ ଟେନ୍‌ଟନ୍ ଗୋଟିଏ ଡ୍ରମ୍ ଭିତରେ ରହିଗଲା । ସବୁ ଚୋର ପଳାଇଗଲେ । କିନ୍ତୁ ଧରାପଡିଲା ଟେନ୍‌ଟନ୍ । ତାକୁ ରାଜାଙ୍କ ପାଖକୁ ନିଆଗଲା ।

ଏତିକିବେଳେ ବାଟରେ ଗୋଟିଏ ବଳଦ ମାଲିକ ବଳଦ ମଣ କରୁଥିଲେ । ବଳଦ ନ ଚାଲିବାରୁ ରାଗିଯାଇ କହିଲା କିଏ ମାରନ୍ତା କି ଦୁଇ ଚାରି ଚାପୁଡା ବଳଦଟା ମରିଯାନ୍ତା । ସେତିକିବେଳେ ଟେନ୍‌ଟନ୍ ଯାଇ ମାରିଲା ଦୁଇ ଚାରି ଚାପୁଡା । ସତକୁ ସତ ବଳଦ ମରିଗଲା । ବଳଦ ମାଲିକ ରାଗିଯାଇ ଟେନ୍‌ଟନ୍‌କୁ ରାଜାଙ୍କ ପାଖକୁ ନେଇଗଲା । ଯାଉ ଯାଉ ଗୋଟିଏ ବୁଢୀ କଦଳୀ ବିକ୍ରୀ କରିବାକୁ ଆଣିଥିଲା । ବୁଢୀଟି କହୁଥିଲା କଦଳୀ ନିଅ ମତେ ଧକ୍କା ମାରି ଚାଲିଯାଅ । ଟେନ୍‌ଟନ୍ ସୁଯୋଗ ଖୋଜୁଥିଲା । ଟେନ୍‌ଟନ୍ ଯାଇ ଧକା ମାରି କଦଳୀ ଆଣିଲା । ସେଠୁ ବୁଢୀ ରାଗିଯାଇ ଟେନ୍‌ଟନ୍‌କୁ ରାଜାଙ୍କ ପାଖକୁ ନେଇଗଲା । ରାଜା ବିଚାର କରିଲେ - ପ୍ରଥମ ପ୍ରଶ୍ନ ତୁ କାହିଁକି ଚୋରି କରୁଥିଲୁ ? ଟେନ୍‌ଟନ୍ କହିଲା ମହାରାଜ, ଚୋର କ'ଣ ଡ୍ରମ ଭିତରେ ପଶି ଚୋରି କରେ ? ରାଜା କହିଲେ ଉତ୍ତରର ମୂଲ୍ୟ ଶହେ ଟଙ୍କା । ଦ୍ୱିତୀୟ ପ୍ରଶ୍ନ - ତୁ କାହିଁକି ବଳଦ ମାରିଲୁ ? ଟେନ୍‌ଟନ୍ କହିଲା ମହାରାଜ ସେ ମାଲିକ କହୁଥିଲା କିଏ ମାରନ୍ତାକି ଦୁଇ ଚାରି ଚାପୁଡା । ମୁଁ ମାରିଦେଲି । ମରିଗଲା । ରାଜା କହିଲେ ତୋର ଉତ୍ତରର ମୂଲ୍ୟ ପାଞ୍ଚଶହ ଟଙ୍କା । ତୃତୀୟ ପ୍ରଶ୍ନ - ତୁ କାହିଁକି ବୁଢୀକୁ ଧକ୍କା ମାରିଲୁ ? ଟେନ୍‌ଟନ୍ କହିଲା ମହାରାଜ, ବୁଢୀ ହେଲାଣି; ଉପରେ ଗୋଟେ କଥା, ଭିତରେ ଗୋଟେ କଥା ! ସେ କହିଲା - କଦଳୀ ନିଅ । ମୋତେ ଧକ୍କା ମାରି ଚାଲି ଯାଅ । ସେଠୁ ମୁଁ ଧକ୍କା ମାରି କଦଳୀ ଆଣିଲି । ରାଜା କହିଲେ ତୋର ଉତ୍ତରର ମୂଲ୍ୟ ଲକ୍ଷେ ଟଙ୍କା । ଟେନ୍‌ଟନ୍‌କୁ ଛାଡି ଦେଲେ । ଟେନ୍‌ଟନ୍ ଯାଇ ମନ୍ତ୍ରୀ ଝିଅକୁ କହିଲା - ମତେ ଯିଏ ଭଲ ଚର୍ଚ୍ଚା କରିବ ମୁଁ ତାକୁ ମୋର ସବୁ ପଇସା ରଖିବାକୁ ଦେବି । ସେଠୁ ମନ୍ତ୍ରୀ ଝିଅ ଟେନ୍‌ଟନ୍ କୁ ତାକୁ ଭଲ ଭଲ ଖାଇବାକୁ ଦେଲା ଓ ତାର ସବୁ ପଇସା ସାଇତି ରଖିଲା । ସେଠୁ ଟେନ୍‌ଟନ୍ ଯାଇ ରାଜାଙ୍କୁ କହିଲା - ରାଜା ଆପଣଙ୍କ ପାଇଁ ଗୋଟିଏ ପ୍ରଶ୍ନ ! ରାଜା କହିଲେ ପଚାର । ଟେନ୍‌ଟନ୍ କହିଲା - ମହାରାଜ ମତେ ଯିଏ ଭଲ ଭଲ ଖାଇବାକୁ ଦିଏ, ମୋର ଭଲ ମନ୍ଦ କଥା ବୁଝେ ଓ ମୋର ସବୁ ପଇସା ସାଇତି ରଖେ ସେ କିଏ ? ରାଜା କହିଲେ - ସେ ସ୍ତ୍ରୀ ଛଡା ଆଉ କିଏ ? ଏତିକି କହିବାରୁ ମନ୍ତ୍ରୀ ରାଗିଯାଇ ଟେନ୍‌ଟନ୍‌କୁ ଗାଳି ଦେଲେ । ସେଠୁ ରାଜା କହିଲେ - ଟେନ୍‌ଟନ୍ ଗୋଟିଏ ଚତୁର ପିଲା । ଚମ୍ପାକୁ ବିବାହ କରିଦିଅ । ସେଠୁ ଟେନ୍‌ଟନ୍ ବିବାହ କରିଲା ଚମ୍ପାକୁ ଓ ମନ୍ତ୍ରୀ ଘରେ ରହିଲା ।

●●●

# ଭାଗ୍ୟର କରାମତି

ରଶ୍ମିତା ନାୟକ
ନବମ ଶ୍ରେଣୀ

ଗୋଟିଏ ଗାଁ ରେ ବ୍ରାହ୍ମଣଟିଏ ଥିଲା । ସେ ବ୍ରାହ୍ମଣଟି ବହୁତ ଲୋଭୀ ଥିଲା । ତା'ର ଗୋଟିଏ ବାଇଗଣ ବଗିଚା ଥିଲା । ସେହି ବଗିଚାରେ ବହୁତ ମିଠା ଓ ବଡ ବଡ ବାଇଗଣ ଫଳିଥିଲା । ବ୍ରାହ୍ମଣଟି କେବେ ପରିବା ଖାଏ ନାହିଁ । ଖାଲି ହାଟକୁ ବିକ୍ରି କରିନିଏ । ଦିନେ ତାର ସ୍ତ୍ରୀ କହିଲା - ବାଇଗଣ ଗୋଟେ ଖାଇବି । ବ୍ରାହ୍ମଣ କହିଲା- ନାଁ ବିକ୍ରୀ କରିବି । ତତେ ଦେବି ନାହିଁ । କିନ୍ତୁ ତାର ସ୍ତ୍ରୀ ଗର୍ଭବତୀ ଥିବାରୁ ତାର ଆଶାଥିଲା ବାଇଗଣ ଉପରେ । ସେଇଠୁ ବ୍ରାହ୍ମଣ ବାଇଗଣ ନେଇ ହାଟକୁ ଗଲା । ସେତିକିବେଳେ ବ୍ରାହ୍ମଣର ସ୍ତ୍ରୀ ବଗିଚାକୁ ଯାଇ ଗୋଟିଏ ବାଇଗଣ ଆଣି ଆସିଲା । ତା ପରେ ଚୁପ କରି ଖାଇଦେଲା । ଯେଉଁ ବାଇଗଣଟା ବ୍ରାହ୍ମଣ ରଖିଥିଲା ମଞ୍ଜି ରଖିବାକୁ ସେହି ବାଇଗଣଟି ତାର ସ୍ତ୍ରୀ ଖାଇଦେଲା । ବ୍ରାହ୍ମଣ ହାଟରୁ ଆସି ବଗିଚା ଆଡେ ବୁଲିବାକୁ ଯାଉ ଯାଉ ଦେଖେ ତ ବାଇଗଣଟି ନାହିଁ । ସେଇଠୁ ବ୍ରାହ୍ମଣ କହିଲା- ମୋ ବାଇଗଣ ଯିଏ ଖାଇଛି ତା'ର ବେଙ୍ଗ ଛୁଆଟିଏ ହେଉ । ଏତିକି କହି ସେ ଠାକୁରଙ୍କୁ ଜୁହାର ମାରିଲା । ସେଇଠୁ କେତେଦିନ ପରେ ବ୍ରାହ୍ମଣର ବେଙ୍ଗ ଛୁଆଟିଏ ଜନ୍ମ ହେଲା । ସେହି ବେଙ୍ଗ ଛୁଆଟି ବଡ ହୋଇଗଲା । ଦିନେ ବେଙ୍ଗ ଗାଧୋଇ ଯାଇଥିଲା । ସେହି ରାଜ୍ୟର ରାଜା ପୁଅ ଦେଖିଦେଲା । ଗୋଟିଏ ଅତି ସୁନ୍ଦରୀ ଝିଅଟିଏ ଗାଧାଉଛି । ସେଠୁ ଭାବିଲା ମୁଁ ବେଙ୍ଗକୁ ବାହାହେବି । ରାଜାପୁଅ ବେଙ୍ଗକୁ ବାହା ହେଲା । ବେଙ୍ଗ ରାତି ୪ଟା ରୁ ଉଠି ସବୁ କାମ ସାରି ଦେଇଥାଏ । ଦିନେ ବେଙ୍ଗ ଗାଧୋଇବାକୁ ଯାଇଛି । ରାଜକୁମାର ତେଲ ଢାଳି ବେଙ୍ଗର ଖୋଳକୁ ପୋଡି ଦେଲେ । ସେହି ଦିନଠାରୁ ବେଙ୍ଗକୁ ସମସ୍ତେ ଦେଖିଲେ । ତା' ପରେ ରାଣୀ କହିଲେ ମୋ ପୁଅ ମୋ ଘରକୁ ସୁନ୍ଦରୀ ବୋହୁଟିଏ ଆଣିଛି । ରାଣୀ ପରି ରାଣୀଟିଏ ଆଣିଛି ବୋଲି ସମସ୍ତେ କହିଲେ ।

•••

# ସତ୍ୟମେବ ଜୟତେ

ଅନୀତା ବିଶ୍ୱାଳ
ନବମ ଶ୍ରେଣୀ

'ସତ୍ୟର ସର୍ବଦା ଜୟ ହୁଏ ।' ଏହି ବାକ୍ୟଟିକୁ ପ୍ରାୟ ଆମେ ସମସ୍ତେ ଶୁଣିଥିବା । ଏହି ବାକ୍ୟଟି କେବେହେଲେ ମିଥ୍ୟା ହୋଇପାରେନା । ଯେତେ ଯାହା ହୋଇଯାଉ ପଛେ ଜୟ ତ ହେବ ସତ୍ୟର । ମିଥ୍ୟାର ନୁହେଁ । ଏବିଷୟରେ ଗୋଟିଏ ଛୋଟ ଗପ ।

ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ରାଜା ବହୁତ ନିରୀହ । ସେ ସରଳ ଥିଲେ । କିଏ ଶତ୍ରୁ କିଏ ମିତ୍ର ବୁଝିପାରୁ ନ ଥିଲେ । ସମସ୍ତଙ୍କୁ ନିଜର ମନେ କରୁଥିଲେ । ତାଙ୍କ ରାଜ ଦରବାରର ରାଜ କର୍ମଚାରୀ ମାନଙ୍କୁ ସେ ନିଜ ଘର ଲୋକ ବୋଲି ମନେ କରୁଥିଲେ । ରାଜ୍ୟବାସୀ ମାନେ ମଧ୍ୟ ରାଜାଙ୍କୁ ଖୁବ୍ ଭଲ ପାଉଥିଲେ । ରାଜାଙ୍କର ସରଳତାର ସୁଯୋଗ ଉଠାଉଥିଲେ କେତେକ ରାଜ କର୍ମଚାରୀ । ଏ ରାଜ କର୍ମଚାରୀ ମାନଙ୍କ ମଧ୍ୟରେ ମୁଖ୍ୟଥିଲେ ମନ୍ତ୍ରୀ । ମନ୍ତ୍ରୀଙ୍କ ଉପରେ ରାଜାଙ୍କର ଅଗାଧ ବିଶ୍ୱାସ ଥିଲା । ମନ୍ତ୍ରୀଙ୍କୁ ରାଜା ପିତାର ସମ୍ମାନ ଦେଉଥିଲେ । ତେଣୁ ମନ୍ତ୍ରୀ ଯାହା କହୁଥିଲେ ରାଜା ତାକୁ ମାନୁଥିଲେ । କିନ୍ତୁ ମନ୍ତ୍ରୀଙ୍କର ମନ ଭିତରେ ବିଶ୍ୱସ୍ତତା ପରିବର୍ତ୍ତେ କୃତଘ୍ନତା ଥିବା ବିଷୟରେ ରାଣୀ ଅବଗତ ଥିଲେ । ସେ ରାଜାଙ୍କୁ ମଧ୍ୟ କହୁଥିଲେ ଯେ - ମନ୍ତ୍ରୀ ଆପଣଙ୍କ ସହିତ ବିଶ୍ୱାସ ଘାତକତା କରିବେ । କିନ୍ତୁ ରାଜା ରାଣୀଙ୍କ କଥାକୁ ବିଶ୍ୱାସ କରୁ ନ ଥିଲେ । ଏ ବିଷୟରେ ରାଜା ରାଣୀଙ୍କ ମଧ୍ୟରେ ସମୟେ ସମୟେ କଥା କଟାକଟି ହେଉଥିଲା । ରାଣୀ ମନେ ମନେ ଚିନ୍ତାକଲେ ଯେ ରାଜାଙ୍କୁ ପ୍ରମାଣ ନ ଦେଖାଇବା ପର୍ଯ୍ୟନ୍ତ ସେ କେବେହେଲେ ତାଙ୍କ କଥାରେ ବିଶ୍ୱାସ କରିବେ ନାହିଁ । ତେଣୁ ରାଣୀ ପ୍ରମାଣ ଯୋଗାଡରେ ଲାଗି ପଡିଲେ ।

ଦିନକର ଘଟଣା । ମନ୍ତ୍ରୀ ଭାବିଲେ ଯେ ରାଜା ତ ମୋ ଉପରେ ଅଗାଧ ବିଶ୍ୱାସ କରୁଛନ୍ତି । ମୁଁ କେତେ ଦିନ ଏମିତି ରାଜାଙ୍କ ଦୟାରେ ଚଳୁଥିବି ? ତେଣୁ ସେ ଚିନ୍ତାକଲେ ରାଜାଙ୍କର ସମସ୍ତ ସମ୍ପତ୍ତି ନିଜ ନାଁ ରେ କରିନେବା ପାଇଁ । ସେ

ରାଜାଙ୍କୁ ଗୋଟେ କାଗଜ ଦେଲେ ଆଉ କହିଲେ - ମହାରାଜ ଅପଣ ଏ କାଗଜରେ ଦସ୍ତଖତ କଲେ ମୁଁ ଗୁମାସ୍ତାଙ୍କୁ ଦେଖାଇ ତାଙ୍କଠାରୁ ଟଙ୍କା ଆଣି ରାଜ କର୍ମଚାରୀମାନଙ୍କ ଦରମା ଦେବି ତାଙ୍କର ତ ମନ୍ତ୍ରୀଙ୍କ ଉପରେ ବହୁତ ବିଶ୍ୱାସ ଥିଲା । ତେଣୁ ପଢିଲେ ନାହିଁ କାଗଜରେ କ'ଣ ଲେଖାହୋଇଛି । କାଗଜରେ ଦସ୍ତଖତ କରିବା ପାଇଁ ସେ ନେଲେ । ସେହି ସମୟରେ ରାଣୀ ଆସି ରାଜାଙ୍କୁ କହିଲେ - ମହାରାଜ ଆପଣ ଏ କାଗଜରେ ଦସ୍ତଖତ କରନ୍ତୁ । କିନ୍ତୁ ଦସ୍ତଖତ କରିବା ପୂର୍ବରୁ ଏ କାଗଜରେ କ'ଣ ଲେଖା ହୋଇଛି ପଢି ତ ନିଅନ୍ତୁ । ତା ପରେ ରାଜା କହିଲେ ରାଣୀ ଆପଣ କଣ ଭାବୁଛନ୍ତି; ମନ୍ତ୍ରୀ ମୋ ସହିତ ବିଶ୍ୱାସ ଘାତକତା କରିବେ ? ନାଁ ରାଣୀ ନାଁ । ଆପଣ ଭୁଲ ଭାବୁଛନ୍ତି । ଆପଣଙ୍କ କଥାମାନି ମୁଁ ଏ କାଗଜଟିକୁ ପଢୁଛି । ରାଜା ତା ପରେ କାଗଜରେ ଲେଖା ହୋଇଥିବା ସମସ୍ତ କଥା ପଢିଲେ ଓ ମନ୍ତ୍ରୀ ତାଙ୍କୁ ଦେଇଥିବା ଧୋକା ବିଷୟରେ ସବୁ ଜାଣି ପାରିଲେ । ଏହା ଜାଣିଲା କ୍ଷଣି ରାଜାଙ୍କ ପାଦତଳୁ ଯେମିତି ମାଟି ଖସିଗଲା । ସେ ମନ୍ତ୍ରୀଙ୍କୁ ଦଣ୍ଡଦେବାପାଇଁ ମନସ୍ଥ କଲେ । କିନ୍ତୁ ରାଣୀ ବୁଝାଇବାରୁ ସେ ତାଙ୍କୁ ଛାଡି ଦେଲେ । ତା ପରେ ରାଜା ରାଣୀଙ୍କୁ କ୍ଷମା ମାଗି କହିଲେ ମୋତେ କ୍ଷମା କରି ଦିଅନ୍ତୁ ରାଣୀ । ମୋର ଭୁଲ ହୋଇ ଯାଇଛି । ମୁଁ ଆପଣଙ୍କ କଥାକୁ ବିଶ୍ୱାସ କଲି ନାହିଁ । ତା ପରେ ରାଜ୍ୟର ସମସ୍ତ ଦାୟିତ୍ୱକୁ ରାଜା ନିଜେ ତଦାରଖ କଲେ । ରାଜ୍ୟ ବାସୀଙ୍କ ଦୁଃଖ ଦୁର୍ଦ୍ଦଶା ନିଜେ ବୁଝିଲେ । ତାଙ୍କ ରାଜ୍ୟରେ କେବେ ବି ଅଶାନ୍ତି ଦେଖାଦେଲା ନାହିଁ ।

ଏ ଗପରୁ ଆମେମାନେ ଜାଣି ପାରୁଥିବା ଯେ ସତ୍ୟର ଜୟ ଦିନେ ନା ଦିନେ ହେବ ।

●●●

# ଲୋଭର ଫଳ

କୁମାରୀ ବନୀତା ଦେହୁରୀ
ଅଷ୍ଟମ ଶ୍ରେଣୀ

ଗୋଟିଏ ରାଜ୍ୟରେ ବୁଢା ବୁଢୀ ଥିଲେ । ବୁଢାର ନାମ ଗୋପାଳ ଓ ତାର ସ୍ତ୍ରୀର ନାମ ଟୁମୁକି । ଗୋପାଳ ଭାରି ଲୋଭୀ । ସୁନା ଗହଣା ଦେଖିଲେ ଚୋରି କରିଆଣେ ଓ ତାର ସ୍ତ୍ରୀ କୁ ଦିଏ । ଟୁମୁକି ପଚାରିଲେ କେଉଁଠୁ ସୁନା ଗହଣା ଆଣିଲ, ଗୋପାଳ କୁହେ ମୁଁ କାମ କରି ଆଣିଛି । ଏମିତି ଚୋରି କରି ପେଟ ପୋଷନ୍ତି । ଟୁମୁକି ଜାଣି ପାରେ ନାହିଁ । ଅନ୍ୟ ଗୋଟିଏ ରାଜ୍ୟରେ ଜଣେ ରାଜା ଥିଲେ । ତାଙ୍କର ନାମ ରାମଚନ୍ଦ୍ର । ତାଙ୍କର ତିନିରାଣୀ ଥିଲେ । ଅହଲ୍ୟାବତୀ, କଳାବତୀ ଓ ଜେମାଦେଇ । ଦିନେ ତିନି ରାଣୀ ଗାଧୋଇବାକୁ ଯାଇଥିଲେ । ତାଙ୍କ ପଛରେ ସେମାନଙ୍କର ପ୍ରହରୀ ପରିଚାରୀମାନେ ଯାଇଥିଲେ । ତାଙ୍କର ସୁନା ଗହଣା ପୋଖରୀ ହିଡରେ ଥୋଇ ଦେଇ ଗାଧାନ୍ତି । ଗୋପାଳ ଭାରି ଲୋଭୀ । ସେ ଆସି ଗୋଟିଏ ଶୁଆକୁ କହିଲା - ପୋଖରୀ ହିଡରେ ରାଣୀମାନେ ତାଙ୍କ ସୁନା ଗହଣା ଥୋଇ ଦେଇ ଗାଧାଉଛନ୍ତି । ସେହି ସୁନାତକ ଆଣି ଦେବୁ ଯଦି ତୋର ଅଧାକୁ ମୋର ଅଧା । ଶୁଆ ଭାରି ଖୁସି ହୋଇଗଲା । ସେ ଉଡି ଉଡି ଯାଇ ସୁନା ଆଣି ଆସିଲା । ପ୍ରହରୀମାନେ ଶୁଆକୁ ଯେତେ ଗୋଡାଇଲେ ଧରି ପାରିଲେ ନାହିଁ । ସେ ସୁନା ଗହଣା ଆଣି ଗୋପାଳକୁ ଦେଲା । ଗୋପାଳ ଖୁସି ହୋଇଗଲା । ସେ ଶୁଆଟିକୁ ଗୋଟିଏ ହାର ଦେଲା । ଗୋପାଳ ଅନ୍ୟସବୁ ସୁନା ଆଣି ଆସିଲା । ଗାଧୋଇ ସାରି ରାଣୀମାନେ ସୁନା ଗହଣା ପାଇଲେ ନାହିଁ । ବହୁତ କାନ୍ଦିଲେ । ତିନିରାଣୀଙ୍କ କାନ୍ଦ ଶୁଣି ଈଶ୍ୱର ଗୋଟିଏ ବୁଢା ରୂପ ଧାରଣ କରି ଆସିଲେ । କାହିଁକି କାନ୍ଦୁଛ ବୋଲି ପଚାରିଲେ । ସେମାନେ ସବୁକଥା କହିଦେଲେ । ଈଶ୍ୱର କହିଲେ "ମୁଁ ଯାଉଛି ଯିଏ ତୁମ ସୁନା ଗହଣା ନେଇଛି ମୁଁ ଆଣିଦେବି ।" ତିନିରାଣୀ ବହୁତ ଖୁସି ହୋଇଗଲେ । ଈଶ୍ୱର କିଛି ବାଟ ଗଲାପରେ ଅନ୍ତର୍ଦ୍ଧାନ ହେଇଗଲେ । ଈଶ୍ୱର ଗୋପାଳ ଘରେ ପାଣି ମାଗିଲେ । ଗୋପାଳ ଦେଖିଲା ବୁଢାଟି ମୁଣିରେ କିଛି ସୁନା, ରୂପା ଟଙ୍କା

ରଖିଛି । ତାର ବହୁତ ଲୋଭ ହେଲା । ସେ ବୁଢାକୁ କିଛି ଦିନ ରହିବାକୁ କହିଲା । ସେଇଘରେ ଈଶ୍ୱର ରହିଲେ । ଗୋପାଳ ଭାବିଲା ମୁଁ କେମିତି ବୁଢାଟିକୁ ମାରି ସୁନା ଆଣିବି । ଏକଥା ଈଶ୍ୱର ଜାଣି ପାରିଥିଲେ । ରାତିରେ ଈଶ୍ୱର ଗୋପାଳକୁ ସପ୍ନରେ କହିଲେ "ଗୋପାଳ ତୁମେ ଯେଉଁ ଭୁଲ କାମ କରିଛ ତୁମେ ସେଥିପାଇଁ ଦଣ୍ଡ ପାଇବ ।" ଗୋପାଳ ରାଗିଗଲା । ତୁମେ ଯେତିକି ଚୋରି କରିଛ ଫେରାଇ ଦିଅ ବା କ୍ଷମା ମାଗିନିଅ । କିନ୍ତୁ ଯାର ତ ଲୋଭ । ଗୋପାଳ କହିଲା ନା ମୁଁ କ୍ଷମା ମାଗିବି ନାହିଁ । ଏତିକି ମାତ୍ର କହିଛି ଈଶ୍ୱର ଗୋଟିଏ ବାଘ ରୂପରେ ତା ପାଖକୁ ଆସିଲେ । ତା ପାଖରେ ଗର୍ଜନ କରି ତାକୁ ମାରି ଗୋଡାଇଲେ । ଗୋପାଳ ବହୁତ କାନ୍ଦିଲା । କହିଲା ମୁଁ ଆଉ ଚୋରି କରିବି ନାହିଁ । ମୋତେ ଛାଡି ଦିଅ । କିନ୍ତୁ ବାଘ କହିଲା ମୁଁ କହିଥିଲି ତୁମକୁ କ୍ଷମା ମାଗିନିଅ । କିନ୍ତୁ ମାଗିଲ ନାହିଁ । ଚୋରି କରିଛ । ଫଳ ପାଇବ । ଏହାକହି ଗୋପାଳ ଉପରକୁ ଡେଇଁପଡି ତାକୁ ମାରିଦେଲେ । ସକାଳ ହେଲା । ବାଘ ବୁଢା ହୋଇଗଲା । ସେ ଆସି ଟୁମୁକିକୁ କହିଲା ମୁଁ ତୁମର ସ୍ୱାମୀକୁ ମାରି ଦେଇଛି । କାରଣ ସେ ଭାରୀ ଲୋଭ କରିଥିବାରୁ ଫଳ ପାଇଲା । ଟୁମୁକି ସଙ୍ଗେ ସଙ୍ଗେ ହସିଲା ଓ ଯେତେ ସୁନା ଗହଣା ସେ ଆଣିଥିଲା ଈଶ୍ୱରଙ୍କୁ ଦେଇଦେଲା । ଈଶ୍ୱର ସେ ସବୁ ତାକୁ ଫେରାଇ ଦେଇ ଟୁମୁକିକୁ କହିଲେ - ତୁମେ ଖୁସିରେ ରୁହ । ତା ପରେ ଅର୍ନ୍ତଧାନ ହୋଇଗଲେ । ସେ ଆସି ତିନି ରାଣୀଙ୍କୁ ସୁନା ଦେଲେ । ତିନିରାଣୀ ସୁନା ଦେଖି ବହୁତ ଖୁସି ହେଲେ ଓ ରାଜା ମଧ ବହୁତ ଖୁସୀ ହେଲେ । ବୁଢା କହିଲେ ମୁଁ ମଣିଷ ନୁହେଁ ମୁଁ ଈଶ୍ୱର କହି ଅର୍ନ୍ତଧାନ ହୋଇଗଲେ ।

●●●

# ସାଙ୍ଗ ଚୟନ

ରମେଶ ଚନ୍ଦ୍ର ପ୍ରଧାନ
ଅଷ୍ଟମ ଶ୍ରେଣୀ

କୁନା ଓ ସୁନା ଦୁଇ ସାଙ୍ଗ । ପରସ୍ପରକୁ ବହୁତ ଭଲ ପାଆନ୍ତି । ଦୁହେଁ ଗୋଟିଏ ସ୍କୁଲରେ ଏବଂ ଗୋଟିଏ ଶ୍ରେଣୀରେ ପାଠ ପଢନ୍ତି । ସ୍କୁଲଟି ୩-୪ କି.ମି. ଦୂରରେ । ଦୁହେଁ ସାଙ୍ଗ ହୋଇ ସ୍କୁଲକୁ ଯାଆନ୍ତି । ସ୍କୁଲ ଯିବା ବାଟରେ ସେମାନେ ଗପ କରି କରି ଯାଆନ୍ତି । କୁନା ଭାରି ଦୁଷ୍ଟ ଓ ଚଗଲା । କିନ୍ତୁ ମୁନା ସେମିତି ପିଲା ନୁହେଁ । ସେ କୁନାକୁ ପ୍ରତ୍ୟେକ ଦିନ ବୁଝାଏ ଦୁଷ୍ଟ ହୁଅନା ବୋଲି । କିନ୍ତୁ କୁନା ତା କଥାକୁ କାନ ଦିଏନି । କ୍ଲାସରେ ବହୁତ ଦୁଷ୍ଟାମି କରେ । ଶିକ୍ଷକ ତାକୁ ବହୁତ ଦଣ୍ଡ ଦିଅନ୍ତି । ମୁନା ଦୁଃଖ କରେ ସିନା; କିଛି କରିପାରେ ନାହିଁ । ସେମାନେ ସ୍କୁଲ ଯିବା ବାଟରେ ଗୋଟିଏ ଜଙ୍ଗଲ ପଡେ । ସେହି ଜଙ୍ଗଲରେ ଗୋଟିଏ ମହାବଳ ବାଘ ବାସ କରେ । ଲୋକ ଦେଖିଲେ ଆକ୍ରମଣ କରେ । ସେଇ ଜଙ୍ଗଲ ବାଟ ଦେଇ ଯିବା ଆସିବା କରିବା ପାଇଁ ଲୋକମାନେ ଭୟ କରନ୍ତି । କିନ୍ତୁ କୁନା ଓ ମୁନା ସେହି ବାଟ ଦେଇ ପ୍ରତ୍ୟେକ ଦିନ ସ୍କୁଲକୁ ଯାଆନ୍ତି । ପାହାଡ କଡରେ ଛୋଟ ଝରଣାଟିଏ ବହିଯାଇଥାଏ ।

କୁନା ତ ସ୍ୱାର୍ଥପର ଏବଂ ଅମାନିଆ । କାହା କଥା ଶୁଣେ ନାହିଁ । ବର୍ଷେ ସ୍କୁଲରେ ଗଣେଷ ପୂଜା ହେଲା । ଦୁହେଁ ମିଶି ଗଣେଶ ପୂଜାକୁ ଗଲେ । କିନ୍ତୁ ଫେରିଲାବେଳକୁ ସନ୍ଧ୍ୟା ହୋଇଗଲା । ବାଟରେ ସେମାନେ ବାଘକୁ ଭେଟିଲେ । କୁନା ତ ସ୍ୱାର୍ଥପର । ନିଜ ଜୀବନ ରକ୍ଷା କରିବା ପାଇଁ ତା ସାଙ୍ଗ ସୁନାକୁ ବାଘ ମୁହଁକୁ ଠେଲିଦେଇ ଖୁବ୍ ଜୋରରେ ଘରକୁ ଦୌଡିଲା । ମୁନା ଟିକିଏ ଛୋଟପିଲା ଥିଲା । ତେଣୁ ସେ ଦୌଡି ପାରିଲା ନାହିଁ । ସେ ମନେ ମନେ ଗଜାନନଙ୍କୁ ସ୍ମରଣ କଲା । ଦେଖିଲାବେଳକୁ ବାଘ ନୁହେଁ ସେଇଟା ଗୋଟେ ହରିଣ । ହରିଣଟି ଶୋଷରେ ଆତୁର ହୋଇ ପାଖ ଝରଣାକୁ ପାଣି ପିଇବାକୁ ଆସୁଥିଲା ।

କୁନା ଦୌଡିଲାବେଳକୁ ବାଟରେ ବାଘକୁ ଭେଟି ତାର ପ୍ରାଣ ଗଲା । କିନ୍ତୁ ମୁନା ତାଙ୍କ ଘରକୁ ଫେରିଲା ।

ଯେଉଁ ସାଙ୍ଗ ବିପଦ ପଡିଲେ ନିଜ ସାଙ୍ଗକୁ ଭୁଲି ଯାଇ ନିଜର ଜୀବନ ବଞ୍ଚାଇବାକୁ ସାଙ୍ଗକୁ ଛାଡି ଚାଲିଯାଏ - ଏମିତିକା ସାଙ୍ଗକୁ କ'ଣ ପ୍ରକୃତ ସାଙ୍ଗ କୁହାଯିବ ?

●●●

## ସତ୍ୟ କୁହ, କିନ୍ତୁ ପ୍ରିୟ ସତ୍ୟ

କୁମାରୀ ସୁଲୋଚନା ପାତ୍ର
ଷଷ୍ଠ ଶ୍ରେଣୀ

ଏକଦା ଗୋଟିଏ ଗ୍ରାମରେ ଦେବଗୁରୁ ବୃହସ୍ପତି ବାସ କରୁଥିଲେ । ଦେବ ଗୁରୁଙ୍କର ପିତା ମାତା ତଥା ଆତ୍ମୀୟ ଗୁରୁଜନମାନେ ଦେବ ଗୁରୁ ବୃହସ୍ପତିଙ୍କ ବିବାହ ପାଇଁ ବିରାଟ ଉତ୍ସବ ଆୟୋଜନ କଲେ । ଏଣୁ ବୃହସ୍ପତି ସମସ୍ତ ଦେବତା, ସମସ୍ତ ପଶୁପକ୍ଷୀ ତଥା ଜଳଚର ଓ ସ୍ଥଳଚର ଜୀବ ମାନଙ୍କୁ ନିମନ୍ତ୍ରଣ ପଠାଇଲେ । ଏଥିରେ ସମସ୍ତ ଦେବ ଦେବୀ ଓ ପଶୁ ପକ୍ଷୀ ଉପସ୍ଥିତ ହେଲେ । କିନ୍ତୁ କଇଁଚ ଆସିଲା ନାହିଁ । କୌଣସି ଏକ ସମୟରେ ବୃହସ୍ପତି ବୁଲିବା ପାଇଁ ଯାଉଥିଲେ । ତା ପାଖକୁ ଯାଇ କହିଲେ, ହେ କଇଁଚ ! ତୁମେ ମୋ ବିବାହ ସମୟରେ କ'ଣ ପାଇଁ ଆସିଲ ନାହିଁ ? ସେତେବେଳେ କଇଁଚ କହିଲା - ମୁଁ ଘରେ ହିଁ ରହିବାକୁ ଇଚ୍ଛାକରେ । ଅକାରଣରେ ଏଣେ ତେଣେ ବୁଲିବା କ'ଣ ଦରକାର ? ଯଦିଓ କଇଁଚ ସତ କଥା ହିଁ କହିଥିଲା, ତଥାପି ସେ ସାଧା ସିଧା ଭାବରେ ମୁହଁ ଉପରେ ଏ କଥା କହିଲା ।

ବୃହସ୍ପତି ରାଗିଯାଇ କଇଁଚକୁ ଅଭିଶାପ ଦେଲେ- ଏହାପରେ ତୁମେ ସବୁବେଳେ ନିଜ ଘରକୁ ନିଜ ଭିତରେ ରଖି ଭ୍ରମଣ କରିବ । ଏହି ଭାର ସବୁବେଳେ ତୁମ ପିଠିରେ ଥିବ । ଏଣୁ ବର୍ତ୍ତମାନ ମଧ୍ୟ ପ୍ରତ୍ୟେକ କଇଁଚ ନିଜ ଘରକୁ ନିଜ ପିଠିରେ ହିଁ ରଖି ବୁଲୁଛି ।

●●●

## ତଳେ ପଡିଗଲେ...

କୁମାରୀ ମାଇନ୍ ସୋରେନ
ସପ୍ତମ ଶ୍ରେଣୀ

ବାପା ପୁଅ ବଜାରକୁ ଯାଉଥିଲେ । ରାସ୍ତା କଡରେ ଦୋକାନକୁ ଦେଖି ପୁଅ କହିଲା ବାପା ମୁଁ ଗୋଟିଏ ଚକଲେଟ୍ ଖାଇବି । ପୁଅ କଥା ଶୁଣି ବାପା ସଙ୍ଗେ ସଙ୍ଗେ ଚକଲେଟ୍ କିଣି ଆଣି ଦେଲେ । ପୁଅଟି ଚକଲେଟ୍ ଜରି ଖୋଲିବା ସମୟରେ ଚକଲେଟ୍‌ଟି ତା ହାତରୁ ଖସି ତଳେ ପଡିଗଲା । ପୁଅଟି ଚକଲେଟ୍‌ଟିକୁ ତଳୁ ଉଠାଇବାକୁ ଯାଆନ୍ତେ ବାପା ବାଧା ଦେଇ କହିଲେ ହାଁ ହାଁ ଆରେ ସେ ଚକଲେଟ୍ ତଳୁ ଉଠାନା । ଚାଲ ଆଉ ଗୋଟିଏ ଚକଲେଟ୍ କିଣିଦେବି । ତୁ ସ୍କୁଲରେ ପାଠ ପଢିନୁକିରେ । ତମ ମାଷ୍ଟର ଶିଖାଇ ନାହାନ୍ତି - ତଳେ ପଡିଯିବା ଜିନିଷ ଉଠାନ୍ତି ନାହିଁ ବୋଲି ।

ବାପା କଥାଶୁଣି ପୁଅଟି କିଛି ନ କହି ନୀରବ ରହିଲା । ଆଉ ଦିନକର କଥା ! ବାପା, ପୁଅ ଓ ମାଆ ତିନିଜଣ ବଜାରକୁ ଏକ ସ୍କୁଟର ଯୋଗେ ଯାଉଥାନ୍ତି । ରାସ୍ତାରେ ଏକ ହମ୍ପସ୍ ପଡିଲା । ସେହି ହମ୍ପସ୍‌ରେ ଗାଡିଟି ସାମାନ୍ୟ ଆଘାତ ପାଇବାରୁ ମା ସ୍କୁଟରରୁ ଛିଟିକି ତଳେ ପଡିଗଲା । ବାପା ତାର ମାଆକୁ ତଳୁ ଉଠାଇବାକୁ ଯାଆନ୍ତେ ପୁଅଟି ବାପାଙ୍କୁ ତାଗିଦ୍ କରି କହିଲା, "ବାପା ବାପା, ମାଆକୁ ତଳୁ ଉଠାନ୍ତୁ ନାହିଁ । ତମେ କ'ଣ ଜାଣିନ ଯାହା ତଳେ ପଡି ଯିବ ତାକୁ ଉଠାନ୍ତି ନାହିଁ ବୋଲି । ଏ କଥା କ'ଣ ତୁମ ମାଷ୍ଟର ତୁମକୁ ଶିଖାଇ ନାହାନ୍ତି ।"

●●●

# ମାମୁନୀର ଇଚ୍ଛା ଶକ୍ତି

କୁମାରୀ ସସ୍ମିତା ପାତ୍ର
ଷଷ୍ଠ ଶ୍ରେଣୀ

ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ । ଯେଉଁମାନେ ସମାଜରେ ଶ୍ରେଷ୍ଠସ୍ଥାନ ଅଧିକାର କରିଛନ୍ତି ସେମାନଙ୍କ ମଧ୍ୟରୁ କେତେକ ଅତି ଦରିଦ୍ର ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ଦରିଦ୍ରତା ସେମାନଙ୍କ ପ୍ରତିଭାକୁ ବିନଷ୍ଟ କରି ନ ଥିଲା । କାରଣ ସେମାନଙ୍କ ଇଚ୍ଛାଶକ୍ତି ଦୃଢ଼ ଥିଲା । ଲକ୍ଷ୍ୟ ପ୍ରାପ୍ତିର ସଂକଳ୍ପ ସଫଳତାର ଚାବିକାଠି । କଲମ୍ବସ୍ ଆମେରିକା ଆବିଷ୍କାର କରିଥିଲେ । ଜଳ ପଥରେ ଯାତ୍ରା କରୁଥିବା ସମୟରେ ବହୁ ପ୍ରତିକୂଳ ପରିବେଶର ସମ୍ମୁଖୀନ ହୋଇଥିଲେ । ଏପରିକି ତାଙ୍କର ସହଯାତ୍ରୀମାନେ ମଧ୍ୟ ତାଙ୍କୁ ଆଗକୁ ଯାତ୍ରା କରିବାକୁ ବାରଣ କରିଥିଲେ । ସାମୟିକ ବିପତ୍ତି ତାଙ୍କୁ ଲକ୍ଷ୍ୟଚ୍ୟୁତ କରି ନ ଥିଲା । କୌଣସି ଏକ ମହତ କାର୍ଯ୍ୟରେ ସଫଳତା ପାଇବା ପାଇଁ ଅନେକ ବାଧା ବିଘ୍ନ ଅତିକ୍ରମ କରିବା ପରେ ତାର ସୁଫଳ ମିଳିଥାଏ ।

ସୁବର୍ଣ୍ଣପୁର ଗ୍ରାମରେ ଶ୍ରୀମା ବାଳିକା ହଷ୍ଟେଲ୍ ଟିଏ ଥାଏ । ସେହି ହଷ୍ଟେଲ୍ ରେ ଅନେକ ବାଧାବିଘ୍ନ ଅନେକ ଅଞ୍ଚଳରୁ ବହୁସଂଖ୍ୟାରେ ବାଳିକାମାନେ ଆସି ରହୁଥାନ୍ତି । ସେହି ହଷ୍ଟେଲ୍ ରେ ମାମୁନୀ ବୋଲି ନବମ ଶ୍ରେଣୀର ଝିଅଟିଏ ଥାଏ । ମାମୁନୀର ପରିବାର କହିଲେ ବାପା, ମା ଓ ଭାଇ । ବାପା ତାର ଭାରି ଗରିବ । କିନ୍ତୁ ମାମୁନୀର ପାଠ ପଢ଼ିବାକୁ ବହୁତ ଇଚ୍ଛା । ତେଣେ ବାପା ମାଆ ମାମୁନି ପାଇଁ ଠିକ୍ ସମୟରେ ବହିପତ୍ର କିମ୍ବା ଅନ୍ୟ ସାଙ୍ଗମାନଙ୍କ ପରି ମାମୁନୀ ଆବଶ୍ୟକ କରୁଥିବା ଜିନିଷ ଯୋଗାଇ ଦେଇ ପାରନ୍ତି ନାହିଁ । କିନ୍ତୁ ମାମୁନୀର ମନୋବଳ ଦୃଢ଼ । ସେ ଶ୍ରେଣୀରେ ଭଲ ପଢ଼େ । ଗୁରୁଜୀ ଗୁରୁମାଙ୍କୁ ଭକ୍ତି କରେ । ସାନ ମାନଙ୍କୁ ସ୍ନେହ କରେ । ତେଣୁ ସମସ୍ତେ ତାକୁ ବହୁତ ଭଲ ପାନ୍ତି । ମାମୁନୀର ସାଙ୍ଗମାନେ ଥିଲେ ଖୁବ୍ ଗର୍ବି । ସେମାନେ ମାମୁନୀର ପ୍ରଶଂସାକୁ ଆଖିରେ ଦେଖିପାରନ୍ତି ନାହିଁ । ସବୁ ସମୟରେ ମାମୁନୀର ସମାଲୋଚନା କରନ୍ତି । କିନ୍ତୁ ମାମୁନୀ ସାଙ୍ଗମାନଙ୍କ କୁଟ କଥାରେ ଦୁଃଖ କରେ ନାହିଁ । କାରଣ ସେ ସାଙ୍ଗମାନଙ୍କ ମନରେ ଦୁଃଖ ଦେବାକୁ ଚାହେଁ ନାହିଁ । ମାମୁନୀ ଚାହେଁ ସମସ୍ତଙ୍କ ସହିତ ମିଳିମିଶି ରହିବାକୁ । ସେ ବର୍ଷ ବାର୍ଷିକ ପରୀକ୍ଷାରେ ପ୍ରଥମ ସ୍ଥାନ ଲାଭକରି ମାମୁନୀ ଗୁରୁଜୀଙ୍କ ଠାରୁ ପୁରସ୍କାର ପାଇଲା । କିନ୍ତୁ ତାର କେତେକ ସାଙ୍ଗ ପରୀକ୍ଷାରେ ଫେଲ ହୋଇ ଘରକୁ ପଳାଇଲେ । ମାମୁନୀର ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ସେ ସବୁ ବାଧା ବିଘ୍ନକୁ ଦୂର କରି ବାପା ଓ ମାଆ ତଥା ଗୁରୁଜୀ ଏବଂ ଗୁରୁ ମାଙ୍କ ନାମ ରଖିଲା ।

•••

# କୋଇଲି ଓ ଶୁଆ

କୁମାରୀ ସୁଗୀ ଟୁଡୁ
ଷଷ୍ଠ ଶ୍ରେଣୀ

ଶୁଆ ଓ କୋଇଲି ଦୁହେଁ ଦୁଇ ସାଙ୍ଗ । ଦିନେ କୋଇଲି କୋରଡରେ ବସି କୁହୁ କୁହୁ ରଡି ଛାଡୁଥାଏ । ଏତିକିବେଳେ ଶୁଆଟିଏ ଉଡି ଆସି ସେହି ଗଛରେ ବସିଲା । କୋଇଲି ଶୁଆକୁ ଦେଖି କହିଲା ତୁ ଖାଲି ଦେଖିବାକୁ ସୁନ୍ଦର ସିନା ତୋର ଗୁଣ ନାହିଁ । ତୋର ସୁନ୍ଦର ରୂପକୁ ଦେଖି ଲୋକମାନେ ଘରକୁ ନେଇ ପିଞ୍ଜୁରୀରେ ରଖୁଛନ୍ତି । ରୁପା ଥାଳିରେ ଭାତ ଖାଉଛୁ । କେତେ ତୁ ସୁଆଦିଆ ଫଳ ଖାଉଛୁ । ଏହି ପରି କୋଇଲି ବଖାଣିଲା । ତାହାଶୁଣି ଶୁଆ ଟିକେ ଚୁପ୍ ରହି କହିଲା ଆମେ ଖୋଲା ଆକାଶର ପକ୍ଷୀ । ଆମକୁ ବନ୍ଦୀ କରି ଯେତେ ସୁଖ ଦିଅନ୍ତୁ ନା କାହିଁକି ଆମକୁ କଷ୍ଟ ଲାଗେ । ତୁମେ ସିନା ଖାଲି ସୁନା ରୁପା ଦେଖୁଛ । ତାର କଷ୍ଟ ଦେଖି କୋଇଲି ହସିଦେଇ କହିଲା ଆରେ କି କଷ୍ଟ ଭୋଗୁଛୁ ? ସୁନା ରୁପାରେ ରହୁଛୁ । ସୁଖରେ ତ ! କୋଇଲି ଖୋଜୁ ଥାଏ ମତେ କିଏ ପଞ୍ଜୁରୀରେ ରଖନ୍ତା କି ! ମୋର ଦୁଃଖ କଷ୍ଟ ଭୁଲି ଯାନ୍ତି । ଦିନେ ଶିକାରୀଟିଏ ଶିକାର ଖୋଜୁ ଖୋଜୁ କୋଇଲିକୁ ନେଇ ଆସି ପଞ୍ଜୁରୀରେ ରଖିଦେଲା । କୋଇଲି ମନେ ମନେ ଭାବୁଥାଏ ମୁଁ ସୁଖ ପାଇବି । ଖୁସି ହେଉଥାଏ । ଶିକାରୀ ତାକୁ କିଛି ପାଚିଲା ପିଜୁଳି ଆଣିଦେଲା । କୋଇଲିର ପକ୍ଷୀ ପଞ୍ଜୁରୀରେ ବାଜୁଥାଏ । ତେଣୁ ସେ ବହୁ କଷ୍ଟ ପାଇଲା । ସେ ପିଜୁଳିକୁ ଖାଇ ପାରିଲା ନାହିଁ । ଚାରିପାଖ ବୁଲିଲେ ବି କଷ୍ଟ ହେଲା । ସେତିକିବେଳେ ଶୁଆ କୋଇଲି କୁ ଖୋଜି ଖୋଜି ସେଠାକୁ ଆସିଲା । କୋଇଲି ଶୁଆକୁ ଦେଖି କାନ୍ଦି ପକାଇଲା । ଶୁଆ ପଚାରିଲା କୋଇଲି ଭାଇ ତୁମକୁ ଭାରି କଷ୍ଟ ହେଉଥିବ ନାଁ ? କୋଇଲି କହିଲା ତୁମେ କିପରି ଜାଣିଲ ? ଶୁଆ କହିଲା ଆମେ ଖୋଲା ଆକାଶର ପକ୍ଷୀ । ତେଣୁ ଶୁଆ ପଞ୍ଜୁରୀ ପାଖରେ ଉଡି ବୁଲୁଥାଏ । ଶିକାରୀଟି ଶୁଆକୁ ଦେଖି ସେ ତାର ଲୋଭ ସମ୍ଭାଳି ନ ପାରି ପିଞ୍ଜୁରୀକୁ ଖୋଲି ଦେଇ ତା ମୁହଁ ପାଖରେ କଦଳୀ ପିଜୁଳି ରଖିଦେଲା । ତାହାଦେଖି କୋଇଲି ବାହାରକୁ ବାହାରି ଆସିଲା । ଦୁହେଁ ସାଙ୍ଗ ହୋଇ ଜଙ୍ଗଲ ଭିତରକୁ ଉଡିଗଲେ । ଶିକାରୀଟି ଦେଖେ ତ ଦୁହେଁ ଉଡି ପଳାଉଛନ୍ତି ।

•••

# ରାଜା ନିଜର ଭୁଲ ବୁଝି ପାରିଲେ

କୁମାରୀ ମଧୁମିତା ସିଂ
ସପ୍ତମ ଶ୍ରେଣୀ

ଗୋଟିଏ ଗ୍ରାମରେ ଜଣେ ରାଜା ଥିଲେ । ତାଙ୍କ ନା ରଣଜିତ ସିଂହ । ତାଙ୍କର ତିନି ଜଣ ମନ୍ତ୍ରୀ ଥିଲେ । ଦିନେ ରଣଜିତ ସିଂହ ଗୋଟିଏ ରାଜ୍ୟକୁ ଯୁଦ୍ଧ କରିବାକୁ ବାହାରିଲେ । ତାଙ୍କ ତିନି ଜଣ ମନ୍ତ୍ରୀ ଏବଂ ତାଙ୍କର ସେନା ବାହିନୀ କୁ ନେଇ । ଯୁଦ୍ଧରେ ରାଜା ଜୟ କରି ଆସିଲେ । ରାଜା ବହୁତ ଖୁସି ହେଉଥାନ୍ତି । ରାଜା ପ୍ରଥମ ମନ୍ତ୍ରୀକୁ ପଚାରିଲେ, "ତୁମକୁ କେମିତି ଆଜି ଖୁସି ଲାଗୁଛି ?" ପ୍ରଥମ ମନ୍ତ୍ରୀ ଜଣକ କହିଲେ: ମୁଁ ଯେତେବେଳେ ବି.ଏ ପାସ୍ କଲି ସେତେବେଳେ ଯେମିତି ଖୁସି ଲାଗୁଥିଲା ଆଜି ମୋତେ ତା'ଠୁ ବି ଅଧିକ ଖୁସି ଲାଗୁଛି । ରାଜା ଦ୍ୱିତୀୟ ମନ୍ତ୍ରୀକୁ ପଚାରିଲେ ତୁମକୁ କେମିତି ଆଜି ଖୁସି ଲାଗୁଛି ?" ଦ୍ୱିତୀୟ ମନ୍ତ୍ରୀ ଜଣକ କହିଲେ : ମୋ ପୁଅ ଯେତେବେଳେ ପ୍ରଥମେ ଜନ୍ମ ହେଲା ସେତେବେଳେ ଯେମିତି ଖୁସି ଲାଗୁଥିଲା ଆଜି ମୋତେ ତା'ଠୁ ବି ଅଧିକ ଖୁସି ଲାଗୁଛି । ତାପରେ ରାଜା ତୃତୀୟ ମନ୍ତ୍ରୀକୁ ପଚାରିଲେ ତୁମକୁ କେମିତି ଆଜି ଖୁସି ଲାଗୁଛି ?" ତୃତୀୟ ମନ୍ତ୍ରୀ ଜଣକ କହିଲେ: ମୋତେ ଯେତେବେଳେ ଝାଡା ପରିଶ୍ରା ଲାଗେ ଓ ଝାଡା ପରିଶ୍ରା କରି ସାରିଲା ପରେ ମୋତେ ଯେମିତି ଆରାମ ଲାଗେ ମୋତେ ସେମିତି ଖୁସି ଲାଗୁଛି । ରାଜା ରାଗ ତମ ତମ ହୋଇ ଗର୍ଜନ କରି ଉଠିଲେ । କହିଲେ - ମୁଁ ଏତେ ବଡ ରାଜ୍ୟ ଜୟ କରି ଆସିଲି । ଶେଷରେ ତୁ ଝାଡା ପରିଶ୍ରା ସହିତ ତୁଳନା କରୁଛୁ । ରାଜା ରାଗିଯାଇ ସେ ତୃତୀୟ ମନ୍ତ୍ରୀ ଜଣକୁ ଜୋରିମାନା କଲେ । ଶେଷରେ ତିନି ଜଣ ମନ୍ତ୍ରୀ ଏକାଠି ହୋଇ ଉପାୟ ପାଞ୍ଚିଲେ ରାଜାଙ୍କୁ ପାନେ ଦେବେ ବୋଲି । ରାଜା ପ୍ରତିଦିନ ସକାଳେ ଝାଡା ଯାନ୍ତି । ସେଦିନ ସକାଳେ ତିନିଜଣ ମନ୍ତ୍ରୀ ରାଜାଙ୍କ ପାଖକୁ ଗଲେ । ରାଜା ଠିକ୍ ଝାଡା ଯିବା ସମୟରେ ତିନି ଜଣ ମନ୍ତ୍ରୀ ଯାଇ ରାଜାଙ୍କୁ କହିଲେ - ରାଜା ଆପଣ ଶୀଘ୍ର ଚାଲନ୍ତୁ । ଆପଣଙ୍କ ରାଜ୍ୟକୁ ଶତ୍ରୁମାନେ ଆକ୍ରମଣ କରୁଛନ୍ତି । ଆପଣ ଶୀଘ୍ର ଚାଲନ୍ତୁ । ରାଜାଙ୍କୁ ଜୋରରେ ଝାଡା ଲାଗୁଥାଏ । ରାଜା କହିଲେ ତୁମେ ଆଗରେ ଯାଅ । ମୁଁ ଟିକେ କାମଟା ସାରିଦିଏ । ତୃତୀୟ ଜଣକ କହିଲେ - ନା ନା ରାଜା ଆପଣ କାମ ସାରୁ ସାରୁ ଆପଣଙ୍କ ରାଜ୍ୟ ଧ୍ୱଂସ ହୋଇଯିବ । ଆପଣ ଶୀଘ୍ର ଚାଲନ୍ତୁ । ପରେ କାମ ସାରିବେ । ରାଜାଙ୍କୁ ଘୋଡାରେ ବସାଇ ନେଇଗଲେ । ଘୋଡା ଚାଲିଥାଏ । ଏପଟେ ରାଜା ସମ୍ଭାଳି ପାରୁ ନାହାନ୍ତି । ରାଜା କହୁଥାନ୍ତି କେତେବେଳେ ପହଞ୍ଚିବ ? ମନ୍ତ୍ରୀ ଜଣକ କହିଲେ ଆଉ ଅଳ୍ପ ସମୟ ପହଞ୍ଚି ଗଲେଣି । ରାଜା ଆଉ ସମ୍ଭାଳି ପାରିଲେ ନାହିଁ । ମନ୍ତ୍ରୀ ମାନେ ରାଜାଙ୍କୁ ଛାଡିଦେଲେ । ରାଜା ଦୌଡିଯାଇ ବୁଦା ପାଖରେ କାମ ସାରି ଆସିଲେ । ତୃତୀୟ ମନ୍ତ୍ରୀ ଜଣକ ପଚାରିଲେ; ରାଜା ବର୍ତ୍ତମାନ କିପରି ଲାଗୁଛି ? ଓଃ ବର୍ତ୍ତମାନ କି ଆରାମ ଲାଗୁଛି ! ତା ହେଲେ କ'ଣ ମୁଁ ସେଦିନ ମିଛ କହିଥିଲି ? ରାଜାଙ୍କର ମନେ ପଡିଲା : ଆରେ ସତ କଥାତ; ସେଦିନ ତୁମେ ଠିକ୍ କହିଥିଲ । ଝାଡା ପରିଶ୍ରା ଲାଗିଲେ କିପରି କଷ୍ଟ ଲାଗେ ଓ ଝାଡା ପରିଶ୍ରା କରି ସାରିଲେ କିପରି ଆରାମ ଲାଗେ ମୁଁ ବୁଝି ପାରିଲି । ମୋତେ କ୍ଷମା କରିଦିଅ । ତିନିଜଣ ମନ୍ତ୍ରୀ କହିଲେ ଆମକୁ କ୍ଷମା କରିଦିଅ । କିଛି ରାଜ୍ୟ ଧ୍ୱଂସ ହେଉ ନାହିଁ । ଆପଣଙ୍କୁ ଆମେ କଥାର ସତ୍ୟତା ଜଣାଇବା ପାଇଁ ଏପରି କଲୁ । ତା ପରେ ସେମାନେ ନିଜ ବାସ ଗୃହକୁ ଫେରିଗଲେ ।

●●●

# ବାଘୁଣୀ ବୁଦ୍ଧି ଶିଖିଲା

କୁମାରୀ ଗୀତାଞ୍ଜଳୀ ଗନ୍ତାୟତ
ଅଷ୍ଟମ ଶ୍ରେଣୀ

ଗୋଟିଏ ବଣରେ ବାଘୁଣୀ ଟିଏ ଥିଲା । ତାର ଗୋଟିଏ ବୋଲି ଛୁଆ । ସେ ପାଖରେ ଥିଲା ଗୋଟିଏ ବାର୍ହା । ତାର ଗୁଡାଏ ଛୁଆଥିଲେ । ବାର୍ହା ସବୁଦିନେ ତାହାର ଛୁଆ ମାନଙ୍କୁ ଚରାଇବାକୁ ନିଏ । ଡଉଲ ଡାଉଲ ବାର୍ହା ଛୁଆଙ୍କୁ ଦେଖି ବାଘୁଣୀର ଖାଇବାକୁ ଇଚ୍ଛା ହେଲା । ମାତ୍ର ବାର୍ହାର ଗୋଜିଆ ଗୋଜିଆ ଦାନ୍ତକୁ ତାର ଭାରି ଭୟ । ବାଘୁଣୀ ମନେ ମନେ ଉପାୟ ପାଞ୍ଚିଲା । ବାର୍ହା ପଖକୁ ଯାଇ କହିଲା, "ମୋର ଜଣେ ସଙ୍ଗାତ ଥିଲେ । ଦେଖିବାକୁ ଠିକ୍ ତୁମରି ପରି । ହେଲେ ମୋର ଭାଗ୍ୟରେ ସେମିତି ସଙ୍ଗାତ ଆଉ ନାହିଁ ।" ବାଘୁଣୀର ମିଠା କଥା ଶୁଣି ବାର୍ହା ତା ସହିତ ସଙ୍ଗାତ ବସିଲା । ଦିନେ ସଞ୍ଜ ଲାଗିଆସିଲା । ବାଘୁଣୀ କହିଲା, ଆଜି ଆମ ବାବୁ କୁଣିଆ ଘରକୁ ଗଲେ । ତୁମର ଦୁଇଟି ପିଲାଙ୍କୁ ମୋ ଘରକୁ ପଠାଅ । ସାଥୀ ହୋଇ ଶୋଇବୁ । ବାର୍ହାର ଦୁଇଟି ବଡଝିଅ ଶୋଇବାକୁ ଗଲେ । ଦିନରେ ଶୋଇଯିବା ପରେ ବାଘୁଣୀ ବାର୍ହା ଝିଅ ଦୁଇଟିକୁ ଖାଇଦେଲା । ସକାଳୁ ସକାଳୁ ଭଲେଇ ହୋଇ କହିଲା, "ସଙ୍ଗାତ, କାଲି କାହିଁ ଝିଅଙ୍କୁ ପଠାଇଲ ନାହିଁ ?" ମୁଁ ଡରିମରି ଶୋଇଲି । ଆଜି ଯେମିତି ହେଲେ ପଠାଇବ । ସେ ଦିନ ରାତିରେ ବାଘୁଣୀ ପାଖକୁ ଯିବାକୁ କେହି ରାଜିହେଲେ ନାହିଁ । ମାତ୍ର ବାର୍ହାର ସାନ ଝିଅ ଭାରୀ ବୁଦ୍ଧିଆ । ସେ ବିଳମ୍ବ ନ କରି ଯିବାକୁ ହଁ ମାରିଦେଲା । ସାନ ଝିଅର ନାମ ଇକୁଲି । ଇକୁଲି ଯେମିତି ବୁଦ୍ଧିଆ, ଠିକ୍ ସେମିତି ସାହସୀ । ବାଘୁଣୀ ଇକୁଲକୁ ଦେଖି ଭାରି ଖୁସି ହେଲା । ତାକୁ ରାତିରେ ଖାଇବାକୁ ଦେଲା । କହିଲା, ତୁ ସାନ ପିଲା । ରାତି ଅଧରେ ଉଠିବୁ । ତେଣୁ ମଝିରେ ଆସି ଶୋଇପଡ ।"

ଇକୁଲି ତ ବହୁତ ଚାଲାକ । ସେ ରାତି ଅଧରେ ମଝିରେ ନିଜେ ଶୋଇଥିବା ସ୍ଥାନରେ ବାଘୁଣୀର ପିଲାଙ୍କୁ ଶୁଆଇ ଦେଇ ନିଜେ ଦୂରେଇ ଲୁଚି ରହିଲା । ପାହାନ୍ତିଆ ପ୍ରହର । ଅନ୍ଧାର ଘୋଟି ରହିଛି । ବାଘୁଣୀ ନିଜ ଛୁଆକୁ ବାର୍ହା ଭାବି ତଣ୍ଟି ଚିପିଦେଲା । କଅଁଳିଆ ମାଂସ ବି ଖାଇଲା । ସକାଳ ହେଲାରୁ ନିଜ ପିଲାର ଗୋଡ, ହାତ ଓ ମୁଣ୍ଡ ଦେଖି ବାଘୁଣୀ ଚମକି ପଡିଲା । ନିଜେ ତ ଏମିତି ମସ୍ତବଡ ଭୁଲ କରିଛି । କ'ଣ ଆଉ କରିବ ? ମୁଣ୍ଡ ପିଟି ଖାଲି କାନ୍ଦିଲା । ଏଣେ ଇକୁଲ ଭୋରରୁ ଉଠି ସେଠାରୁ ପଳାଇ ଆସି ତାହାର ମାଆକୁ ସବୁ କଥା କହିଲା । ସେମାନେ ରାତି ପାହୁ ପାହୁ ସେହି ଜଙ୍ଗଲ ଛାଡି ଆଉ ଗୋଟିଏ ଜଙ୍ଗଲକୁ ପଳାଇଲେ । ସେଥିପାଇଁ କୁହାଯାଇଛି -

"ଯେ ପାଞ୍ଚେ ପର ମନ୍ଦ
ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ" ।

•••

# ଏକ ମଜାଦାର କଥା

କୁମାରୀ ଅର୍ଚ୍ଚନା ହେମ୍ବ୍ରମ
ସପ୍ତମ ଶ୍ରେଣୀ

ମୁଁ ମୋ ନାନୀଙ୍କ ସହିତ ଗୋଟିଏ ଜାଗାକୁ ମେଳା ଦେଖିବା ପାଇଁ ଯାଇଥାଏ । ମେଳା ନାଁ ହେଉଛି ବଇଁଚା ମେଳା । ବଇଁଚା ମେଳାରେ ବହୁତ ଭିଡ ହୁଏ । ସେହି ଭିଡ ଭିତରେ ଜଣେ ବୃଦ୍ଧ ଓ ଭଦ୍ରବ୍ୟକ୍ତି କଥା ହେଉଛନ୍ତି । ମୁଁ ଯାଇ ଟିକେ ଶୁଣିବାକୁ ଇଚ୍ଛା ହେଲା । ବୃଦ୍ଧ ବ୍ୟକ୍ତି ଥିଲେ ଆଦିବାସୀ ସାନ୍ତାଳ ଜାତିର ଲୋକ । ଭଦ୍ର ବ୍ୟକ୍ତିଙ୍କ ହାତରେ ଗୋଟିଏ ଛତା ଥାଏ । ସେହି ଛତା ବୁଢାଟି ଦେହରେ ବାଜିଗଲା । ବୁଢା ରାଗିଯାଇ ଭଦ୍ର ବ୍ୟକ୍ତିଙ୍କୁ ହାତ ଦେଖାଇ କହିଲେ କେନେ ମାରବା । ଭଦ୍ରବ୍ୟକ୍ତି କହିଲେ କେନେ ନାଇଁ ମାରବା । ଏମିତି ବହୁ ସମୟ କଳିଗୋଳ ହେବାରୁ ମୁଁ କହିଲି କିହୋ ମଉସା କ'ଣ ହୋଇଛି ? ବୁଢା କହିଲେ- ଦେଖିଲୁ ବାବୁ ମୋତେ ସେଇ ଲୋକଟା ଛତାରେ ବଜାଇ ଦେଲା । ମୁଁ କେନେ ମାରବା କହିବାରୁ ସେ ମୋତେ ଗାଳି ଦେଉଛନ୍ତି । ମୁଁ ବୁଢାକୁ ଧୀରେ ଧୀରେ କହିଲି ଯେ - ମଉସା ସେ ହେଉଛନ୍ତି ଭଦ୍ରବ୍ୟକ୍ତି । ତାଙ୍କୁ ଟିକେ ଓଡିଆରେ କୁହ । ବୁଢା ତ ଓଡିଆ କଥା ଜାଣେ ନାହିଁ । ତେଣୁ ସେ ମୂକ ବଧିର ଭଳି ହାତ ହଲେଇ ଆକ୍ସନ୍ ଦ୍ୱାରା ଭଦ୍ର ବ୍ୟକ୍ତିଙ୍କୁ ବୁଝାଇ ପାରିଥିଲେ । ଏଣୁ ମୁଁ ଆଗେ ଆଗେ ଚାଲିଲି । ଆହୁରି ଦେଖିଲି ସେହି ବୁଢା ଜଣକ କିଛି ମିଠା କିଣୁଛନ୍ତି । ମୋତେ ତ ବୁଢାର କଥା ବହୁତ ମଜା ଲାଗୁଥାଏ । ତେଣୁ ଆହୁରି ଶୁଣିବାକୁ ବୁଢା ନିକଟକୁ ଗଲି । ବୁଢା ଦୋକାନୀ ବାବୁ ଚାର ଜାଗାରେ ତିନ ତିନ କୁରି ଆଲୁଫଚ୍ ଦେଲୁ । ମୁଁ ଆଶ୍ଚର୍ଯ୍ୟ ହୋଇଗଲି ବୁଢାକୁ ପଚାରିଲି ମଉସା କି କହୁଛ ?

ବୁଢା କହିଲା - ମୁଁ ଦୋକାନକୁ ଚାର ଜାଗାରେ ତିନ ତିନ କରି ଆଲୁ ଫଚ ମାଗୁଛି । ଦେ ଦଉନି । ସେ କ'ଣ ମୋ କଥା ବୁଝି ପାରୁ ନାହାନ୍ତି ! ମୁଁ କହି ଦେଲି ବୁଢାକୁ 'ଆଲୁ ଫଚ୍ ନୁହେଁ, ଆଲୁ ଚପ୍' । ଆଲୁ ଚପ୍ ବୋଲି ମାଗିଲେ ସେ ତୁମକୁ ଦେବେ । ଚାରି ଜାଗାରେ ତିନ୍ ତିନ୍ କରି ଆଲୁ ଚପ୍ । ମୁଁ ବୁଲୁଥାଏ । ହଠାତ୍ ମୋ ସାଙ୍ଗମାନଙ୍କୁ ପାଇଲି । ସାଙ୍ଗ ମାନଙ୍କ ସହିତ ଟେସନାରୀ ଦୋକାନକୁ ଗଲୁ । ସେଠାକୁ ବୁଢାଟିଏ ଆସିଥାଏ । ଆମକୁ ଆଶ୍ଚର୍ଯ୍ୟ ଲାଗିଲା । ଏ ବୁଢା ଜଣକ ଟେସ୍ନାରୀ ଦୋକାନକୁ କାହିଁକି ଆସିଛି ! ମୁଁ ଓ ମୋର ସାଙ୍ଗ ସ୍ଲେଟ୍ କିଣି ଦୋକାନ ଦ୍ୱାରରେ ଠିଆ ହୋଇଥିଲୁ । ଏଥର ବୁଢାର ପାଳି ଆସିଲା । ବୁଢାକୁ ଦୋକାନୀ ପଚାରିଲା - କିସ ନେବେ ଆପଣ ? ତେଣୁ ବୁଢା ଥରି ଥରି କହି ପକାଇଲା - ବାବୁ ମୋତେ ମୋ ଝିଅ ପାଇଁ ଛଯ୍ୟାନବେ ଦେ । ସେହି କଥା ଶୁଣି ମୋତେ ଆହୁରି ହସ ଲାଗିଲା । ଏମିତି ବହୁ ମଜାକଥା ଶୁଣି ମୁଁ ଓ ମୋ ସାଙ୍ଗମାନେ ବହୁତ ହସିଲୁ । ମେଳା ସରିଲା ବେଳକୁ ଆମେ ସମସ୍ତେ ଘରକୁ ଫେରିଗଲୁ ।

•••

# ଛୋଟ ପିଲାର ଅମର କୀର୍ତ୍ତି

ରାଜକୁମାର ପାତ୍ର
ସପ୍ତମ ଶ୍ରେଣୀ

ଓଡିଶାରେ ନରସିଂହ ନାମକ ଜଣେ ରାଜା ଥିଲେ । ଥରେ ତାଙ୍କର ମାଆ ସପ୍ନରେ ଏକ କଳାଭାସ୍କର୍ଯ୍ୟପୂର୍ଣ୍ଣ ମନ୍ଦିର ଦେଖିବାକୁ ପାଇଲେ । ସେ ସୂର୍ଯ୍ୟଙ୍କର ଉପାସିକା ଥିବାରୁ ତାଙ୍କର ପୁଅକୁ ଏଭଳି ସୂର୍ଯ୍ୟ ମନ୍ଦିର ନିର୍ମାଣ କରିବା ପାଇଁ ଏକ ପ୍ରସ୍ତାବ ଦେଲେ । ନରସିଂହଦେବ ମାଆଙ୍କର ମନୋବାଞ୍ଛା ପୂରଣ ପାଇଁ ଏକ ମନ୍ଦିର ତୋଳିବାକୁ ଆଗ୍ରହୀ ହେଲେ ।

ବାରଶହ ବଢେଇଙ୍କ ହାତରେ ମନ୍ଦିର ନିର୍ମାଣ କାର୍ଯ୍ୟ ନ୍ୟସ୍ତ କରାଗଲା । ଏହି ଶିଳ୍ପୀମାନଙ୍କ ମଧ୍ୟରେ ବିଶୁ ମହାରଣା ଥିଲେ ମୁଖ୍ୟ । ସେ ମନ୍ଦିର ନିର୍ମାଣ ତଥା କଳା ଭାସ୍କର୍ଯ୍ୟରେ ଅତ୍ୟନ୍ତ ପାରଦର୍ଶିତା ଲାଭ କରିଥିଲେ ।

ଯେତେବେଳେ ବିଶୁ ମହାରଣା ମନ୍ଦିର କାର୍ଯ୍ୟରେ ଲାଗିଥିଲେ, ସେତେବେଳେ ତାଙ୍କ ସ୍ତ୍ରୀ ଘରେ ଏକାକୀ ଥିଲେ । ଅଳ୍ପ ଦିନ ପରେ ତାଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜାତ ହୋଇଥିଲା । ତାର ନାମ ସେ ଧରମା ଦେଇଥିଲେ ।

ପିଲାଟି ଦିନରୁ ଧରମା ପଥର କଳାରେ ମନୋନିବେଶ କରିଥିଲେ । ସେ ତାର ବାପାଙ୍କ ଦ୍ଵାରା ସାଇତା ତାଳପତ୍ର ପୋଥି ପଢି ମନ୍ଦିର ନିର୍ମାଣ ବିଷୟରେ ଜ୍ଞାନ ଲାଭ କରିଥିଲେ । କିନ୍ତୁ ସେ ତାର ବାପାଙ୍କୁ ଦେଖି ନ ଥିବାରୁ ଅତ୍ୟନ୍ତ ଦୁଃଖିତ ଥିଲା ।

ଦୀର୍ଘ ବାର ବର୍ଷ ଅତିବାହିତ ହେଲା । ଧରମା ମାଆଙ୍କଠାରୁ ଅନୁମତି ନେଇ ତାର ବାପାଙ୍କୁ ସାକ୍ଷାତ ସାକ୍ଷାତ ନିମନ୍ତେ ବାହାରିଲା । ପିଲାଟି ଦିନରୁ ସେ ତା ବାପାଙ୍କୁ ଦେଖି ନ ଥିଲା । ତେଣୁ ତା'ର ମା' ତାଙ୍କ ଅଗଣାରେ ଥିବା କୋଳି ଗଛରୁ କିଛି କୋଳି ଆଣି ଧରମାକୁ ଦେଲା । ଧରମା କୋଳି ନେଇ ତାର ବାପାଙ୍କ ନିକଟକୁ ଚାଲିଲା ।

ଧରମା କୋଣାର୍କ ନିକଟରେ ପର୍ବତ ଉଚ୍ଚର ଏକ ମନ୍ଦିର ଦେଖି ଆଶ୍ଚର୍ଯ୍ୟ ହେଲା । ସେ ସେହି ଗହଳି ମଧ୍ୟରେ ତାର ବାପାଙ୍କୁ ଦେଖିଲା ଓ ତାର ପରିଚୟ ଦେଲା । ବିଶୁ ମହାରଣା ଧରମାକୁ ଦେଖି ଅତ୍ୟନ୍ତ ଆନନ୍ଦିତ ହେଲେ ଓ ତାଠାରୁ ମନ୍ଦିର ନିର୍ମାଣ ବିଷୟରେ ଅନେକ କଥା ଶୁଣି ନିଜକୁ ଅତ୍ୟନ୍ତ ଗର୍ବିତ ମନେକଲେ ।

କିନ୍ତୁ ବିଶୁ ମହାରଣା ଅତ୍ୟନ୍ତ ଦୁଃଖିତ ଜଣାପଡୁଥିଲେ । ଧରମା ତାଙ୍କ ଦୁଃଖର କାରଣ ପଚାରିଲା । ବିଶୁ ମନ୍ଦିରର ନିର୍ମାଣ କାର୍ଯ୍ୟ ସାରିଥିଲେ ମଧ୍ୟ ତାହା ଉପରେ କଳସୀଟି ସ୍ଥାପନ ହୋଇପାରୁ ନ ଥିବାରୁ ରାଜା ସମସ୍ତ କାରୀଗରଙ୍କର ମୁଣ୍ଡକାଟ କରିବେ ବୋଲି ଜଣାଇଲେ । ଧରମା ଏଥିପାଇଁ ବ୍ୟସ୍ତ ନ ହେବାକୁ ତାର ବାପାଙ୍କୁ ସାନ୍ତ୍ୱନା ଦେଲା ଓ ନିଜେ ଏହାର ଉପାୟ ଚିନ୍ତା କଲା ।

ସନ୍ଧ୍ୟାବେଳେ ଧରମା ନିଜେ କଳସୀଟିକୁ ସ୍ଥାପନ କରିଦେଇ ପାରିବ ବୋଲି କହିଲା । ଏହାକୁ କେହି ସହଜରେ ବିଶ୍ୱାସ କରୁ ନ ଥିଲେ । କିନ୍ତୁ ଧରମା ସମସ୍ତଙ୍କୁ ଏହାର ନିର୍ମାଣ କୌଶଳ ବତାଇବା ପରେ ସମସ୍ତେ ତା କଥାରେ ରାଜି ହେଲେ । ଧରମା ମନ୍ଦିର ଉପରକୁ ଉଠି ଶେଷ ରାତ୍ର ସୁଦ୍ଧା କଳସୀ ସ୍ଥାପନ କଲା । କାରିଗରମାନେ ଏଥିରେ ଖୁସି ହେଲେ ସତ; କିନ୍ତୁ ପରବର୍ତ୍ତି ସମୟରେ ସେମାନଙ୍କର ମନରେ ଭୟ ଓ ଦୁଃଖ ଜାତ ହେଲା । କାରଣ ଏକଥା ରାଜାଙ୍କ କାନକୁ ଗଲେ ସେ ନିଶ୍ଚୟ ସେମାନଙ୍କୁ କ୍ଷମା ଦେବେ ନାହିଁ ।

ସମସ୍ତ କାରିଗର ମିଶି ବିଶୁଙ୍କୁ ଏକଥା ଜଣାଇଲେ । ସେ ଗୋଟିଏ ପୁଅର ଜୀବନ ଚାହାନ୍ତି ନା ବାରଶହ କାରିଗରଙ୍କର ଜୀବନ ଚାହାନ୍ତି, ଏ ବିଷୟରେ ତାଙ୍କୁ ପ୍ରଶ୍ନ କଲେ । ଏହି ସମୟରେ ଧରମା ତାର ବାପାଙ୍କୁ ନିଜର ଜୀବନ ବଦଳରେ ବାରଶହ କାରିଗରଙ୍କ ଜୀବନ ରକ୍ଷା କରିବାକୁ ଅନୁରୋଧ କଲା । ବିଶୁ କିଛି କହିବା ପୂର୍ବରୁ ସେ ତାର ବାପାଙ୍କୁ ତା ଜୀବନର ପ୍ରତିବଦଳରେ ବାରଶହ କାରିଗରଙ୍କ ଜୀବନ ରକ୍ଷା କରିବାକୁ ଅନୁରୋଧ କଲା । ବିଶୁ କିଛି କହିବା ପୂର୍ବରୁ ସେ ତାର ବାପାଙ୍କର ପାଦ ଛୁଇଁ ମନ୍ଦିର ଉପରକୁ ଚଢିଗଲା ଏବଂ ସମୁଦ୍ରକୁ ଡେଇଁ ପ୍ରାଣ ବିସର୍ଜନ କଲା ।

ପରଦିନ ସକାଳେ ସୂର୍ଯ୍ୟଙ୍କର ପ୍ରଥମ କିରଣ ସୂର୍ଯ୍ୟ ଦେବତାଙ୍କ ନାମରେ ନାମିତ କଳସଟିକୁ ସ୍ପର୍ଶ କଲା, ମାତ୍ର ବାର ବର୍ଷର କାରିଗର ଧରମା ଆଉ ସେଠାରେ ନ ଥିଲା ।

●●●

# ଆମ ଦାୟିତ୍ୱ

ମାଝୀ ଆସୋରେନ
ନବମ ଶ୍ରେଣୀ

ଆମେ ସମସ୍ତେ ଭାରତୀୟ । ଆମ୍ଭେ ଏହି ଭାରତରେ ଜନ୍ମ ଗ୍ରହଣ କରିଛୁ । ଭାରତରେ ଅନେକ ରାଜ୍ୟ ମଧ୍ୟ ରହିଛି । ଓଡ଼ିଶା ସେଥିମଧ୍ୟରୁ ଅନ୍ୟତମ । ଆମ ଦେଶର ଲୋକମାନେ ସର୍ବଦା ଅନ୍ୟ ଉପରେ ନିର୍ଭରଶୀଳ ଏବଂ ଅନ୍ୟ ଧନରେ ଧନୀ ହୋଇ ବହୁତ ଗର୍ବ କରିଥାନ୍ତି ।

ଯେମିତି ଗୋଟିଏ ଯେକୌଣସି ସରକାରୀ କର୍ମଚାରୀ ପରିବାରରେ ବୁଢ଼ୀ ତା ଅତି ଗେହ୍ଲାରେ ଜଣେ ମାତ୍ର ପୁତ୍ର ସନ୍ତାନ ତାଙ୍କୁ ଉଭୟେ ଅତି ଆଦରରେ ପରିବାରରେ ପାଳନ କରିଥାନ୍ତି ଯେତେବେଳେ ପିଲାଟି ବଡହୋଇ ବାପା ମାଆଙ୍କ କଥା ନ ଶୁଣେ ବା ସୁମାର୍ଗରେ ନ ଯାଇ କୁମାର୍ଗରେ ଯାଏ ବାପା ମାଆ ତାଙ୍କୁ ଆପତ୍ତି କରିପାରନ୍ତି ନାହିଁ । ଯେତେବେଳେ ବାପ ମାଆ ମରିଯାଆନ୍ତି । ପରିବାରକୁ ପିଲାଟି ହାତରେ ଅର୍ପଣ କରିଯାଆନ୍ତି । ସେତେବେଳେ ସେ କିଛି ବୁଝିପାରେ ନାହିଁ । ସେ କେବଳ ଜାଣିଥାଏ, ବାପାର ଧନ ଅଛି ତ ଆଉ ଖଟିବା କ'ଣ ? ସମୟ ଆସେ । ସେସବୁ ସରିଯାଏ ।

ସେହିପରି ଆମ ରାଜ୍ୟର ଲୋକମାନେ ଅନ୍ୟଉପରେ ନିର୍ଭରଶୀଳ । ଓଡ଼ିଶାବାସୀ ଇତିହାସକୁ ଦେଖି ଗର୍ବ କରିଥାନ୍ତି । କିନ୍ତୁ ନିଜ ଗୋଡରେ ନିଜେ ଠିଆହେବାପାଇଁ ଚେଷ୍ଟା କରନ୍ତି ନାହିଁ । କେହି କିଛି କହିଲେ ତାଙ୍କୁ ଓଡ଼ିଶାରେ ଗଢିତୋଳିଥିବା ବିଭିନ୍ନ ଐତିହସିକ କଥାକୁ ମନେ ପକାଇ ଧମକାଇ ଥାନ୍ତି । କିନ୍ତୁ ତାହା ଆମର ନୁହେଁ । କାରଣ ଯାହା ନିଜ ଜ୍ଞାନ, ବିବେଚନା, ଶାରୀରିକ ଶ୍ରମ ଦ୍ୱାରା ଗଢିଥାଏ ତାକୁ ନିଜର ବୋଲି କହେ ।

ମୋଟ ଉପରେ କହିବାକୁ ଗଲେ ଆମ ଓଡ଼ିଶାବାସୀ ଅଳ୍ପରେ ସନ୍ତୁଷ୍ଟ । ଗୋଟିଏ କାର୍ଯ୍ୟ ନିଜେ ଜାଣିଥିଲେ ମଧ୍ୟ ସେହି କାର୍ଯ୍ୟକୁ ଅନ୍ୟ କେହି ଜଣେ କରିଦେଇ ଆମକୁ ଦେଖାଇ ଦିଏ । ଆମେ ତାକୁ ଦେଖି ଖୁସି ହେଉ । ଯେପରି ଆମ ଓଡ଼ିଶାରେ ପ୍ରଚୁର ପରିମାଣର ଲୁହାପଥର ମିଳୁଛି । କିନ୍ତୁ ତାହାକୁ ଆମେ ଉପଯୁକ୍ତ ବିନିଯୋଗ ନ କରି ବିଦେଶକୁ ରପ୍ତାନୀ କରୁ । ସେମାନେ ନିଜର ଜ୍ଞାନ ବଳରେ ବିଭିନ୍ନ ଉପକରଣ ତିଆରି କରି ଆମକୁ ଦେଉଛନ୍ତି । ଏପରି ଅନ୍ୟ ଦେଶ ସହିତ ସୁସମ୍ପର୍କ ରଖିବା ଉଚିତ୍ । କିନ୍ତୁ ଗୋଟିଏ ଦୁଃଖର କାରଣ, ଯେତିକିରେ ଆମେ ତାଙ୍କୁ ଦେଇଥାଉ ତାଙ୍କଠାରୁ ଆମକୁ ଅଧିକ ମୂଲ୍ୟ ଦେଇ କିଣିବାକୁ ପଡୁଛି । ଫଳରେ ଆମର ଲାଭ ନ ହୋଇ କ୍ଷତି ହେବାରେ ଲାଗିଛି । ଏହିପରି ନିର୍ଭରଶୀଳ ନୀତି ଯୋଗୁଁ ଆମ ଓଡ଼ିଶାର ଉନ୍ନତି ନ ହେଇ ତଳକୁ ତଳ ଖସିବାରେ ଲାଗିଛି ।

ମୋ ମତରେ ଯେମିତି ଆମ ପରିବାର ଭଲ ହେଲେ ଆମ ଓଡ଼ିଶା ଭଲରେ ରହିବ । ଆମ ଓଡ଼ିଶାର ଉନ୍ନତି ହେଲେ ସାରା ଭାରତବର୍ଷ ମଧ୍ୟ ଉନ୍ନତ ରାଷ୍ଟ୍ରରେ ପରିଣତ ହେବ । ଫଳରେ ସାରା ଭାରତୀୟଙ୍କ ମୁଖରେ ହସ ଆସିବ । ତେଣୁ ଆମ ଓଡ଼ିଶାବାସୀଙ୍କୁ ଜାଗ୍ରତ ହେବାକୁ ପଡିବ । ନିଜ ଭିତରେ ଥିବା ଦକ୍ଷତା ଓ ପ୍ରତିଭାକୁ ପ୍ରକାଶ କରି ନିଜ ପାଇଁ ନିଜେ ଲଢିବାକୁ ପଡିବ । ନଚେତ୍ ଏ ପ୍ରତିଯୋଗିତା ପୂର୍ଣ୍ଣ ପୃଥିବୀରେ ଆମର ଗତି ପଛକୁ ପଛକୁ ହେବ ।

●●●

## ହସ କଥା

କୁମାରୀ ଅନୀତା ସିଂ
ଅଷ୍ଟମ ଶ୍ରେଣୀ

ବାପା - ଅସୀତ୍ ତୁ ସବୁଦିନେ ସ୍କୁଲ ଯାଉଛୁ । ହେଲେ ଟିଚର କହୁଛନ୍ତି ତୁ କ୍ଲାସ ପରୀକ୍ଷାରେ ଭଲ ନମ୍ବର ରଖୁନାହୁଁ ।

ଅସୀତ୍ - ବାପା ମୁଁ ସବୁଦିନ ସ୍କୁଲ ଯାଉଛି । କିନ୍ତୁ କ୍ଲାସ କରୁନାହିଁ ।

ବାପା - କାହିଁକି ?

ଅସୀତ୍ - ମୁଁ ଯେବେ କ୍ଲାସକୁ ଯାଏ ସେତେବେଳେ ସବୁଦିନ ସାର ୧,୨,୩,୪ ଡାକ ଆରମ୍ଭ କରନ୍ତି । ମୋତେ ବିରକ୍ତ ଲାଗେ । ତାଛଡା ମୁଁ ତ ଏତେ ପାଠ ଜାଣିଛି । କାହିଁକି ଅଯଥାରେ କ୍ଲାସ କରିବି ?

************

ଭଦ୍ରବ୍ୟକ୍ତି - ଆଛା ଭାଇ, ଶିବ ମନ୍ଦିର ଗଳିକୁ ଯିବ ?

ରିକ୍ସାବାଲା - ହଁ ଆଜ୍ଞା, କିନ୍ତୁ ଆପଣ ଖାଲି ଯିବେ ନା ଏତକ ଗଣ୍ଠିଲି ନେବେ ?

ଭଦ୍ରବ୍ୟକ୍ତି - କାଇଁ ଗଣ୍ଠିଲି ଦୁଇଟା ପାଇଁ ଭଡା ନେବୁକି ?

ରିକ୍ସାବାଲା - ନାଇଁ ନାଇଁ ଗଣ୍ଠିଲି ଦୁଇଟା ଫ୍ରି ଅଛି ।

ଭଦ୍ରବ୍ୟକ୍ତି - ତେବେ ଠିକ୍ ଅଛି । ମୁଁ ଚାଲି ଚାଲି ଯାଉଛି । ତୁ ଖାଲି ଗଣ୍ଠିଲି ଦୁଇଟାକୁ ମନ୍ଦିର ପାଖରେ ପହଞ୍ଚାଇଦେ ।

(ହାଃ ...... ହାଃ .....ହାଃ ...)

*********

ବାପା - ଆରେ ପିଣ୍ଟୁ ପଡିଶା ଘର ଝିଅକୁ ଦେଖ +୨ରେ ପାଶ୍ ହୋଇଛି । ଆରେ ତୁ ଗଧ କୋଉଠିକାର ।

ପିଣ୍ଟୁ - ବାପା ମୁଁ ତ ପଡିଶା ଘର ଝିଅକୁ ଦେଖି ଦେଖି ଫେଲ ହୋଇଗଲି ।

•••

## ହସ କଥା

ସଂବୀତ୍ କୁମାର ପ୍ରଧାନ
ନବମ ଶ୍ରେଣୀ

- ସୁବାସ - ଆରେ ବୁଲୁ କୁଆଡେ ଯାଉଛୁ ?

  ବୁଲୁ - ଟ୍ରେନରେ ମରିବା ପାଇଁ ଯାଉଛି ।

  ସୁବାସ - ହେଲେ ହାତରେ ଟିଫିନ୍ ଡବା ଧରି ଯାଉଛୁ କାହିଁକି ?

  ବୁଲୁ - ଯଦି ଟ୍ରେନ ନ ଆସେ ତା ହେଲେ କ'ଣ ଭୋକିଲା ମରିବି ?

- ଶିକ୍ଷକ - ପିଲେ ଦାନ୍ତ ନ ଥିବା ୨ଟି ପ୍ରାଣୀର ନାମ କହିଲ ।

  ଜଣେ ଛାତ୍ର- ସାର୍ ଅଜା ଓ ଆଈ ।

- ଭୀମ - ରାମ ତୋର ଦାନ୍ତ କେମିତି ଭାଙ୍ଗିଲା ?

  ରାମ - ହସୁଥିଲି ତ । ସେଇଥି ପାଇଁ ।

  ଭୀମ - ହସୁଥିଲୁ ମାନେ ! ହସିଲେ କେମିତି ଦାନ୍ତ ଭାଙ୍ଗିବ ?

  ରାମ - ନାଇଁ ଜଣେ ପହିଲିମାନକୁ ଦେଖି ହସୁଥିଲି ।

- ଶିକ୍ଷକ - ତୁମେ ଦୁହେଁ ନଈ ବଢିର ଯେଉଁ ରଚନା ଲେଖିଛ ପୁରା ମିଶି ଯାଉଛି । କ'ଣ ତୁମେ ଦୁହେଁ କୁହାକୁହି ହୋଇ ଲେଖିଛ କି ?

  ଅଜୟ ବିଜୟ - ନାଇଁ ନାଇଁ ଆମେ ଦୁହେଁ ସାଙ୍ଗ ହୋଇ ନଈବଢି ଦେଖିବାକୁ ଯାଇଥିଲୁ ତ ।

- ବାପା - ରାମ ତୁ କାହିଁକି ସବୁଦିନେ କ୍ଲାସରେ ପଛରେ ବସୁଛୁ ?

  ରାମ - ନାଇଁ ବାପା ମୋର ଆହୁରି ପଛରେ କାନ୍ଥ ଅଛି ।

- ଜଣେ ଗାଁଉଲିଆ ଲୋକ ସହରକୁ ଆସିଥିଲା । ସେ ଜଣେ ଦୋକାନୀକୁ ପଚାରିଲା ରୁଟି ଦୁଇଖଣ୍ଡ କେତେ ଟଙ୍କା ନା ୪ ଟଙ୍କା ଏବଂ ତରକାରୀ ତା ସାଙ୍ଗରେ ଫ୍ରି । ତା ହେଲେ ମୋତେ ତରକାରୀ ଫ୍ରି ଦେଇଦିଅ । ମୁଁ ରୁଟି ଖାଇବି ନାହିଁ ।

- ରମେଶ ପରୀକ୍ଷା ଦେଇ ଘରକୁ ଆସିଲା ।

  ସାର ପଚାରିଲେ - ଆଜି "ପରୀକ୍ଷାର ପ୍ରଶ୍ନ ପତ୍ର କିପରି ଥିଲା" ?

  ରମେଶ - ସବୁଜ ରଙ୍ଗ ଥିଲା ସାର୍ ।

- ଜୁଜୁତା ଦୋକାନକୁ ଗ୍ରାହକ ଆସିଲା ।

  ଗ୍ରାହକ - ଏଇ ଜୁଜୁତାର ଦାମ କେତେ ?

  ଦୋକାନୀ - ଏହାର ଦାମ୍ ୧୫୦ ଟଙ୍କା । କିନ୍ତୁ ଅନ୍ୟ ଜୁଜୁତାର ଦାମ ୫୦ ଟଙ୍କା ।

  ଗ୍ରାହକ - କାହିଁକି ?

  ଦୋକାନୀ - କାହିଁକି ନା ଆଜି ସକାଳେ ଏହି ଜୁଜୁତାଟି ୧୦୦ ଟଙ୍କା ଗିଳି ଦେଇଛି ତ ।

- ଶିକ୍ଷକ - ପିଲେ ଏମିତି କାମ କର ଯେମିତି ପୃଥିବୀର କୋଣେ କୋଣେ ପ୍ରତ୍ୟେକ ଲୋକ ତୁମକୁ ମନେ ରଖିବେ ।
  ଛାତ୍ର - ସାର ପୃଥିବୀ ତ ଗୋଲ୍ । ସେଥିରେ କୋଣ କେଉଁଠୁ ଆସିଲା ?

- ଗୋଟିଏ ଶ୍ରେଣୀରେ ସାର୍ ମାଧ୍ୟାକର୍ଷଣ ଶକ୍ତି ବିଷୟରେ ପଢାଉଥିବା ବେଳେ ଜଣେ ଛାତ୍ର ଘୁମାଉ ଥିବାର ସାର ଦେଖିଲେ ।

  ସାର୍ - କ'ଣ ତୁମେ ଘୁମାଉଛ ?

  ଛାତ୍ର - ନାଇଁ ସାର ମୁଁ ଘୁମାଉନି । ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ମୋତେ ଟାଣୁଛି ।

- ଶିକ୍ଷକ - ପିଲେ ଏମିତି ଗୋଟେ ଫଳର ନାମ କୁହ ତାହା ଗ୍ରୀଷ୍ମଋତୁରେ ଫଳେ ।

  ଜଣେ ଛାତ୍ର - ସାର୍ ପରୀକ୍ଷା ଫଳ ।

- ଶ୍ୟାମର ପାଟିରେ ଗୋଟିଏ ବୋଲି ଦାନ୍ତ ନ ଦେଖି ଶିକ୍ଷକ ପଚାରିଲେ ଆରେ ଶ୍ୟାମ । ତୁମର ଦାନ୍ତ ସବୁ କୁଆଡେଗଲା ?

  ଶ୍ୟାମ - ସାର୍ କାଲି ପରା ଆପଣ କହିଥିଲେ ଦାନ୍ତସବୁ ସଫା କରି ଆସିବାକୁ ।

- ପୁଅ - ବାପା ମୋର ବାହାଘରରେ ମୁଁ ତୁମକୁ ନିମନ୍ତ୍ରଣ କରିବି ନାହିଁ ।

  ବାପା - କାହିଁକି ?

  ପୁଅ - ତୁମ ବାହାଘରରେ ମୋତେ ଡାକି ଥିଲ କି ?

- ଟୁନା - ବାପା ତୁମକୁ ଏ ବର୍ଷ ବହି କିଣିବାକୁ ପଡିବ ନାହିଁ ।

  ବାପା - କାହିଁକି ତୁ କ'ଣ ପୁରୁଣା ବହି ଠିକ୍ କରିଛୁ ?

  ଟୁନା - ନା, ମୁଁ ଫେଲ ହୋଇଯାଇଛି ।

- ଭଦ୍ରଲୋକ - (ଗଉଡ) ଆଜିକାଲି ତୁମେ କ୍ଷୀରରେ ନିୟମିତ ପାଣି ଢାଳୁଛ ।

  ଗଉଡ - କଥା କ'ଣ କି ଆଜିକାଲି ଗାଈଟି ଅଧିକ ପାଣି ପିଇ ଦେଉଛି ତ ।

●●●

# ମାଆନାମ

ଇତିଶ୍ରୀ ଦଣ୍ଡଜେନା
ଦଶମ ଶ୍ରେଣୀ

'ମାଆ' ଦୁଇଟି ଅକ୍ଷରକୁ ଗୋଟିଏ ଶବ୍ଦ । କିନ୍ତୁ ତାରି ଭିତରେ ରହିଛି ଅନେକ ରହସ୍ୟ । ଆମକୁ ଏହି ଶବ୍ଦଟି ବହୁତ ସରଳ ଓ ସାମାନ୍ୟ ଲାଗୁଥିଲେ ମଧ୍ୟ ଏଇ ଶବ୍ଦକୁ ନାମ ରୂପରେ ଧାରଣ କରିଥିବା ନାରୀର ଭୂମିକା ଅନେକ କିଛି ଏବଂ ଏହି ଶବ୍ଦର ମହତ୍ତ୍ୱ ମଧ୍ୟ ଅନେକ ଅଛି । ଯାହାକୁ କି ଆମେ ବ୍ୟାଖ୍ୟା କରିପାରୁନା । ଯେତେ ସାହିତ୍ୟିକ ଶବ୍ଦ ଲଗାଇ ମଧ୍ୟ ବ୍ୟାଖ୍ୟା କରିପାରୁନା । ଏହି ଶବ୍ଦକୁ ଯେତେ ବିଶ୍ଳେଷଣ କଲେ ମଧ୍ୟ ତାହା ସେହି ଶବ୍ଦପାଇଁ କମ୍ ଅଟେ । 'ମାଆ' ଯିଏକି ମମତାର ସୀମାହୀନ ସାଗର, ତ୍ୟାଗମୟୀ, ସହନଶୀଳା । 'ମାଆ' ଯିଏକି ନଅମାସ ଦଶଦିନ ଗର୍ଭରେ ଧରି ସନ୍ତାନକୁ ଜନ୍ମଦିଏ । ପରେ ସେହି ଅକଥନୀୟ, ଅତୁଳନୀୟ କଷ୍ଟକୁ ବିସ୍ମୃତି କରି ସନ୍ତାନକୁ ମମତାର ସୀମାହୀନ ସାଗରରେ ବୁଡାଇଦିଏ । ନିଜ ସନ୍ତାନକୁ ସ୍ନେହ ରୂପକ ଅମୃତ ପାନ କରାଏ । ନିଜ ଜୀବନରେ ସମସ୍ତ ସୁଖ, ଶାନ୍ତି, ସୌଭାଗ୍ୟକୁ ତା'ର ସନ୍ତାନକୁ ଦାନ କରିଦେବା ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରେ । ସନ୍ତାନର ମଙ୍ଗଳ ପାଇଁ କେତେଯେ ବ୍ରତ ଉପବାସ କରେ । ସନ୍ତାନର ଦେହ ଖରାପ ହେଲେ ଓପାସ ରହି, ଅନିଦ୍ରା ରହି ତାର ଯତ୍ନ ନିଏ । ଖାଇବା, ପିଇବା ସମସ୍ତ କର୍ମରେ ସନ୍ତାନର ବହୁତ ଯତ୍ନ ନିଏ । ସନ୍ତାନର ଲାଳନ ପାଳନରେ ସେ ତାର ସମସ୍ତ ଯୌବନକୁ ତ୍ୟାଗ କରିଦିଏ । ଶିଶୁଟିଏ ତା ମାଆ କୋଳରେ ଶୋଇଥିବା ସମୟରେ ତା' ମା'ର ବକ୍ଷକୁ ତା ଅଜାଣତରେ ଅନେକ ଥର ଗୋଇଠାମାରେ । ସେହିପରି ବୟସ ହେଲେ ମଧ୍ୟ ତାର ମାଆକୁ ଅନେକ କଷ୍ଟ ଦେଇଥାଏ । ମାଆ ତାର ସନ୍ତାନର ସମସ୍ତ ଭୁଲକୁ ପିଲାଳିଆମି ଭାବି କ୍ଷମା କରିଦିଏ । 'ମାଆ' ସନ୍ତାନର ଲାଳନ ପାଳନ କାମ ଆନନ୍ଦର ସହ କରେ । ନିଜେ ପଛେ ଉପାସ ରହିଯାଏ କିନ୍ତୁ ସନ୍ତାନର ମୁଖରେ ଆହାର ଦେଇଥାଏ । ଏମିତି ଅନେକ କିଛି ଯାହାକୁ ମୋର ମନ ବିଶ୍ଳେଷଣ କରି ବାକୁ ଅକ୍ଷମ ଅଟେ । କିନ୍ତୁ 'ମାଆ' ନିଃସ୍ୱାର୍ଥପର ଭାବରେ ଏସବୁ କରୁଥିବା ବେଳେ 'ମାଆ' ପାଇଁ ସନ୍ତାନର ଭୂମିକା କ'ଣ ? 'ମାଆ' ପାଇଁ ସନ୍ତାନର କର୍ତ୍ତବ୍ୟ କ'ଣ ? ଗୋଟିଏ ସନ୍ତାନ ଇଚ୍ଛାକରି ମଧ୍ୟ 'ମାଆ' ର ଋଣକୁ ସାତ ଜନ୍ମରେ ଶୁଝି ପାରେ ନାହିଁ । ବାର୍ଦ୍ଧକ୍ୟ ସମୟରେ 'ମାଆ' ର ସବୁଠାରୁ ବଡ ସାହାରା ହେଉଛି ତାର ସନ୍ତାନ ଏବଂ ସେତେବେଳେ ଯଦି ତା'ର ମାଆ ପାଖରେ ନ ରହି ଆମୋଦକର ଜୀବନ ବିତାଇବା ପାଇଁ 'ମାଆ' କୁ ହତାଦର କରିଦିଏ । ତେବେ 'ମାଆ' ପାଖକୁ ତା'ର ବାର୍ଦ୍ଧକ୍ୟ କାଳରେ ସାହାରା ହେବାପାଇଁ ତା'ର ତ୍ୟାଗ କରିଥିବା ଯୌବନ ଆଉ ଫେରି ଆସେ ନାହିଁ । ତେଣୁ କୌଣସି ସନ୍ତାନ ଋଣମୁକ୍ତ ନ ହୋଇ ପାରିଲେ ମଧ୍ୟ ଅଧିକ ଋଣଭାର ନିଜ ମଥା ଉପରକୁ ନନେଉ ।

"ଆକାଶ ପରି ହୃଦୟ ତା'ର
ମମତା ଗଭୀର ସାଗର
କୋଳ ଯାହାର, ସବୁଠୁ ବଡ
ସିଏ ତ ମାଆ ମୋହର ।
ସହେ ସେ କେତେ ଅଳି ଅର୍ଦ୍ଦଳି
ଦୁଷ୍ଟ ହେଲେ ଦିଏ ବୁଝାଇ
କରେ ସେ କେତେ ମୋତେ ଗେଲ
ସିଏ ତ ମାଆ ମୋହର ॥"

•••

# ସତସତିଆ ମିତ

ଜ୍ୟୋସ୍ନାରାଣୀ ବିଶ୍ୱାଳ
ଅଷ୍ଟମ ଶ୍ରେଣୀ

ବଣରେ ଗୁଡିଏ ବିଲୁଆ ଘର କରି ରହୁଥିଲେ । ସେମାନଙ୍କ ମଧ୍ୟରେ ବୁଢ଼ା ବିଲୁଆଟିଏ ଥିଲା । ଦଳପତି ସେ । ଭାରୀ ଚତୁର । ବିଲୁଆ ମାନଙ୍କୁ ବିପଦରୁ ରକ୍ଷା କରିବା ହେଉଛି ତାଙ୍କର ମୁଖ୍ୟ କାମ । ବିପଦ ଆସିଲେ ସେ ବିଲୁଆମାନଙ୍କୁ ସଜାଗ କରିଦିଏ । ବିପଦ ନ ଥିଲେ ହଜାର ହଜାର ବିଲୁଆ ଘରୁ ବାହାରି ଏକାଠି ହେଉଥିଲେ । ମନ ଖୁସିରେ ଚଳୁଥିଲେ । ଥରେ ଦଳେ ସିଂହ ବିଲୁଆ ଥିବା ବଣକୁ ଆସିଲେ । ସେମାନେ ସେଠି ପାଦ ପକାଉ ପକାଉ ସେଠିକା ମାଟି ଦୋହଲି ଉଠିଲା । ଆଉ ଗୁଡିଏ ବିଲୁଆ ମରିଗଲେ । ବିଲୁଆମାନେ ମରିବା ଖବର ଦଳପତି ଜାଣିଲେ । ସେ ବହୁତ ଦୁଃଖ କଲେ । ବିଲୁଆ ସେନାଙ୍କୁ ନେଇ ସେ ସିଂହ ରାଜାଙ୍କ ପାଖକୁ ଆସିଲେ । ତାଙ୍କୁ ନେହୁରା ହେଇ କହିଲେ - ସିଂହ ମହାରାଜ, ଏଣିକି ଆସିବା ଆଗରୁ ଆମକୁ ଜଣାଇ ଆସିବେ । ଆମେ ଘର ଛାଡି ଏକାଠି ହୋଇଯିବୁ । ହେଇ ଦେଖୁ ନାହାନ୍ତି, କିଛି ନ ଜଣାଇ ଆସିଲାରୁ ତୁମ ପାଦତଳେ ଚାପିହୋଇ କେତେ ବିଲୁଆ ପିଲା ମରିଗଲେ ।

ଏ କଥା ଶୁଣି ମହାରାଜ ସିଂହ ହସିଲେ । କହିଲେ - ଆରେ ଆମକୁ ପୁଣି କଟକଣା କ'ଣ ? ଆମେ ହେଲୁ ଖୋଲା ଜୀବ । ଯେଣିକି ଚାହିଁବୁ ସିଆଡେ ଯିବୁ । ତୁମ ଇଚ୍ଛା ଯାହା ତୁମେ କର । ଆମେ ଯିବୁ... ଅଲବତ୍ ଯିବୁ । ରାଜ ମହାରାଜ ଧମକିଆ କଥାରେ ବିଲୁଆ ଦଳପତି ଟିକେ ଚୁପ୍ ରହିଲେ । ପୁଣି କ'ଣ ଭାବିଲେ କେଜାଣି କହିଲେ - ସିଂହରାଜ, ମୋ ସାନ କୁହା ଟିକେ ମାନ । ଅଯଥା ଗର୍ବ, ଅହଂକାର କରନା । ମୁଁ କଥା ଦେଉଛି, ଆମେ ତୁମର ବିପଦବେଳେ ତୁମକୁ ନିଶ୍ଚୟ ସାହାଯ୍ୟ କରିବୁ । ଏହା ସିଂହମାନେ ଶୁଣି ବହୁତ ରାଗିଗଲେ । ହେ ବକଟେ ଜୀବ ହୋଇ ଆମକୁ କହୁଛି କ'ଣ ନା ବିପଦରେ ସାହାଯ୍ୟ କରିବୁ । ସିଂହ ରାଜା ହସି ହସି କହିଲେ । ବିଲୁଆ ଦଳପତି ଚୁପ୍ ଚାପ୍ ଚାଲି ଆସିଲେ । କିଛି ଦିନ ବିତିଗଲା । ଦିନେ ସେ ବଣକୁ ଦଳେ ସିଂହ ଶିକାରୀ ଆସିଲେ । ସିଂହକୁ ଧରିନେଇ ତାକୁ ମାରି ବଡ ଗାତଟିଏ କରି ପୋତିଦେଲେ । ତା ଉପରେ ମାଟି ପୋତି ଦେଲେ । ସିଂହ ରାଜା ସିଂହ ଦଳକୁ ନେଇ ସେହି ବାଟଦେଇ ଆସିଲେ । ସେ ଦଳରେ ଯୁବ ସିଂହଟିଏ ଥିଲା । ସେ ଭାରି ଅମାନିଆ । ସିଂହ ତ ଭାରି ମାଂସ ପ୍ରିୟ । ସେହି ବାଟଦେଇ ଗଲାବେଳେ ସେ ସ୍ଥାନରେ ମାଂସ ମାଂସ ବାସିଲା । ସେ ଦଳ ଛାଡି ଗାତ ଆଡକୁ ଆସିଲା । ମାଂସ ଖାଇବ କ'ଣ ଗାତରେ ପଡିଗଲା । ଗଛରେ ଛନ୍ଦିହୋଇ ପଡିଗଲା । ଯୁବକ ସିଂହକୁ ରକ୍ଷା କରିବା ପାଇଁ ସିଂହମାନେ ଗର୍ଜନ କରିଉଠିଲେ । ଏହା ବିଲୁଆ ଦଳପତି ଶୁଣି ପାରିଲେ । ସେ ଭାବିଲେ ସିଂହରାଜା ନିଶ୍ଚୟ କିଛି ବିପଦରେ ପଡିଛନ୍ତି । ସେଥିପାଇଁ ସେ ଡାକ ଛାଡିଲେ । ବିପଦରେ ପଡିବା ଜୀବକୁ ରକ୍ଷା କରିବା ଆମର କାମ । ସେ ବିଲୁଆ ସେନାଙ୍କୁ ନେଇ ସିଂହ ରାଜାଙ୍କ ପାଖରେ ହାଜର ହେଇଗଲେ । ଶିକାରୀମାନେ ଆସିବା ଆଗରୁ ଆଖି ପିଛୁଳାକେ ବିଲୁଆ ସେନା ଗଛକୁ କାଟି ଦେଲେ । ଯୁବକ ସିଂହ ବିପଦରୁ ମୁକୁଳି ଗଲେ । ସିଂହରାଜା ବିଲୁଆ ଦଳପତିକୁ କହିଲେ - ଧନ୍ୟବାଦ ବନ୍ଧୁ । ଆଜି ତୁମେ ଆମକୁ ଯେଉଁ ସାହାଯ୍ୟ କରିଛ ସେଥିପାଇଁ ତୁମେ ଆମର ବନ୍ଧୁ । ଗର୍ବ ଓ ଅହଂକାରରେ ମୁଁ ତୁମକୁ କେତେ କ'ଣ କହିଛି । ଭାବିଥିଲି ତୁମେ ନିଜ କାମ ହାସଲ ପାଇଁ ଆମର ମିଛି ମିଛିକା ମିତ ହେବାକୁ ଚାହୁଁଛ । ହେଲେ ଏବେ ଦେଖିଲି ତୁମେ ଯାହା କହୁଥିଲ କାମରେ କରିକି ଦେଖେଇ ଦେଲ । କାହାକୁ କେବେ ଯେ ବିପଦ ପଡିବ ସେମିତି କାହାକୁ କହିହେବ ନାହିଁ । ଏ କଥା ମୁଁ ଏବେ ବୁଝିଛି । ଆଜିଠୁ ତୁମେ ଆମର ସତ ସତିଆ ମିତ । ତା ପରଠୁ ସିଂହ ଓ ବିଲୁଆ ଭଲ ମିତ ହେଲେ । ସଭିଏଁ ଏକାଠି ରହି ବେଶ୍ ଖୁସିରେ ରହିଲେ । ମନେରଖ, ଛୋଟ ଜୀବଟିଏ ହେଲେ ବି ତାଠେଇଁ ବଡକାମ କରିବା କରାମତି ରହିଛି । ପରକୁ ଦୁଃଖ ଦେଲେ ନିଜକୁ ଦୁଃଖ ଭୋଗିବାକୁ ପଡିଥାଏ ।

●●●

# ଗର୍ବକଲେ ଗର୍ବର ଫଳ ମିଳେ

ସୁବାସିନୀ ଟପ୍ପୋ
ନବମ ଶ୍ରେଣୀ (କ)

ଆନନ୍ଦପୁର ବୋଲି ଗୋଟିଏ ଗାଁ ଥିଲା । ସେ ଗାଁରେ ଜଣେ ଧନୀ ଲୋକ ବାସ କରୁଥିଲେ । ତାଙ୍କ ନାମ କରିମ୍ । ତାଙ୍କର ଗୋଟିଏ ଝିଅ ଥିଲା । ତା ନାଁ ସନ୍ଧ୍ୟା । ସେ ଦଶମ ଶ୍ରେଣୀରେ ପଢୁଥିଲା । ସେହି ଗାଁରେ ଆଉ ଜଣେ ରଘୁ ବୋଲି ଗରିବ ଲେକଥିଲେ । ତାଙ୍କର ମଧ ଗୋଟିଏ ଝିଅ ଥିଲା । ତା ନାଆଁ ରୀମା । ସେ ମଧ ଦଶମ ଶ୍ରେଣୀରେ ସନ୍ଧ୍ୟା ସହିତ ପଢୁଥିଲା । ଦୁହେଁ ବହୁତ ସାଙ୍ଗ ହେଉଥିଲେ । ଯେଉଁଠାକୁ ଗଲେ ସାଙ୍ଗ ହୋଇ ଯାଉଥିଲେ ଏପରିକି ବିଦ୍ୟାଳୟରେ ଖାଇବା ସମୟରେ ଗୋଟିଏ ଖଲିରେ ସାଙ୍ଗ ହୋଇ ଖାଉଥିଲେ । ସନ୍ଧ୍ୟା ଟିକିଏ ଗର୍ବ କରୁଥିଲା । କିନ୍ତୁ ରୀମା ଭଲ ଝିଅ ଥିଲା । ସନ୍ଧ୍ୟା ଯେତେବେଳେ ଧନୀ ଘରର ଝିଅ ସେ ଟିକିଏ ଭଲ ଡ୍ରେସ ପିନ୍ଧୁଥିଲା । କିନ୍ତୁ ରୀମା ଗରିବ ଘରର ଝିଅ ହୋଇଥିବାରୁ କମ୍ ଦାମର ଡ୍ରେସ୍ ପିନ୍ଧୁଥିଲା । ସନ୍ଧ୍ୟା ଦେଖି ମନେ ମନେ ଗର୍ବ କରେ । ରୀମା ଜାଣେ ହେଲେ କିଛି କହେନା । ରୀମା ଦିନେ ତାକୁ କେତେ ବୁଝାଇଲା ତୁ ଗର୍ବ କରିବୁ ନାହିଁ, ଲୋଭ କରିବୁ ନାହିଁ, ହିଂସା କରିବୁ ନାହିଁ, କିନ୍ତୁ ସନ୍ଧ୍ୟା ବୁଝିଲାନି । ରୀମା ପାଠରେ, ନାଚରେ, ଗୀତରେ ସବୁଥିରେ ପାରୁ ଥିଲା । ଶିକ୍ଷକ ମାନେ ମଧ ତାକୁ ବହୁତ ଭଲ କହୁଥିଲେ । କିନ୍ତୁ ସନ୍ଧ୍ୟା କିଛିରେ ପାରେନି । ଦିନେ ସନ୍ଧ୍ୟାର ବାପା ସନ୍ଧ୍ୟାକୁ ଗୋଟିଏ ପ୍ରଶ୍ନ ପଚାରିଲେ । ହେଲେ ସନ୍ଧ୍ୟା ଉତ୍ତର ଦେଇପାରିଲା ନାହିଁ । ତା ବାପା ତାକୁ ବହୁତ ଗାଳି କଲେ ଓ କହିଲେ ତୋ ପାଇଁ ସବୁ କିଣା ଯାଉଛି । ହେଲେ ତୁ ଟିକିଏ ପଢାରେ ମନ ଦେଇପାରୁନୁ । ଯା ରୀମାକୁ ଦେଖି ଆସିବୁ । ସେମାନେ କେତେ ଗରିବ ତଥାପି କେତେ କଷ୍ଟରେ ରୀମାକୁ ପଢାଉଛି । ଆଉ ରୀମା ସବୁଦିନେ ସକାଳୁ ଉଠି ଘରକାମ ସାରି ପଢାରେ ଧାନଦିଏ । ହେଲେ ତୁ କ'ଣ କରୁଛୁ ? କିଛି କାମ ନ କରି ମଧ ପଢିବାପାଇଁ ସମୟ ପାଉନୁ ? ସନ୍ଧ୍ୟାକୁ ଏତେ କହିଲା ପରେବି ବାଧିଲା ନାହିଁ । ସେ ଗୋଟିଏ କାନରେ ଶୁଣି ଆଉ ଗୋଟିଏ କାନରେ ପାର କରିଦେଲା ଭଳିଆ ଭୁଲିଗଲା । ରୀମା ସବୁବେଳେ ଘର କାମ ସାରି ପଢେ । ହେଲେ ସନ୍ଧ୍ୟା ଖାଲି ଗର୍ବ କରି କହେ ଯେ ମୁଁ ଆମ ବିଦ୍ୟାଳୟରେ ସବୁଠାରୁ ଅଧିକ ପାଠ ଜାଣେ । ରୀମା କିଛି ଜାଣେନି ବୋଲି କହେ । ରୀମା ଶୁଣେ । ହେଲେ କିଛି କହେନା । ଦିନେ ବିଦ୍ୟାଳୟରେ ଗୋଟିଏ ସଭାକଲେ । ସେ ସଭାରେ ସେମାନେ ବିଚାର କଲେ ଯେ ଆମେ ବଣଭୋଜି କରିବାପାଇଁ ଯିବା ଆଉ କୋଡିଏ ଟଙ୍କା ଲେଖାଏଁ ଚାନ୍ଦା କରିବା । ସବସ୍ତେ ରାଜି ହେଲେ । ରୀମା ଭାବିଲା ମୁଁ ତ ଗରିବ ଘରର ଝିଅ । ଆମ ଘରେ ତ ଏତେ ଟଙ୍କା ଦେବେନି । ମୁଁ ଚାନ୍ଦା ଦେବି କେମିତି ? ତଥାପି ପୁଣି ଥରେ ଭାବିଲା ନା ସମସ୍ତେ ଯିବେ ମୁଁ କାହିଁକି ନ ଯିବି ? ମୁଁ ବି ଯିବି । ସେ ମଧ ରାଜି ହୋଇଗଲା । ଚାନ୍ଦା ଆଦାୟ ଆରମ୍ଭ ହେଲା । ରୀମା ତା ବାପାଙ୍କୁ କହିଲା ବାପା ଆମ ବିଦ୍ୟାଳୟରେ ସମସ୍ତେ ବଣଭୋଜି କରିବାକୁ ଜଙ୍ଗଲକୁ ଯିବେ । ସେମାନେ କୋଡିଏ ଟଙ୍କା ଲେଖାଏଁ ଚାନ୍ଦା ଦେଇସାରିଲେଣି । ସନ୍ଧ୍ୟା ମଧ ଦେଇ ସାରିଲାଣି । ମୁଁ ମଧ ଯିବି । ବାପା ତୁମ ପାଖରେ ଯଦି ଟଙ୍କା ନାହିଁ । ତାହେଲେ ପାଖଘରୁ ଉଧାର ଆଣିଥାଅ । ମୁଁ ରବିବାର ଦିନ ତାଙ୍କ ଧାନ କାଟିବା ପାଇଁ ସାହାଯ୍ୟ କରିବି । ବାପା କହିଲେ ଯଦି ତୋର ଭୋଜିରେ ଯିବାକୁ ମନ ଅଛି ତା ହେଲେ ମୁଁ ମାଗି ଆଣି ଦେଉଛି । ରୀମା ଆରଦିନ ବିଦ୍ୟାଳୟକୁ ଗଲା ଓ ଚାନ୍ଦା ଦେଲା । ତା ପରେ ବଣଭୋଜି କରିବା ପାଇଁ ଜଙ୍ଗଲକୁ ଗଲେ । ରୀମା ଓ ସନ୍ଧ୍ୟା ଦୁହେଁ ବୁଲିବାକୁ ଗଲେ, ସେମାନେ ଦେଖିଲେ ବିଭିନ୍ନ ପ୍ରକାର ପକ୍ଷୀ, ଠେକୁଆ, ହରିଣ, ମାଙ୍କଡ । ରୀମା କହିଲା ଏଗୁଡିକ କେତେ ସୁନ୍ଦର ଦେଖାଯାଉଛନ୍ତି । କିନ୍ତୁ ସନ୍ଧ୍ୟା କହିଲା ଏଗୁଡିକୁ ତ ମୁଁ ଆଗରୁ ଦେଖିଥିଲି । ଦେଖିସାରିଲା ପରେ ଦୁହେଁ ଭୋଜି କରୁଥିବା ସ୍ଥାନକୁ ଫେରି ଆସିଲେ । ସେଠାରେ ରନ୍ଧା ହୋଇଥିଲା ଭାତ, ଡାଲି, ତରକାରୀ, ମାଂସ । ସମସ୍ତେ ମନ ଖୁସିରେ ଖାଇ ଘରକୁ ଫେରିଲେ । ରାତି ପାହିଲା । ସକାଳ ହେଲା । ରୀମା ଉଠିଲା ଘରକାମ ସାରି ପଢିଲା ନଅଟା ସମୟରେ ଗାଧୋଇବା ପାଇଁ ଗଲା । ଗାଧୋଇ ଆସି ପଖାଳ ଖାଇ ବିଦ୍ୟାଳୟକୁ ଗଲା । ସନ୍ଧ୍ୟା ମଧ ଗଲା । ରୀମା ଭାବିଲା ପରୀକ୍ଷା ପାଖେଇ ଆସିଲାଣି । ପଢାରେ ମନ ଦେବାକୁ ପଡିବ । କିନ୍ତୁ ସନ୍ଧ୍ୟା କହିଲା ମୋ ବାପା ତ ଚାକିରୀ କରନ୍ତି । ପଇସା ଟିକିଏ ବୋର୍ଡ ହାତକୁ ଦେଇଦେଲେ ମୁଁ ପାସ୍ ହୋଇଯିବି । ଏମିତି ତ ପାସ୍ କରି କରି ଆସୁଛି । ଦିନ ପରେ ଦିନ ଚାଲିବାକୁ ଲାଗିଲା । ରୀମା ପାଠ ପଢାରେ ମନ ଦେଲା । ହେଲେ ସନ୍ଧ୍ୟା ସେଇ ଟଙ୍କା ଦେଇ ପାସ୍ କରିବା ଆଶାରେ ରହିଛି । ଦିନେ

ରୀମା ସନ୍ଧ୍ୟାକୁ କହିଲା ମୁଁ ପଢୁନି । ମୋ ବାପା ପରୀକ୍ଷାବେଳେ ବୋର୍ଡ ହାତରେ ପଇସା ଦେଇ ପାସ୍ କରାଇବେ । ରୀମା କହିଲା - ଆରେ ତୁ ପ୍ରଥମ ଶ୍ରେଣୀରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ସିନା ଏମିତି ଟଙ୍କା ଦେଇ ପାସ୍ କରିଆସୁଛୁ । ଏଇଟା ମଧ ସେମିତି ଟଙ୍କା ଦେଇ ପାସ୍ କରିବୁ ବୋଲି ଆଶା କରୁଛୁ କାହିଁକି ? ସନ୍ଧ୍ୟା କହିଲା ତୁ ସିନା ଗରିବ ଘରର ଝିଅ ଯେ ତୋ ବାପା ଦେଇ ପାରିବେ ନାହିଁ ବୋଲି ପାଠ ପଢାରେ ମନ ଦେଉଛୁ । ରୀମା କହିଲା ମୁଁ ଯେତେବଡ ଧନୀଥିଲେ ମଧ ପାଠ ପଢାରେ ଅବହେଳା କରନ୍ତିନି ଓ ଗର୍ବ ମଧ କରନ୍ତିନି । ସନ୍ଧ୍ୟା କହିଲା ତୋ ବାପା ତ ଜଣେ ଗରିବ ଲୋକ । ଖରାରେ କାମ କରିବା ପାଇଁ ଯାଉଥିଲେ ଟଙ୍କା ପାଉଥିବେ । ଆମର ତ ଟଙ୍କା ଉପରେ ଟଙ୍କା । ଦିନକୁ ଏକ ହଜାର ଟଙ୍କାର ସାମାନ କିଣିଲେ ମଧ କିଛି ହେବନି । ରୀମାକୁ ଟିକେ ଦୁଃଖ ଲାଗିଲେ ମଧ ସେ କିଛି କହିଲା ନାହିଁ । ଦିନେ କରିମ୍ ବାବୁଙ୍କୁ ବହୁତ ଜ୍ୱର ହେଲା । ହେଲେ ତାଙ୍କ ଝିଅ ସନ୍ଧ୍ୟା ତାଙ୍କୁ ପଚାରିଲା ନାହିଁ । ତାଙ୍କର ଯେତେ ଟଙ୍କା ଥିଲା ସେ ଟଙ୍କା ଗୁଡିକ ବେକାର କାମରେ ଲଗାଇ ଦେଲା । ତା ବାପାଙ୍କୁ ଡାକ୍ତରଖାନା ନେବ କ'ଣ ସିନେମା ଦେଖିବା ପାଇଁ ସାଙ୍ଗ ସାଥୀ ମାନଙ୍କ ସହ ଚାଲିଗଲା । ଟଙ୍କା ସବୁ ସାରିଦେଲା । ଏଥର ଆସିଲା ପରୀକ୍ଷାର ସମୟ । ସମସ୍ତେ ପରୀକ୍ଷା ଦେବାକୁ ଗଲେ । ରୀମା ମଧ ମନ ଖୁସିରେ ଗଲା । ହେଲେ ସନ୍ଧ୍ୟା କ'ଣ କରିବ ? କିଛି ପଢିନି । ତା ବାପାଙ୍କୁ ମଧ ଜ୍ୱର ଛାଡିନି । ପରୀକ୍ଷାରେ ଲେଖିବା ପାଇଁ ଗଲେ ମଧ କ'ଣ ଲେଖିବ ? ପରୀକ୍ଷା ସରିଲା । ରୀମା ପରୀକ୍ଷାରେ ପ୍ରଥମ ସ୍ଥାନ ପାଇଲା । ସନ୍ଧ୍ୟା ଭାବିଲା ମୁଁ ଯଦି ଗର୍ବ ନ କରି ଟଙ୍କା ନ ସରେଇ ଥାନ୍ତି ପଢାରେ ମନ ଦେଇଥାନ୍ତି ତା ହେଲେ ଆଜି ମୁଁ ରୀମା ଭଳିଆ ମନ ଖୁସିରେ ଲେଖି ପାସ୍ କରିଥାନ୍ତି । ତା ପରେ ବୁଝିଲା ଯେ ଗର୍ବ କଲେ ଗର୍ବର ଫଳ ମିଳେ ।

●●●

# ଭାଇ ଭଉଣୀ ଓ ତାଙ୍କ କାହାଣୀ

ସରିତା ସାମାଦ୍
ନବମ ଶ୍ରେଣୀ (ଖ)

ଚମ୍ପାପୁର ବୋଲି ଗାଁ ଟିଏ ଥିଲା । ସେହି ଗାଁରେ ଗରିବ ଘରଟିଏ ଥିଲା । ସେଥିରେ ଫୁଲ ଓ ଚନ୍ଦନ ଦୁଇ ଭାଇ ଭଉଣୀ ରହୁଥିଲେ । ତାଙ୍କର ବାପା, ମାଁ ଆଗରୁ ମରିଯାଇଥିଲେ ଏବଂ ତାଙ୍କର ଆଉ କେହି ନଥିଲେ । ଫୁଲର ବୟସ ଆଠ ବର୍ଷ ଏବଂ ଚନ୍ଦନର ବୟସ ଦଶ ବର୍ଷ । ଫୁଲ ବହୁତ ଛୋଟଥିଲେ ମଧ ତାଙ୍କର ଖାଇବା ପାଇଁ ଗୋଟିଏ ଧନୀଘରେ ଚାକର ପରି କାମ କରୁଥିଲା । ଏବଂ ଚନ୍ଦନ ଅନ୍ୟ ଗ୍ରାମର ହୋଟେଲରେ କାମ କରୁଥିଲା । ଚନ୍ଦନ ମାସକୁ ଦଶ ଟଙ୍କା ରୋଜଗାର କରୁଥିଲା ଏବଂ ଫୁଲ ଦିନରେ ତିନି ଟଙ୍କା ଲେଖାଏଁ ରୋଜଗାର କରୁଥିଲା । ଦିନେ ହୋଟେଲର ମାଲିକ ଅଟା କିଣିବା ପାଇଁ ଘରକୁ ଯାଇଥିଲା । ସେ ଯିବା ଆଗରୁ ଚନ୍ଦନକୁ କହିଯାଇଥିଲେ ଯେ ଲୋକମାନେ ଯଦି ହୋଟେଲକୁ ଖାଇବାକୁ ଆସନ୍ତି ତାଙ୍କୁ ଭଲ ଭାବରେ ଦେବୁ । ଚନ୍ଦନ ହଁ କହିଲା । କିଛି ସମୟ ଗଲାପରେ ଅନ୍ୟ ଗ୍ରାମର ଦଳେ ଦୁଷ୍ଟପିଲା ହେଟେଲକୁ ଖାଇବା ପାଇଁ ଆସିଲେ । ଚନ୍ଦନକୁ ଧମକ ଦେଇ ଖାଇବାକୁ ଦେ ବୋଲି କହିଲେ । ଚନ୍ଦନ ଡରି ଡରି ଭଲ ଭାବରେ ଖାଇବାକୁ ଦେଲା । ସେମାନେ ଖାଇସାରି ଚନ୍ଦନକୁ ବିନା କାରଣରେ ମାଡ ଦେଇ ଧମକ ଦେଇ ହୋଟେଲର ପଇସା ପତ୍ର ସବୁ ନେଇଗଲେ । ଚନ୍ଦନ ହୋଟେଲରେ ବସି କାନ୍ଦିବାକୁ ଲାଗିଲା । କିଛି ସମୟ ପରେ ହୋଟେଲର ମାଲିକ ଅଟା ନେଇ ଆସିଲେ । ଦେଖିଲେ ଯେ ଚନ୍ଦନ ବେଞ୍ଚ ଉପରେ ବସି କାନ୍ଦୁଛି । ତା ପରେ ଚନ୍ଦନକୁ ସବୁ ପଚରା ଉଚରା କଲେ । ଚନ୍ଦନ ସବୁକଥା ହୋଟେଲର ମାଲିକଙ୍କୁ ଜଣାଇଲା । ମାଲିକ ରାଗିଯାଇ ଚନ୍ଦନକୁ କହିଲା ତୁ ଯାହା ସବୁ ଖାଇବାକୁ ଦେଇଥିଲୁ ହିସାବ କରି ପଇସା ମାଗି ପାରିଲୁ ନାହିଁ ? ଚନ୍ଦନ କହିଲା "ନା ମାଲିକ, ମୁଁ ପାଠ ପଢି ନ ଥିବାରୁ ହିସାବ କରିପାରିଲି ନାହିଁ" । ସେଥିପାଇଁ ପଇସା ମାଗି ପାରିଲି ନାହିଁ । ସେମିତି କହିବାରୁ ମାଲିକ ରାଗିଯାଇ ଚନ୍ଦନକୁ ଗାଳି ଦେଲା ଓ ହୋଟେଲରୁ ବାହାର କରିଦେବ ବୋଲି ଧମକ ଦେଲା । ଚନ୍ଦନ କହିଲା ନା ମାଲିକ ମୁଁ ଆଉ ଏମିତି ଭୁଲ କାମ କରିବି ନାହିଁ । ମୋତେ ହୋଟେଲରୁ ବାହାର କରନ୍ତୁ ନାହିଁ । ଏଥରକ ମୋତେ କ୍ଷମା କରିଦିଅନ୍ତୁ । ବାହାର କରନ୍ତୁ ନାହିଁ । ତଥାପି ମାଲିକ ଚନ୍ଦନର କଥା ନ ମାନି ହୋଟେଲରୁ ବାହାର କରିଦେଲା । ବାହାର କରିବା ଆଗରୁ ମାଲିକ ତାଙ୍କୁ ମାତ୍ର ୧୦

ଟଙ୍କା ଦେଲା । ଚନ୍ଦନ ସେହି ପଇସାକୁ ଗ୍ରହଣ କଲା ଏବଂ ମନ ଦୁଃଖରେ ଘରକୁ ଫେରିଲା । ସେ ଘରେ ବସି ଭାବିଲା ମୁଁ ଏଠାରେ ଏକା କିପରି ରହିବି ? ମୋର ଦୁଃଖ କଷ୍ଟ କାହାକୁ କହିବି ? ମୁଁ ଯିବି ଫୁଲ ପାଖକୁ ଏବଂ ତାକ ଡାକି ଆଣିବି । କିଛି ସମୟ ଗଲା ପରେ ସେ ଫୁଲ ପାଖକୁ ଯାଉଥିଲା । ସେ ଦୂରରୁ ଦେଖିଲା ଯେ ଫୁଲର ମାଲିକାଣୀ ଚା' ପିଉଥିଲେ । ତା ପରେ ଚନ୍ଦନ ପହସ୍ତ କହିଲା - "ନମସ୍କାର ମାଲିକାଣୀ" ମାଲିକାଣୀ କହିଲା ତୁ ଫୁଲର କିଏ ? ଚନ୍ଦନ କହିଲା ମୁଁ ତାର ବଡଭାଇ । ମାଲିକାଣୀ ଧମକ ଦେଇ କହିଲା ଏବେ ଫୁଲ ସାଙ୍ଗରେ ତୋର କ'ଣ ଦରକାର ? ଚନ୍ଦନ କହିଲା ମୁଁ ଫୁଲକୁ ନେଇଯିବି । ଫୁଲ ଆଉ ତୁମ ପାଖରେ ରହିବ ନାହିଁ । ମାଲିକାଣୀ ରାଗିଯାଇ ଫୁଲକୁ କହିଲା ଘରେ ଯେଉଁ ସବୁ ମଇଳା ବାସନ ଅଛି ତାକୁ ଧୋଇ ରୋଷେଇ ରୁମ୍‌ରେ ରଖିକି ଯିବୁ । ଫୁଲ ବାସନ ଧୋଇ ରୋଷେଇ ରୁମ୍‌ରେ ରଖି ମାଲିକାଣୀ ପାଖକୁ ଗଲା । ସେଠାରେ ଚନ୍ଦନକୁ ଦେଖିଲା । ଆରେ ବଡ ଭାଇ ତୁ ଏଠାକୁ କେମିତି ଆସିଲୁ ? ଚନ୍ଦନ ଟିକିଏ ହସି କହିଲା - ଭଉଣୀ ତୁ ଆଉ ଏଠାରେ କାମ କରିବୁ ନାହିଁ । ଚାଲ ଆମେ ଘରକୁ ଫେରିଯିବା । ତା ପରେ ମାଲିକାଣୀ ରାଗିଯାଇ ୩ ଟଙ୍କା ଲେଖାଏଁ ମାସିକ ଦରମା ବାବଦକୁ ଦେଇଦେଲା । ଫୁଲ ଓ ଚନ୍ଦନ ଦୁହେଁ ଦୁଃଖରେ ଘରକୁ ଫେରିଲେ । ତା ପରେ ଚନ୍ଦନ ଫୁଲକୁ ହୋଟେଲରେ ଯାହା ସବୁ ଘଟିଥିଲା ସେଗୁଡିକୁ ଗୋଟି ଗୋଟି କରି କହି ଚାଲିଲା । ତା ପରେ ଫୁଲ ଚନ୍ଦନର ଦୁଃଖ କଥା ଶୁଣି ଟିକିଏ କାନ୍ଦି ପକାଇଲା । ରାତି ହେଲା । ତାଙ୍କ ପାଖରେ କିଛି ନ ଥିବାରୁ ସେମାନେ ଭୋକ ଉପାସରେ ଶୋଇ ପଡିଲେ । ସକାଳ ହେଲା । ଦୁଇ ଭାଇ ଭଉଣୀ ତାଙ୍କ ପାଇଁ କିଛି ଖାଦ୍ୟ ଯୋଗାଡ କରିବାପାଇଁ ଅନ୍ୟ ଗ୍ରାମକୁ ଚାଲି ଚାଲି ଯାଉଥିଲେ । ସେହି ବାଟ ଦେଇ ଜଣେ ଧନୀ ଲୋକ ମଧ ଚାଲି ଚାଲି ଯାଉଥିଲା । ସେହି ଲୋକଟି ଅତି ଦୟାଳୁ ଥିଲେ । ସେ ଫୁଲ ଓ ଚନ୍ଦନର ବେଶ ପୋଷାକ ଦେଖି ତାଙ୍କ ମନରେ ଟିକିଏ ଦୟା ଆସିଲା । ତା ପରେ ସେ ତାଙ୍କୁ ସବୁକଥା ପଚାରିଲା । ଫୁଲ ଓ ଚନ୍ଦନ ତାଙ୍କର ସବୁ ଦୁଃଖ କଥା ଶୁଣାଇଲେ । ସେହି ଧନୀ ଲୋକଟି ଫୁଲ ଓ ଚନ୍ଦନକୁ କହିଲେ- ଚାଲ ଆମ ଘରକୁ ଯିବା। ତା ପରେ ଫୁଲ ଓ ଚନ୍ଦନ ତାଙ୍କ ଘରକୁ ଗଲେ । କିଛି ସମୟ ଗଲାପରେ କିଛି ଖାଇବାକୁ ଦେଲେ । ସେମାନେ ଖାଇ ସାରିବା ପରେ ସେମାନଙ୍କୁ ସେ ଧନୀ ଲୋକ ପଚାରିଲା - ତୁମେ ଆଜିଠାରୁ ମୋ ଘରେ ରହିବ କି ? ଚନ୍ଦନ ଓ ଫୁଲ ଦୁହେଁ ଦେଖାଦେଖି ହୋଇ ଖୁସିରେ ଆମେ ରହିବୁ ବୋଲି କହିଲେ । ଧନୀ ଲୋକଟି ଖୁସି ହୋଇ ସେହି ଦିନଠାରୁ ଫୁଲ ଓ ଚନ୍ଦନକୁ ତାଙ୍କ ପୁଅ ଝିଅ ପରି ସ୍ନେହ କଲେ ଏବଂ ସେମାନେ ପାଠ ପଢି ନ ଥିବାରୁ ପାଠ ପଢାଇଲେ । ଫୁଲ ଓ ଚନ୍ଦନ ତାଙ୍କଘରେ ଖୁସିରେ ରହିଲେ ଏବଂ ବଡ ହୋଇସାରି ସାହାରାହୀନ ଲୋକମାନଙ୍କର ସେବା କରିବାରେ ଲାଗି ପଡିଲେ ।

•••

# ଚତୁର ଗୁଣିଆ

ଅନୀତା କିଶାନ
ଶ୍ରେଣୀ -ନବମ

ଗୋଟିଏ ରାଜ୍ୟରେ ରାଜାଙ୍କର ପୁଅ ସାତଜଣ ଥିଲେ । ସାତ ଜଣ ପୁଅ ବିବାହ କରିଥିଲେ । ଦିନେ ଛ'ଜଣ ବୋହୂ ପୋଖରୀକୁ ଗାଧୋଇବାକୁ ଯାଇଥିଲେ ଓ ସାନ ବୋହୂକୁ ଡାକିଲେ ନାହିଁ । ସେ ଅତ୍ୟନ୍ତ ସୁନ୍ଦରୀ ଥିଲା । ଗୋଟିଏ ଗୁଣିଆ ଆସିକି ଦେଖିଲା ସେ ବହୁତ ସୁନ୍ଦରୀ। ତାକୁ ଗୋଟିଏ କଳା କୁକୁର ବନେଇ ଗୁଣିଆର ଘରକୁ ନେଇଗଲା । ସାନ ବୋହୂକୁ ଘରର ପୁଅମାନେ ଖୋଜୁଥିଲେ । ପୁଅମାନେ ମଧ ଖୋଜୁଥିଲେ । ଆମ ମାନଙ୍କ ସାଙ୍ଗରେ ତ ଗାଧୋଇବାକୁ ଯାଇଥିଲା । ସେ କୁଆଡେ ଗଲା ? ଏମିତି କେତେଦିନ ଖୋଜୁ ଖୋଜୁ ବଡବୋହୂ ଗର୍ଭବତୀ ହୋଇ ଗୋଟିଏ ପୁଅ ଜନ୍ମ ହେଲା । ସେ ପୁଅଟି ବଡହୋଇ ସାନ ବୋହୂକୁ ମଧ ଖୋଜିଲା । ରାଜାଙ୍କର ସାତଜଣ ପୁଅ ଖୋଜୁ ଖୋଜୁ ଗୁଣିଆ ଘରେ ପଶିଗଲେ । ସେ ଗୁଣିଆଟି ସାତଜଣ ପୁଅଙ୍କୁ ତାଳ ଗଛରେ ପରିଣତ କରିଦେଲା । ବଡ ଭାଇର ପୁଅ ଖୋଜୁ ଖୋଜୁ ଅନ୍ୟ ଗୋଟିଏ ରାଜ୍ୟର ଏକମାତ୍ର ରାଜକୁମାରୀଙ୍କୁ ଭେଟିଲା । ରାଜକୁମାରୀ କହିଲା "କ'ଣ ଖୋଜୁଛ" ? ରାଜକୁମାର କହିଲା - ମୋର ସାନବୋଉ ହଜିଯାଇଥିବାରୁ ମୁଁ ଖୋଜୁ ଖୋଜୁ ତୁମ ରାଜ୍ୟରେ ପଶିଲି। ରାଜକୁମାରୀ କହିଲା - ଗୁଣିଆ ବୁଢାଟି ଗୋଟିଏ ଝିଅକୁ କଳା କୁକୁର ବନେଇ ଦେଇଛି । ସେଇ ଟା ହେଲେ ତମର ସାନ ବୋଉ । ଚାଲଯିବା । ରାଜକୁମାରୀ ସହ ରାଜକୁମାର ଗୁଣିଆର ଗାଁ ରେ ପଶିଲେ । ଦେଖିଲେ ଯେ ସେଠାରେ ସାତଟି ଡେଙ୍ଗା ଡେଙ୍ଗା ତାଳଗଛ । ଗୋଟିଏ କଳାକୁକୁର ଅଛନ୍ତି । ରାଜକୁମାରୀ ଗଛ ଗୁଡିକୁ ଛୁଇଁବାରୁ ଗଛ ଗୁଡିକ ଲୋକରେ ପରିଣତ ହେଲେ । କଳା କୁକୁରକୁ ଛୁଇଁବା ପରେ ବୋହୂରେ ପରିଣତ ହେଲା ଓ ସମସ୍ତେ ମିଶି ଗୁଣିଆ ବୁଢାଟିକୁ ମାରିଦେଲେ । ବଡ ବୋହୂର ପୁଅ ସେହି ରାଜକୁମାରୀଙ୍କୁ ବିବାହ କଲେ ।

•••

## ଝିଅର ବୁଦ୍ଧି

ଅନୀତା ସିଂ
ଷଷ୍ଠ ଶ୍ରେଣୀ

ଗୋଟିଏ ଗାଁ ରେ ସୀମା ବୋଲି ଝିଅଟିଏ ଥିଲା । ତାର ବାପା ଚାଷ କାମ କରନ୍ତି ଓ ତାର ମାଆ ଘର କାମ କରନ୍ତି । ସୀମା ଅଷ୍ଟମ ଶ୍ରେଣୀରେ ପାଠ ପଢେ । ସୀମାର ସାଙ୍ଗମାନେ ସୀମାକୁ ଥଟ୍ଟା ପରିହାସ କରନ୍ତି । କିନ୍ତୁ ସୀମା ଭଲ ଝିଅ ଅଟେ । ସୀମାର ମାଆ ସୀମାକୁ ଭଲ ଭଲ ଗୁଣ ଗୁଡିକ ଶିକ୍ଷା ଦିଅନ୍ତି । ସୀମାର ସାଙ୍ଗମାନେ ସୀମାଠାରୁ ଦୂରେଇ ରହନ୍ତି । ଦିନକର କଥା ମୀତା ନାମକ ଝିଅଟିଏ ଥିଲା । ସେ ପାଖ ପୋଖରୀରେ ଗୋଡ ଧୋଉ ଧୋଉ ସେହି ପୋଖରୀରେ ପଡିଗଲା । ସେହି ସମୟରେ ମୀତା ଚିତ୍କାର କଲା । ସେହି ବାଟ ଦେଇ ସୀମା ସ୍କୁଲକୁ ଯାଉଥିବା ସମୟରେ ମୀତାର ଚିତ୍କାର ଶୁଣି ପୋଖରୀ ଆଡକୁ ଦେଖିଲା ଯେ ମୀତା ପାଣିରେ ବୁଡି ଯାଉଛି । ସୀମା ମଧ୍ୟ ଚିତ୍କାର କଲା । ଲୋକମାନେ ଆସି ମୀତାକୁ ପାଣିରୁ ଟାଣି ଆଣିଲେ । ଏହାଦେଖି ସୋମାକୁ ଗୁରୁଜୀ ସାବାସ୍ ଝିଅ ବୋଲି କହିଲେ । ସେହି ସମୟରେ ମୀତା ଆସି କହିଲା, ମୋତେ କ୍ଷମା କରିଦିଅ । ଏତେବେଳକୁ ସୀମାର ସାଙ୍ଗମାନଙ୍କର ଆଖିରୁ ଲୁହ ଝିପ୍ ଝିପ୍ ଝରିପଡୁଥିବା ସମୟରେ ସୀମା ଆସି କହିଲା ତୁମ ମାନଙ୍କର କ'ଣ ହୋଇଛି ? ପରେ ସାଙ୍ଗମାନେ କହିଲେ ସୀମା ! ଆମେ ତୋତେ ସାଙ୍ଗ କରି ନ ଥିଲୁ । ହେଲେ ବି ମଧ୍ୟ ମୀତାର ଜୀବନ ରକ୍ଷାକଲୁ । ସୀମା ହସି ହସି କହିଲା "ସେଥିପାଇଁ ତୁମେମାନେ ଦୁଃଖିତ ହେଉଛ" ? ସେହି ସମୟରେ ଗୁରୁଜୀମାନେ ଆସି କହିଲେ "ଛୋଟ ଛୁଆ ମାନଙ୍କର ବହୁତ ବୁଦ୍ଧି ଓ ତାଳି ବଜାଇଲେ । ସେହି ଦିନଠାରୁ ସୀମାକୁ ସଭିଏଁ ଶ୍ରଦ୍ଧା କଲେ ଓ ଖୁସିରେ ରହିଲେ ।

●●●

## ଦୁଷ୍ଟଙ୍କୁ ଦଣ୍ଡ

ହରିଶ ପ୍ରଧାନ
ଅଷ୍ଟମ ଶ୍ରେଣୀ

ଖରାଦିନେ ନଈ, ନାଳ, ପୋଖରୀ, ଗାଡିଆ ସବୁ ସୁଖି ଗଲାଣି । ଗୋଟିଏ ବୁଢା ବଳଦ ପଡିଆରେ ଚରୁଥିଲା । ତାକୁ ଭାରି ଶୋଷ ହେଲା । ସେ ପାଣି ପାଇଁ ଡହଳ ବିକଳ ହେଉଥିଲା । ଗୋଟିଏ ବଗିଚାରେ ଗାଡିଆରେ ପାଣି ଥିବାର ଦେଖିଲା । ସେ ପାଣି ପିଇ ବିଶ୍ରାମ କରିବାକୁ ଗୋଟିଏ ଗଛ ତଳକୁ ଗଲା । ସେ ଗଛରେ ଦଳେ ଦୁଷ୍ଟ ମାଙ୍କଡ ଥିଲେ । ସେମାନେ ବୁଢା ବଳଦକୁ କହିଲେ ଯେ ତୁ କାହା ଅନୁମତିରେ ଆମ ଗାଡିଆର ପାଣି ପିଇଲୁ ? ବୁଢା ବଳଦଟି କହିଲା ପାଣି ପିଇବା ପାଇଁ କ'ଣ ଅନୁମତି ମାଗିବାକୁ ପଡେ ? ବଳଦ ଏତିକି କହିବା ବେଳକୁ ମାଙ୍କଡମାନେ ରାଗିଯାଇ ଗଛର ଡାଳସବୁ ଭାଙ୍ଗି ବୁଢା ବଳଦ ଉପରେ ଫିଙ୍ଗିଲେ । ବୁଢା ବଳଦଟି କାନ୍ଦି ପକାଇ କହିଲା, "ତୁମେମାନେ ମୋ ଉପରେ କାହିଁକି ଡାଳ ଫିଙ୍ଗୁଛ" ? ଏତିକି କହିବା ବେଳକୁ ମାଙ୍କଡମାନେ ହସିଦେଲେ ଓ କହିଲେ ଆରେ ବୁଢା ବଳଦ ଆମ ଗାଡିଆରେ ପାଣି ପିଇବୁ । ଆଉ ତୁ ଆମକୁ ମୁହଁରେ ମୁହଁରେ ଜବାବ ଦେବୁ ? ତେବେ ଦେଖ ତୋର ଅବସ୍ଥା କଣ ହେଉଛି; ଏହା କହି ମାଙ୍କଡ ମାନେ ବୁଢା ବଳଦ ଉପରେ ଡିଆଁ ମାରିଲେ । ବିଚରା ବୁଢା ବଳଦଟା ଦୁଃଖରେ କାନ୍ଦୁଥାଏ । ସେହି ଗଛରେ ଥାନ୍ତି ମହୁମାଛି । ବୁଢା ବଳଦର ଦୁଃଖ ସହି ନ ପାରି ମାଙ୍କଡମାନଙ୍କୁ କାମୁଡିବାକୁ ଲାଗିଲେ । ମାଙ୍କଡମାନେ ମହୁମାଛିଙ୍କ ମାନଙ୍କ କାମୁଡା ସହି ନ ପାରି ଜୀବନ ବିକଳରେ ସେହି ବଗିଚା ଛାଡି ପଳାଇଗଲେ । ବୁଢା ବଳଦଟି ମହୁମାଛି ମାନଙ୍କୁ ଧନ୍ୟବାଦ ଦେଲା ଓ ନିଜ ଘରକୁ ଫେରିଲା ।

●●●

# ସମାଜ ଓ HIV

ଟଙ୍କଧର ମାଝୀ
ଦଶମ ଶ୍ରେଣୀ

ମଣିଷ ଯେଉଁ ଦିନଠାରୁ ସୃଷ୍ଟିହେଲା ସେହି ଦିନଠାରୁ ରୋଗ ମଧ ଜନ୍ମ ନେଇଛି । ଶିକ୍ଷାର ପ୍ରସାର ଓ ଚିକିତ୍ସା ବିଜ୍ଞାନର ଅଗ୍ରଗତି ହେତୁ ଏହା ଦୂରୀଭୁତ ହେବାରେ ଲାଗିଛି । କ୍ୟାନସର ପରି ମାରାତ୍ମକ ରୋଗ ବିରୋଧରେ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ଉଦ୍ଭାବିତ ହୋଇଛି । ମାତ୍ର ଆଜି ମାନବ ସମାଜରେ ଏକ ଭୟଙ୍କର ରୋଗ ଦେଖାଦେଇଛି । ଯାହାର ନାମ 'ଏଡ଼୍ସ୍' । ଏହି ରୋଗର ନାମ ଶୁଣିଲେ ସମସ୍ତଙ୍କ ମନରେ ଆତଙ୍କ ସୃଷ୍ଟି ହେଉଛି । କାରଣ ଏହି ରୋଗକୁ ଆରୋଗ୍ୟ କରିବା ପାଇଁ କୌଣସି ଫଳପ୍ରଦ ଔଷଧ ନାହିଁ କି ପ୍ରତିଷେଧକ ଟୀକା ନାହିଁ । ଏଥିରେ ରୋଗୀର ମୃତ୍ୟୁ ସୁନିଶ୍ଚିତ ।

ଏଡ଼୍ସ୍ ସମ୍ପର୍କରେ ପ୍ରଥମ ସୂଚନା ୧୯୮୧ ମସିହାରେ ଯୁକ୍ତରାଷ୍ଟ୍ର ଆମେରିକାର ଜର୍ଜିଆ ପ୍ରଦେଶର ନିୟନ୍ତ୍ରଣ କେନ୍ଦ୍ରରୁ ମିଳିଥିଲା । ୧୯୮୬ ମସିହାରେ ପ୍ରଥମେ ତାମିଲନାଡୁରେ ଚିହ୍ନଟ କରାଯାଇଥିଲା । ବର୍ତ୍ତମାନ ଭାରତର ପ୍ରତ୍ୟେକ ରାଜ୍ୟରେ ଏହି ରୋଗ ଦେଖା ଦେଇଛି । ମେ ୨୦୦୬ ରେ UNAIDS ଦେଇଥିବା ରିପୋର୍ଟ ଅନୁଯାୟୀ ପୃଥିବୀରେ HIV / AIDS ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ପ୍ରାୟ ୩ କୋଟି ୮୬ ଲକ୍ଷ ହେବ । ଆମଦେଶରେ HIV ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ହେଉଛି ପ୍ରାୟ ୫୭ ଲକ୍ଷ । ଏଡ଼୍ସ୍‌ର ସଂକ୍ରମଣକୁ ରୋକା ନ ଗଲେ ଏହା ଆମ ଦେଶରେ ମହାମାରୀ ରୂପ ଧାରଣ କରିପାରେ । ଓଡିଶାରେ ୧୯୯୨ ମସିହାରେ ପ୍ରଥମ ଏଡ଼୍ସ୍ ରୋଗୀକୁ ଚିହ୍ନଟ କରାଯାଇଥିଲା । ମାତ୍ର ୨୦୦୫ ମସିହା ସୁଦ୍ଧା ଏହି ସଂଖ୍ୟା ପ୍ରାୟ ୨୩୦୬ ହେଲାଣି । ଏଡ଼୍ସ୍‌ରେ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ୨୮୫ । ଆମ ରାଜ୍ୟର ବାଲେଶ୍ୱର, ବଲାଙ୍ଗୀର, କଟକ, ଗଜପତି, ଗଞ୍ଜାମ, ଝାରସୁଗୁଡା, ଖୋର୍ଦ୍ଧା, କୋରାପୁଟ ଓ ସୁବର୍ଣ୍ଣପୁର ଜିଲ୍ଲାରେ ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ । HIV ସୁସ୍ଥଲୋକ ଶରୀରରେ ନିମ୍ନ ଲିଖିତ ଉପାୟରେ ପ୍ରବେଶ କରିଥାଏ । ଯଥା :-

a) ସଂକ୍ରମିତ ବ୍ୟକ୍ତି ସହ ଶାରୀରିକ ସମ୍ପର୍କ ଦ୍ୱାରା ।

b) ରକ୍ତ ଓ ରକ୍ତ ଉତ୍ପାଦନ ସଂକ୍ରମଣ ଦ୍ୱାରା ଏବଂ ବିଶୋଧିତ ହୋଇ ନ ଥିବା ଛୁଞ୍ଚ ବା ସିରିଞ୍ଜ ବ୍ୟବହାର ଦ୍ୱାରା ।

c) ସଂକ୍ରମିତ ମା' ଠାରୁ ଶିଶୁକୁ ।

ଲୋକମାନେ HIV ଦ୍ୱାରା ସଂକ୍ରମିତ ହେଲେ ମଧ ସେମାନଙ୍କଠାରେ ହଠାତ୍ କୌଣସି ଲକ୍ଷଣ ପ୍ରକାଶ ପାଏ ନାହିଁ । କେତେ ମାସ ବା କେତେ ବର୍ଷ ଏପରିକି ପ୍ରାୟ ୧୦ ବର୍ଷ ମଧରେ ଏହାର ଲକ୍ଷଣ ପ୍ରକାଶ ପାଏ । ସଂକ୍ରମିତ ବ୍ୟକ୍ତିମାନଙ୍କ ଶରୀରରେ HIV ଥାଏ ଏବଂ ଅନିଷ୍ଟକାରୀ ଏହି ରୋଗର ଲକ୍ଷଣ ଗୁଡିକୁ ମୁଖ୍ୟ ଲକ୍ଷଣ ଓ ଗୌଣ ଲକ୍ଷଣ ଭାବରେ ବିଭକ୍ତ କରାଯାଇଛି । ପ୍ରଥମଟି ୧) ମୁଖ୍ୟ ଲକ୍ଷଣ ୨) ଗୌଣ ଲକ୍ଷଣ । ଯେ କୌଣସି ଦୁଇଟି ମୁଖ୍ୟ ଲକ୍ଷଣ ସହ ଗୋଟିଏ ଗୌଣ ଲକ୍ଷଣ ଥିଲେ ଏଡ଼୍ସ୍ ହୋଇପାରେ ବୋଲି କୁହାଯାଏ ।

ଏହି ରୋଗଟି ଅତ୍ୟନ୍ତ ମାରାତ୍ମକ ହୋଇଥିଲେ ମଧ ଏହାକୁ ଏହାକୁ ସଚେତନତା ଦ୍ୱାରା ରୋକାଯାଇପାରେ । ଏହି ରୋଗଟିକୁ ରୋକିବାପାଇଁ ଜନସଚେତନାର ଆବଶ୍ୟକତା ରହିଛି । ଏହାପାଇଁ କୌଣସି ଫଳପ୍ରଦ ଚିକିତ୍ସା ଏ ପର୍ଯ୍ୟନ୍ତ ବାହାରି ନ ଥିବାରୁ "ନିବାରଣ ହିଁ ରୋଗର ଏକମାତ୍ର ଚିକିତ୍ସା" ।

HIV ସଂକ୍ରମିତ ବ୍ୟକ୍ତି ମାନଙ୍କୁ ସମାଜରୁ ବାସନ୍ଦ ନ କରି ସେମାନେ ଯେପରି ନିଜର ବ୍ୟବହାରରେ ପରିବର୍ତ୍ତନ ଆଣି ପାରିବେ ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ବିଶେଷ, ପରିବାର, ସ୍ୱାସ୍ଥ୍ୟକର୍ମୀ, ଗଣମାଧମ, ଓ ସ୍ୱେଚ୍ଛାସେବୀ ସଂଗଠନ ଅର୍ଥାତ୍ ସମଗ୍ର ସମାଜର ମିଳିତ ଉଦ୍ୟମ ଆବଶ୍ୟକ ।

ଏବେ ଯେପରି HIV ରୋଗୀଙ୍କ ସଂଖ୍ୟା ପୃଥିବୀରେ ବୃଦ୍ଧି ହେବାରେ ଲାଗିଛି ସେହିପରି ଯଦି ବଢିଚାଲେ ତେବେ ଆଗାମୀ କିଛି ବର୍ଷ ମଧରେ ପୃଥିବୀରୁ ମାନବ ସମ୍ବଳ ଧ୍ୱଂସ ପାଇବ ।

●●●

## ମାନ୍‌ମୀ ସିର୍ଜନ

ସବିତା ମାର୍ଣ୍ଡି

ଆଗମା ଦରେଆରେ କାରାମ ସିରାମ ଦାରାରେ
ହାସ୍ ହାସ୍‌ଲି ଡେଣେ ଦୁକିନ ବିଲି କେଆରେ
ଅନାବିଲ ଖନ୍ କିନ୍ ଅତକ୍ କେନାରେ ପିଲୁଚୁ ହାଲାମ୍
ପିଲୁଚୁ ବୁଢୀ ଆବ ମାନବୀ ହଲଗେ
ଅନାତାୟମ ବୟାଃ କିନ ବା ପାଲା ୟେନା ଆରେ ସଂସାରାଦ
ଏୟାୟ କୁଳି ଏୟାୟ କଲା
ଉନ୍‌କୁ କୋ ମେନ୍ କେଆ ଦେଶେ ଆୟ
ଦେଶେ ବାବା ଜାତିଦ୍ ବାବା ହାଟିଞ୍ଜବିନ୍
ସୀଗାଃ ଚାଞ୍ଚେଲେ ହାଣ୍ଡି କାଟେ ତୁୟୁ ଇଜ୍ ରାନୁ କାଟେ
ଜାତିଦ୍ ବାକା ହାଟିଞ୍ଜଆଲେବିନ୍ ।
କଲା କଦ୍ ଟୁଡୁ କଲା କୁନି କଦ ବେଣ୍ଡା କୁଳି
କଲା କୋ ଚାଲାଞ୍ଜିଏନ୍ ସେନ୍ଦ୍ରା
ଆର କୁନି ଦକୋ ଚାଲାଞ୍ଜିଏନ୍ ସାକାମ୍ ହେଚ୍
ବୁରୁ ରେକ ଞାପାମ୍ ଏନା
କୁପୁଲି ଏନାକୋ ଆପେ ଦୁମାଇଁ ଟିଲି ଜାତି
ଆଲେଦ ଦାଦା ବେଣ୍ଡା କୁଳି
କୁନି କ ମେନ୍ ଆପେ ଦ ଦାଦା ଟିଲି ଜାତି
ଆଲେ ଦୁମାଇଁ ଟୁଡୁ କଳି
ଉନକୁ ବାପାଲା ଆର ସଂସାର
କୋ ବେନାଓ୍ୱ କେଆ ରେ
ଅଣ୍ଡେଖନ୍ ଗେ ଆବ ମାନବୀ ବନ୍
ସିର୍ଜନ ଆକାନ୍ ।

●●●

## ହୃଃ ସମାଜ (ମୁଣ୍ଡା ସମାଜ)

ଭୂୟାଁ ମୁଣ୍ଡା
ସପ୍ତମ ଶ୍ରେଣୀ

ଦିକୁଲ ଜାତି ଚାମିନ୍ ସୁକୁ
ଆବୁଗ ଜାତି ଟିମିନ ଦୁକୁ
ଅଲ୍ ପଲାଓ ବାନଃ ତେଗେ ନିମିନ ଦୁକୁରେ ।
ବିଦ୍ୟା ବୁଦ୍ଧି ବାନଆଁ ତାବୁ
ଗିଆନ୍ ମର୍ଶାଲ ବାନଆଁ ତାବୁ
ସୁରୁକୁ ସମାଜ ଦାଆରେକୁ ଅୟାଁରେନ୍ ତାନା ... ।୧।
ସୁସୁନ୍ ଦୁରାଂବୁ ସମାଜ ଆୟାର ତାଡା
ବିର୍ ସାଙ୍ଗାର୍‌ବୁ ପାଇଲ ତାଡା
ଅକଏ ଯାକେଡ୍ ଅଲ ପଲାଓରେ ମନ୍‌ଗେ ବାନଆଁ ।୨।
ନିଦା ସିଙ୍ଗି ସୁସୁନ ଦୁରାଂ
ହାଟ ବଜାର ଡିଆଙ୍ଗ ବେପାର୍
ଚନଆକଗେବୁ ଆୟାର ତାଡା ଆବୁ ସମାଜରେ ।୩।
ଆବୁ ଜାତିରେ ଦାମା ଦୁମାଂ
ଡିଆଙ୍ଗ ମାଟିଆ ମେନାଃ ସୁମାଂ
ସବେନ ଜାଗାରେ ଆବୁ ଜାତି ଏସୁ ଲାଟାର୍ ରେ ।୪।
ଏତୟାବୁ ବିଦ୍ୟା ଆଙ୍ଗାର
ବାଇୟାବୁ ବିଦ୍ୟା ସଂସାର
ଦିସୁମ୍ ସମାଜ ସୁତାମରେବୁ ଗାଲାଂ ମିଶାନା ।୫।
ଆକ୍ ଦକ୍ ଦିକୁଗୟାନା
ଆକ୍ ବକ୍ ଜାବୁକ୍ ୟାନା
ଅଫିସ୍ କରେ କଚେରୀ କରେ ଆକ୍‌ଗେ ନ ଜରି ଟାନ୍ ।୬।
ବୁଦ୍ଧି ତେକ ମାରାଂ କାନା
ଶିୟାନ ତେକ ମାର୍ଶାଲକାନା
ସିରିମା ଗିମିଲ ହୟରେକ ଅପିରେନ ଟାନା ।୭।

ଆବୁଗେଦା ମୁରୁକୁ ଯାନା
ଆବୁଗେଦା ତୁଇଲି ଯାନା
ହନ୍ ଜାଇ କରେ ଜବୁ ପଲାଓ ନିରିକ । ୮ ।
ହାତୁ କରେ ଇସ୍କୁଲ ମେନା
ବାଜାର୍ କରେ କଲେଜ୍ ମେନା
ଜାଓଗେ ହନ୍ ଜବୁକୁଲ କଓା ଇସ୍କୁଲ କଲେଜ୍ ତେ । ୯ ।
ପାଲାଓ ରେଗେ ସାଇକେଲ ଗାଡି
ବିଦ୍ୟାରେଗେ ରେଡିଓ ଘଡି
ଅକନା ସନାଂ ପାଲାଓ ରେଗେ ସବେନ ବେଟା ନା ।୧୦।
ପଲାଓ ଓ୍ୱାକୁ କୁରୁମୁଟୁ
ଅଲେୟାବୁ ସାଟ୍‌ସଟ୍
ଅଫିସ୍ କରେ କଚେରୀ କରେ ଆବୁବୁ ନାକରୀଏ.. । ୧୧ ।
ଜାଙ୍ଗିନାବୁ ତୁଲିନାବୁ
ହାଗା ମିଶି ସବେନ ଆବୁ
ବିସୁମ ତାଲା ଭୁବନଶ୍ୱରବୁ ମାଣ୍ଡା ବେଟାୟା .. । ୧୨ ।
ବୁଗିନ ହରାବୁ ସେନେରେଦ
ଅବୁ ଜଲିବୁ ଟାଇନ ରେଦ
ଅକଏ ଜାକେଡ୍ ଅବୁ ସମାଜ କାଏ ଡେକଡେ .. । ୧୩ ।

●●●

## ହୁଡିଞ୍ଜ ହଲ ପସକାର୍ଥ ବାୟ ବୁଗୀୟା

ସାମୁ ହାଁସଦା
ସପ୍ତମ ଶ୍ରେଣୀ

ମିଦ୍‌ଗାଙ୍ଗ ଦାରେରେ ବାରୟା ସାକାମ ଚେଁଲେଁ କିନ୍ ତୁଳା ଲେଆ । ଅନା ତୁକାରେଦ ହାଘନ କଥ ତାହେ କାନା । ମିଦ୍ ଦିନ ମେଟାଙ୍ଗ ହାଟ୍ୟ ହେଞ୍ଜ କାତେ ଆନା ଦ୍ୱାରେ ରେ । ଗାସାଅ କାନାୟ ତାହେଁ । ଆଦ ସକାମ ଚେଲେଁ କିନ୍ ମେନ୍ ଏଆ । ଏହାତୀ ନଆ ଦାରେ ରେଦ ଆଲମ ଗାସାଃଥା । ହଙ୍ଗନ ତାଲିଞ୍ଜ କ ଞୁରିଆ ଆଦ ହାତୀ ମେନ୍ ବନଆ । ନୁକିନ ହୁଞ୍ଜଓ୍ୱ ହୁଡିଞ୍ଜ ଚେଁଲେ ଇଞ୍ଜ କିନ୍ ଧମକାଅ ଇଞ୍ଜ କାନାଃ । ତାୟମ ଉନି ହାତୀ ରାଗିଦେ କୁରେତେ ଦାରେରେ ଗାସାଅ ଏନା । ତାୟାମ ସକାମ ଚେଲେଁ ରାଗି ସାମାଲାଃ ଦାଲେ ଆବାଃ । ତାୟମ ହାତା ସାଲା ତପାଃ କିନ୍ ଏ ହଜ୍ କେଆ । ସକାମ ଚେଲେଃ ଏଟ୍ କିନ୍ ଉଡାଭ ଆଲଗଃ । କତେ ହାତୀଆ ଲୁତୁରିକିନ ବଲ ଏନା ଆର ଲୁତୁର ଭିତର କିନ୍ ଫେର୍ ଫେର୍ କେଜେୟା ତାୟାମ୍ ହାତୀ ଗାରଜାଅ କାତେ ଦାଲ୍ କେଆ । ତାୟମ ହାତୀ ମେନ୍ କେଆ ଏ ଚେଁଲେଁ ରାଜା ଆଲେବିନ ଅନଲା ଇଞ୍ଜ ଆର ନକାଦ ସେ ହ ବାଞ୍ଜ କାମିୟା । ଅନା ଖାତିର୍ ହୁଡିଞ୍ଜି ହଜଃ ପସକାଲ ନ ବାୟ ବୁଗିୟା ॥

●●●

## କୁମୁଦ ସତ୍ୟଯନା * (ସପ୍ନଟି ସତ୍ୟ ହେଲା)

ଭୂୟା ମୁଣ୍ଡା
ସପ୍ତମ ଶ୍ରେଣୀ

ମିସେ, ନିଦେ ଆ୦/ନଅଟା ସମୟ ହବା କାନା । ଜଗା ଆୟାଆ ମା, ବାବା, ଅଣ୍ଡ ଓ ମାରାଂବାଇ ସାବିତ୍ରୀ ମିଏଡ୍ ୱାରେକ୍ ଗିଟିଲେନା । ହଠାତ୍ ବାବା ମେନ୍‌ତେ ଜରତେ ରା ରା ତେ ଇଉ କେଡ୍‌ତେ ଉଠେୟାନା । ଜଗା ଆ ବାବା ଉଠେୟାନତେ ଜଗାକେ କୁଲି କିଏ ? ବାବୁ ଜଗା ଟିକେଓ ଜଗା ବରତେ ରାଃ ରାଃତେ କାଜି କେଡା, "ବାବା ଆଇଁ ମେଣ୍ଡ ଏସୁ ଚମତ୍କାର କୁମୁ ନେଲକେଡ ।" ବାବା, "ଚେକାନ କୁମୁମ ନେଲକେଡା କାଜିମେ ।" ବାବୁ "ବାବା, ଆଇଁ ନେଲା କାଡ୍ କୁମୁ ଆୟୁମେମ - "ମା ଓଣ୍ଡଓ ବାରଂବାଇ ସାବିତ୍ରୀ ଆବୁ ସବେନ ମେଣ୍ଡ କାର ଗାଡିରେ ବୁରୁ ହା ରାତେ ମିଏଡ୍ ଜାଗା ନେଲ୍‌ଚେବୁ ସେନ ଟାଇକେନା । ଅକନ ପାଏଚେକ ହୁଜୁର ଲେନା ଇଦୁ ରେଙ୍ଗେତେ କଲବଲ ରାଗ ଚାବା କାନ କୁଲେ, ବାଲୁ, ହାଟୀ, ସୁକୁରୀକ ଆବୁ ଜମ୍ ଲାଗିଡବେ ଆବୁଏ ଗାଳିକ ଏସେଡ ବିୟୁର କେଡା । ରାଗ କେଚେକ କାଜି କେଡା "ଆପେ ନାଆଃ କାଲେ ବାଗେଚେୟା । ଆପେ ହଃ ସମାଜ ଲାଗିଡତେ ଆଲେ ନିଦେ ସିଙ୍ଗି ରେଙ୍ଗେତେ ମେନାଲେୟା ଓଣ୍ଡଓ ଆଲେ ଟାଇନ୍ ଲାଗିଡ ଜାଗା କାଲେ ନାମେ ଟାନା । ହଃ ସମାଜ ବୁରୁ ଦାରୁ ରାପୁଡ କେଡ ଲାଗିଡ ତେ ଆଲେ ନାଆଁ ନିମିନ ଅସୁବିଧାରେ ମେନା ଲେୟା । ଆପେ ହଃ ସମାଜକ ମୁରକୁଚେ ବୁରୁଦାରୁପେ ରାପୁଡ ଚାବାଏ ଟାନା । ବୁରୁ ରେନ ବୁରୁ ଜନ୍ତୁ କ ସାଙ୍ଗାର୍ ଚାବା କଟାନା । ଯଦି ହଃ ସମାଜ ନେଲେକା ସବେନ୍ ଦିନ ବୁରୁଦାରୁ ବାପୁଡେୟା ଏନରେଦ୍ ଓଣ୍ଡଓ ମୁସଂ ଭବିଷ୍ୟତ ସମାୟରେ ହଃ ସମାଜ ମିଏଡ୍ ରେୟ ଦାରୁ କାଏ ମାସେୟାଁ ବିର ଜନ୍ତୁ କ ମିଏଡେରେୟ ଆଏ ନେଲ ନାମ କୱା । ବୁରୁଦାରୁ ଟାଇଲେନ ସମାୟରେ ହଃ ସମାଜ ଚିମିନ ସୁକୁରେଃ ଟାଇଲେନା ନିଜରା ଦରକାର ଜିନିଷ ବୁରୁଦାରୁଇ ତେ ନାମେ ଟାଇକେନା । ବୁରୁ ଜନ୍ତୁ କ ଟାଏ ତେ ଚିମିନ ଉପ୍‌କାର କ ନା ମେ ଟାଇ କେନା । କିନ୍ତୁ ନାଆଁ ନେନ୍ ସମାୟରେନ ହଃ କ ଇମିନ ମୁରୁକୁ ତେ ନିଜରାଃ ଜକଏ ଦରକାର । ଲାଗିଡ୍ ତେ ସବେନ ବୁରୁଦାରୁ ମାଆଁ କେଚେ ବୁରୁଦାରୁ ରାପୁଡେଟାନା । ବିର୍ ଜନ୍ତୁ କ ସାଙ୍ଗାର୍ ଚାବାକ୍‌ଟାନା । ବୁରୁଦାରୁ ଟାଇଲେନ୍ ଜାଗାରେ ହାଟୁ ଦିଶୁମ୍‌କ ବାଇଟାନା, ଓଣ୍ଡଓ ଏନ୍ ଜାଗାରେ କଲକାର୍‌କାନା ଦୁବେଟାନା । ଏନ୍ ଲାଗି ଡ୍‌ତେ କଲକାର୍‌କାନା ଏଚେ ଅଣ୍ଡଙ୍ଗଟାନ ସବେନ ମଇଲା ଗ୍ୟାସ୍ ହୟରେ ମିଶାନ ଟାନା । ଓଣ୍ଡଓ ଏନତେ ଅଣ୍ଡଙ୍ଗଟାନ ମଇଲା ଜିନିଷ ସାବି ଷ୍କଲି ମଇଲା ଚାବାଏ ଟାନା । ଏନ୍ ରେୟା ମଇଲା ଦାଆ ଗାଳା ଦାଆରେ ମିସେୟାତେ ଗାଳା ରେୟା ଦାଆ ମଇଲା ଚାବାଏ ଟାନା । ହଃ ସମାଜକ ଆପେ ମୁରୁକୁ ଲାଗିଡ୍ ତେ ନେନ୍ ସବେନ ଅସୁବିଧା ହବାଓ ଟାନା । ଆପେ ହଃ ସମାଜ ନେଲେକାକାଏ ପାଇଟି କେଡ ରେଦହନାଂ । ନାଆଁ ନେନ୍ ଅବସ୍ଟା କା ହବାୟାନା । ଏନାମେନ୍‌ତେ ସୁବିଧାରେ ଟାଇନ୍ ସାନାଙ୍ଗ ମେନା ରେଦ୍ ହଃ ସମାଜ ବୁରୁ ଦାରୁ କା ମାଏ ଚେୟା କାଜି । ବୁରୁ ଜନ୍ତୁକ କା ସାଙ୍ଗାର୍‌କ ଚେୟା କାଜି । ବୁରୁ ଦାରୁ ବାନଃ ଜାଗାରେ, ସାମାମେନା ପାଳିଏରେ ଦାରୁ ରୱାଏ ଚେୟା କାଜି । ଦାରୁ ସାମାଗେ ଗୱା ଟାରେଦ କାହୱାଅ ଏନ୍ ରେୟା ସବେନ୍ ଦାୟିତ୍ୱ ଇଦି କେଚେ ଦାରୁ ହାରା କେଚେ ବୁରୁଦାରୁ ବାଇଚେୟା ଦରକାର୍ ।

ଏନ୍‌ରେଦ ଅବୁ ସବେନ ଚିମିନ ସୁକୁରେ ବୁ ଟାଇନେ । ନାଆଁ ଆପେ ଆଲେୟା ହାବୁଡ୍‌ରେ ପେ ଟୱା କାନା ଆପେ ଆଲେୟା କାଜି ଯଦି କାପେ ଆୟୁମେୟାଁ, ଏନ୍ ହରାତେ କାପେ ପାଇଟିଏ ଏନ୍ ରେଦ ନାଆଁ କାଲେ ବାଗେ ପେୟା ଆପେ ଯଦି ବାଞ୍ଚା ଓ ସାନାଂ ମେନା ରେଦ ଚେନାପେ ଉକୁଟାନା, ମାର ଉତର ଏ୍ମ ଲେ ପେ ? ଏନ୍ କୁଲେ ବାଲୁ କୱା କାଜି ଆୟୁମ ତେ ଆଇଁ ଇମିନେଂ ବରକେଡା । ସାହାସ କେଚେଇଂ କାଜିଏକଟାନା, "ହଁ

ଆପେୟାଁ କାଜିଲେ ଆୟୁମେୟାଁ । ଆପେୟା କାଜି ହରାତେଲେ ପାଇଟିଏ । ନାଆଁ ଆଲେ ମେଣ୍ଡ ଜଗାନେଲ୍ ତେଲେ ସେନଃ ଟାନା । ଆଲେ ଆ ଆ ଟାଲେପେ । ଆଲେୟା ଜୀବନ ରିକା ଟାପେ ।" କୁଲେ ବାଲୁକ ଆୟାଁଆ କାଜିରେ ହର୍‌ରେୟାନତେ । ଆଲେକେ ଆ ଆ ଟାଡ୍‌ବୁତେ ଏନ୍ ଟାଏତେବୁ ସେନୟାନା ।" "ବାବା, ଆଇଁ କେନ୍ କୁମୁ ନେଲତେ ଇମିନେଂ ବରଏଟାନା ଆତେ ବାବା, ଆଇଁ ନେଲ୍ କାଡ୍ କୁମୁଦ ସଟଓ୍ୱାଚି ।" ବାବା, "ହଁ ବାବୁ ଜଗା ଆମ ନେଲା କାଡ୍ କୁମୁଦ ସଟଓ୍ୱା ।" ଜଗା, "ବାବା, ଏନରେଦ ଆବୁ ଟେନାବୁ ଚିକେୟା, ଅକନ ହରାତେ ବୁ ପାଇଟିଏ ।" ବାବା, "ଆରେ ବାବୁ ଜଗା, ଆମ ନେଲାକାଡ କୁମୁରେ କୁଲେ ବାଲୁକ କାଜିକେଡ୍ ଚେୟାଦ କାଟିମ୍ ସମଜାଓୟାନା ? ଆଜ୍ କାଜି କୋଡ୍ ହିସେବତେବୁ ପାଇଟିଏ । ଏନରେଦ ଆବୁଏ ଏସୁଗେ ଉପକାର ହବାଓ୍ୱା । ଏନାମେନତେ ଆବୁ ସବେନ ହୁଜୁଉ ହାପ୍ରା ଏତେ ମିଶେୟାନତେ ଆବୁ ଜାପା ବୁରୁଦାରୁ ବାନଃ ପାଲିଏ ଜାଗାରେ ଦାରୁବୁ ରଓ୍ୱାୟା । ଏନ୍‌ରେୟା ସବେ ଜତନ୍ ବାନ୍‌ବୁ ଇଦିଏ । ବୁରୁ ସଂସାରବୁ ବାଇଏ । ଅଣ୍ଡଓ ବୁରୁଦାରୁ କାବୁ ରାପୁଡେୟା, ବୁରୁ ଜନ୍ତୁକ କାବୁ ସାଙ୍ଗାର କଓ୍ୱା । ଏନ୍ ରେନାଂବାବୁ, ଆମ୍ ନେଲା କାଡ୍ କୁମୁ ହିସାବତେ ପାଇଟି ଦ ସତ ହବାଓ୍ୱା ।" ବାବୁ, "ଏନ୍‌ରେଦ୍ ବାବା ଗାପା ଆଇଁ ଆୟାଁଆ ସବେନ ସାଙ୍ଗ ଜୁଲିକ କାଜିଏ କଓ୍ୱା । ଆବୁ ସବେନ ମିଶେୟାନତେ ନେନ ପାଇଟିବୁ ପଇଟିଏ ।" ବାବା, "ଆରେ ବାବୁ ନେନ ପାଇଟିଦବୁ ପାଇଟି ଗେୟା, ଇମିନ ନିଦେ ସମାୟ ହବାୟାନ ଗେୟା ମାର୍ ଗିଡିଃ ଜମାବୁ ।" ଏନ୍‌ତାଏତେ ଆଲେ ଅଣ୍ଡଓ ମିଶେଲେ ଗିଡିୟେନେ ।

•••

